


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com


ବାଲେଶ୍ୱର ■ ମଙ୍ଗଳବାର, ୧୨ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 12 APRIL 2022
Vol.No. 33 ■ No. 96 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


## ଶାହବାଜ୍ ସରିଫ୍ ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୧/୦୪: ଶେଷରେ ବହୁ ଛକାପଞ୍ଝା ପରେ ପାକିସ୍ତାନର ବିରୋଧୀ ଦଳ ନେତା ଶାହବାଜ୍ ସରିଫ୍ ଦେଶର ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ପାକିସ୍ତାନର ୩ ଥରର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ସରିଫଙ୍କ ବଡ଼ ଭାଇ ତଥା ୭୦ ବର୍ଷୀୟ ଶାହବାଜ୍ ସରିଫ୍ ନୂଆ ଶାସନ ମୁଖ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଇମ୍ରାନ୍ ଖାନ୍ଙ୍କ ଦଳ ପାକିସ୍ତାନ୍ ତେହେରିକ-ଇ-ଇନସାଫ୍(ପିଟିଆଇ) ଦଳ ପକ୍ଷରୁ ପ୍ରାର୍ଥୀ ଭାବେ ଶାହ ମହ୍ମୋଦ୍ କୁରେଶିଙ୍କ ନାମ ଚୟନ କରାଯାଇଥିଲା। ହେଲେ ଇମ୍ରାନ୍ଙ୍କ ଦଳ ପିଟିଆଇର ଅଧିକାଂଶ ସଦସ୍ୟ ପାକିସ୍ତାନ ସଂସଦରୁ ଇସ୍ତଫା ଦେଇଥିଲେ। ଫଳରେ ଶାହ ମହ୍ମୋଦ୍ କୁରେଶି ପ୍ରତିଦ୍ୱନ୍ଦିତା କରିବାର ବାଟ ବନ୍ଦ ହୋଇଯାଇଥିଲା। ତେବେ ଗତ ଶନିବାର ଇମ୍ରାନ୍ଙ୍କ ବିରୋଧରେ ଅନାସ୍ଥା ପ୍ରାସ୍ତାବ ଭୋଟ୍ ଆଗତ ହୋଇଥିଲା। ଏହି ଫ୍ଲୋର ଟେଷ୍ଟରେ ଇମ୍ରାନଙ୍କ ବିପକ୍ଷରେ ସର୍ବାଧିକ ଭୋଟ୍ ପଡ଼ିଥିଲା। ପାକିସ୍ତାନ ସଂସଦରେ ହୋଇଥିବା ଭୋଟ ଗ୍ରହଣରେ ଇମ୍ରାନଙ୍କ ବିରୋଧରେ ୧୭୪ ଜଣ ସଦସ୍ୟ ମତ ଦେଇଥିଲେ। ପାକିସ୍ତାନ ସଂସଦର ବାଚସ୍ପତି ପଦରୁ ଅସଦ୍ କ୍ୱାଶିର୍ ଇସ୍ତଫା ଦେବା ପରେ ଆୟଜ୍ ସିଦ୍ଦିକ୍ ଗୃହର କାମଚଳା ବାଚସ୍ପତି ଭାବେ ଅଧକ୍ଷତା କରିଥିଲେ। ଏଥିପାଇଁ ଏକ କମିଟି ଗଠନ ହୋଇ ସିଦ୍ଦିକ୍ଙ୍କ ନାମ ଚୟନ କରାଯାଥିଲା। ଅବିଶ୍ୱାସ ଭୋଟ୍ ସପକ୍ଷରେ ୧୭୪ ସଦସ୍ୟ ମତଦାନ କରିଥିଲେ। ଫଳରେ ଇମ୍ରାନ୍ଙ୍କ ବିରୋଧରେ ବହୁମତ ଆସିବା ପରେ ତାଙ୍କ ପ୍ରଧାନମନ୍ତ୍ରୀ ପଦ ଚାଲିଯାଇଥିଲା। ଭୋଟ୍ ଗ୍ରହଣ ପରେ ସିଦ୍ଦିକ୍ ଏହି ଘୋଷଣା କରିଥିଲେ। ଏହା ପରେ ବିରୋଧୀ ଦଳ ନେତା ଶାହବାଜ୍ ସରିଫ୍ ନୂଆ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି।

## ବାଇଡେନ୍ଙ୍କ ସହ ଆଲୋଚନା କଲେ ମୋଦି



ନୂଆଦିଲ୍ଲୀ, ୧୧/୦୪ : ଆଜି ସନ୍ଧ୍ୟାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ଙ୍କ ମଧ୍ୟରେ ଭର୍ଚୁଆଲ ବୈଠକ ହୋଇଛି। ଉଭୟ ନେତାଙ୍କ ମଧ୍ୟରେ ଅନେକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ବିଷେଶ କରି ୟୁକ୍ରେନ୍-ରୁଷ ମଧ୍ୟରେ ଚାଲିଥିବା ଯୁଦ୍ଧର ଅନ୍ତ ନେଇ ସମାଧାନର ବାଟ ଉପରେ ଆଲୋଚନା ହୋଇଛି। ୟୁକ୍ରେନର ଯୁଦ୍ଧ ପରିସ୍ଥିତି ଚିନ୍ତାଜନକ ବୋଲି ମୋଦି କହିଛନ୍ତି। ସେହିପରି ୟୁକ୍ରେନ୍କୁ ଭାରତ ଯୋଗାଇଥିବା ସହାୟତା ସମ୍ପର୍କରେ ମୋଦି ବାଇଡେନ୍ଙ୍କ ସହ ଆଲୋଚନା କରିଛନ୍ତି। ୟୁକ୍ରେନ୍କୁ ମେଡିସିନ୍, ରିଲିଫ୍ ସାମଗ୍ରୀ ଆଦି ସହାୟତା ଯୋଗାଇ ଦେଇଛି। ରୁଷ-ୟୁକ୍ରେନ୍ ମଧ୍ୟରେ ଆରମ୍ଭ ହୋଇଥିବା ଆଲୋଚନାରୁ ଶାନ୍ତିର ସୂତ୍ର ବାହାରିବା ନେଇ ଭାରତ ଆଶା ରଖିଛି। ୟୁକ୍ରେନ୍ର ସାଧାରଣ ଲୋକଙ୍କ ସୁରକ୍ଷା ପ୍ରସଙ୍ଗ ନେଇ ଭାରତ ସର୍ବଦା ପ୍ରାଥମିକତା ଦେଇ ଆସିଛି। ବିନା ବାଧାରେ ୟୁକ୍ରେନ୍ରେ ଯେମିତି ମାନବୀୟ ସହାୟତା ପହଞ୍ଚିବାରିବ ଭାରତ ଗୁରୁତ୍ୱାରୋପ କରିଛି। ନିକଟରେ ବୁଚା ସହରରେ ଶତାଧିକ ନୀରହି ଲୋକ ଯୁଦ୍ଧରେ ପ୍ରାଣ ହରାଇବା ଅତ୍ୟନ୍ତ ଦୁଃଖଦାୟକ। ଆମେ ଏହାକୁ ଗଭୀର ଭାବେ ନିନ୍ଦା କରୁଛୁ ଏବଂ ଏହି ବର୍ବର ଆକ୍ରମଣର ଭାରତ ତଦନ୍ତ ଦାବି କରୁଛି। ଆଜି ବାଇଡେନଙ୍କ ସହ ଭେଟ ବେଳେ ମୋଦି ଏହା କହିଛନ୍ତି। ସେ କହିଛନ୍ତି ଯେ, ଗତ ସେପଟ୍ମ୍ବର ମାସରେ ୱାଶିଂଟନ୍ ଯାଇଥିଲି ଆପଣ ବିଶ୍ୱ ପ୍ରସଙ୍ଗ କଥା ଉଠାଇଥିଲେ। ଭାରତ-ଆମେରିକା ସହଯୋଗ ହିଁ ଅନ୍ତର୍ଜାତିକ ସ୍ତରରେ ଥିବା ଅନେକ ସମସ୍ୟାର ସମାଧାନର ମାର୍ଗ ଦେଇପାରିବ। ଯେହେତୁ ବିଶ୍ୱରେ ଭାରତ-ଆମେରିକା ଗଣତନ୍ତ୍ରରେ ସର୍ବ ପୁରାତନ ଏବଂ ସର୍ବବୃହତ୍ତର ସେଥିପାଇଁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବେଶ ଘନିଷ୍ଠ।

### ଗୁଇନ୍ଦା ନିର୍ଦ୍ଦେଶକ ଲଳିତ ଦାସ ହେଲେ ଗୃହ ବିଭାଗ ଓଏସଡି

ଭୁବନେଶ୍ୱର, ୧୧/୦୪ (ନି.ପ୍ର): ବଦଳିଲେ ଗୁଇନ୍ଦା ନିର୍ଦ୍ଦେଶକ। ବର୍ତମାନର ଗୁଇନ୍ଦା ନିର୍ଦ୍ଦେଶକ, ୧୯୯୨ ବ୍ୟାଚ୍ ଆଇପିଏସ୍ ଲଳିତ ଦାସଙ୍କୁ ଗୃହ ବିଭାଗ ଓଏସଡି ଭାବେ ନିଯୁକ୍ତି ଦିଆଯାଇଛି। ତାଙ୍କ ସ୍ଥାନରେ ୧୯୯୩ ବ୍ୟାଚ୍ର ଆଇପିଏସ୍ ଅତିରିକ୍ତ ପୋଲିସ୍ ଡିଜି ଆରପି କୋଚେଙ୍କୁ ଗୁଇନ୍ଦା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏସମ୍ପର୍କରେ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ଲୋକାର୍ପିତ



ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧/୦୪ (ନି.ପ୍ର): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା । କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ▶▶ପୃଷ୍ଠା ୭

### ପିଏମଜି ଅଫିସ ସାମନାରେ ସ୍ୱାମୀଙ୍କୁ ହତ୍ୟା, ସ୍ତ୍ରୀ ଗୁରୁତର

ଭୁବନେଶ୍ୱର, ୧୧/୦୪ (ନି.ପ୍ର): ରାଜଧାନୀରେ ବିଳମ୍ବିତ ରାତିରେ ଯୁବକଙ୍କୁ ହତ୍ୟା କରାଯାଇଛି। ପିଏମଜି ଅଫିସ ସାମନାରେ ଆଜି ସକାଳେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି । ତେବେ ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଦୁର୍ବୃତ୍ତଙ୍କ ଛୁରାମାଡ଼ରେ ସ୍ୱାମୀଙ୍କର ମୃତ୍ୟୁ ଘଟିଥିବା ବେଳେ, ସ୍ତ୍ରୀ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତି କରାଯାଇଛି। ଏହାଛଡ଼ା ସେମାନଙ୍କର ଛୋଟ ପିଲା ରହିଛି । ଖବର ପାଇ ଖାରବେଳ ନଗର ଥାନା ପୁଲିସ ପହଂଚି ଘଟଣାସ୍ଥଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ମୃତଦେହକୁ ଉଦ୍ଧାର କରିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ରକ୍ତ ନମୁନା ସଂଗ୍ରହ କରିଛି। ଏହି ମାମଲାରେ ପୋଲିସ ଯାଂଚ ଜାରୀ ରଖିଛି ।

## ଟ୍ୟାଙ୍କ ବିଧ୍ୱଂସକାରୀ କ୍ଷେପଣାସ୍ତ୍ର 'ହେଲିନା'ର ସଫଳ ପରୀକ୍ଷଣ



ନୂଆଦିଲ୍ଲୀ, ୧୧/୦୪ : ସ୍ୱଦେଶରେ ବିକଶିତ ହେଲିକପ୍ଟରରୁ ଲଞ୍ଚ କରାଯାଉଥିବା ଟ୍ୟାଙ୍କ ବିଧ୍ୱଂସକାରୀ କ୍ଷେପଣାସ୍ତ୍ର 'ହେଲିନା' ର ୧୧ ଏପ୍ରିଲ୍ ୨୦୨୨ ରେ ସଫଳତାପୂର୍ବକ ପରୀକ୍ଷଣ କରାଯାଇଛି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆରଡିଓ), ଭାରତୀୟ ସେନା ଏବଂ ଭାରତୀୟ ବାୟୁ ସେନାର ବୈଜ୍ଞାନିକଙ୍କ ଟିମ ଦ୍ୱାରା ଏହି ପରୀକ୍ଷଣ ୟୁଜର ଭାଲିଡେସନ ଟ୍ରାଏଲ୍ ର ଅଂଶ ଭାବରେ ଆୟୋଜିତ କରାଯାଇଥିଲା। ଏହି ପରୀକ୍ଷଣ ଏକ ଆଡ଼ଭାନ୍ସଡ଼ ଲାଇଟ ହେଲିକପ୍ଟର (ଏଏଲ୍ଏଚ) ରୁ କରାଯାଇଥିଲା ଏବଂ କ୍ଷେପଣାସ୍ତ୍ରକୁ ସିମୁଲେଟେଡ୍ ଟ୍ୟାଙ୍କ ଟାରଗେଟରେ ସଫଳତା ପୂର୍ବକ ଉତକ୍ଷେପଣ କରାଯାଇଥିଲା। କ୍ଷେପଣାସ୍ତ୍ରକୁ ଏକ ଇମେଜିଂ ଇନ୍ଫ୍ରାରେଡ୍ (ଆଇଆଇଆର) ସିକର ଦ୍ୱାରା ନିର୍ଦ୍ଦେଶିତ କରାଯାଇଥାଏ ଯାହା ଲଞ୍ଚ ପୂର୍ବରୁ ଲକ୍ ଅନ୍ ମୋଡରେ କାର୍ଯ୍ୟ କରିଥାଏ। ଏହା ବିଶ୍ୱର ଏକ ସବୁଠାରୁ ଆଧୁନିକ ଆଣ୍ଟି-ଟ୍ୟାଙ୍କ ଅସ୍ତ୍ର ମଧ୍ୟରୁ ଗୋଟିଏ। ଏହି ପରୀକ୍ଷଣ ସେନାର ବରିଷ୍ଠ କମାଣ୍ଡର ଏବଂ ଡିଆରଡିଓରର ବରିଷ୍ଠ ବୈଜ୍ଞାନିକଙ୍କ ଉପସ୍ଥିତିରେ କରାଯାଇ ଥିଲା। ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂ ଡିଆରଡିଓ ଏବଂ ଭାରତୀୟ ସେନାଙ୍କୁ ସେମାନଙ୍କର ଯୁଗ୍ମ କାର୍ଯ୍ୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ବିଭାଗର ସଚିବ ଏବଂ ଡିଆରଡିଓ ଅଧକ୍ଷ ଡ. ଜି ସତୀଶ ରେଡ୍ଡୀ କଠିନ ପରିସ୍ଥିତିରେ କରାଯାଇଥିବା ଏହି ପ୍ରଶଂସନୀୟ ପ୍ରଚେଷ୍ଟା ପାଇଁ ଟିମକୁ ଅଭିନନ୍ଦନ ଜଣାଇଛନ୍ତି।

## କୋଭିଡ-୧୯ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ଦାବି ଦାଖଲ ସମୟସୀମା ଧାର୍ଯ୍ୟ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୧/୦୪ (ନି.ପ୍ର): ୨୦ ମାର୍ଚ୍ଚ ୨୦୨୨ ପୂର୍ବରୁ କୋଭିଡ-୧୯ କାରଣରୁ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ନିମନ୍ତେ କ୍ଷତିପୂରଣ ଅର୍ଥରାଶି ପାଇବା ଲାଗି ୨୪ ମାର୍ଚ୍ଚ, ୨୦୨୨ ଠାରୁ ୬୦ ଦିନର ଅତିରିକ୍ତ ବାହ୍ୟ ସମୟସୀମା ଧାର୍ଯ୍ୟ କରାଯାଇଛି । ସେହିପରି ଭବିଷ୍ୟତରେ ହେବାକୁ ଥିବା କୋଭିଡ-୧୯ ମୃତ୍ୟୁ ପାଇଁ କ୍ଷତିପୂରଣ ନିମନ୍ତେ ସମୟସୀମା ମୃତ୍ୟୁ ତାରିଖ ଠାରୁ ୯୦ ଦିନ ମଧ୍ୟରେ ନିର୍ଦ୍ଧାରିତ କରାଯାଇଛି। ୨୦୨୧ର ରିଟ୍ ପିଟିସନ ସଂଖ୍ୟା ୧୮୦୫ରେ ହୋଇଥିବା ଏକାଧିକ ଆବେଦନ ଉପରେ ଶୁଣାଣି କରି ଗତ ୨୪ ମାର୍ଚ୍ଚ ୨୦୨୨ରେ ସମୟସୀମା ନିର୍ଦ୍ଧାରଣ ସଂକ୍ରାନ୍ତରେ ସର୍ବୋଚ୍ଚ ଅଦାଲତ ଏହି ରାୟ ଦେଇଛନ୍ତି । କୋଭିଡ-୧୯ ମୃତକଙ୍କ ପରିବାରବର୍ଗଙ୍କୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ ଆବେଦନ ଦାଖଲ କରିବା ନିମନ୍ତେ ସୁପ୍ରିମ୍କୋର୍ଟ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିଛନ୍ତି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣଙ୍କ ଘୋଷଣା ଅନୁଯାୟୀ ଏହି ସହାୟତା ପ୍ରଦାନ କରାଯିବ। କ୍ଷତିପୂରଣ ଦାବିର ଯାଂଚ ଏବଂ ଅର୍ଥ ପଇଠର ବାସ୍ତବ ଅବଧି ଦାବି ହସ୍ତଗତ ହେବାର ତିରିଶ ଦିନ ମଧ୍ୟରେ କରାଯିବ । ଏ ସଂକ୍ରାନ୍ତରେ ପୂର୍ବରୁ ଜାରି ଆଦେଶ ଲାଗୁ ହେବ । ତେବେ ସର୍ବୋଚ୍ଚ ନ୍ୟାୟାଳୟ ଏହି ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି ଯେ ଅତ୍ୟଧିକ କଠିନ ପରିସ୍ଥିତିରେ ଯେଉଁଠି କୌଣସି ଦାବିଦାର ନିର୍ଦ୍ଧାରିତ ସମୟ-ସୀମା ମଧ୍ୟରେ ଆବେଦନ କରିପାରିବେ ନାହିଁ ସେହି ଦାବିଦାର ଅଭିଯୋଗ ସମାଧାନ ସମିତି ମାଧ୍ୟମରେ ଏପରି କରିପାରିବେ । ଅଭିଯୋଗ ସମାଧାନ ସମିତି ମାମଲା ପରେ ମାମଲା ଆଧାରରେ ଏଭଳି ଦାବି ଉପରେ ବିଚାର କରିବ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ଦାବିଦାର ଦାବି କରିପାରୁନଥିବା ଏବଂ ଏହା ତାଙ୍କର ନିୟନ୍ତ୍ରଣ ବାହାରେ ଥିବା ଅଭିଯୋଗ ସମାଧାନ ସମିତି ହୃଦୟଙ୍ଗମ କଲେ, ଏପରି କ୍ଷେତ୍ରରେ ବ୍ୟତିକ୍ରମ ଆଧାରରେ ଦାବି ଉପରେ ବିଚାର କରାଯାଇ ପାରିବ ।

## ଭରୁଚର ରାସାୟନିକ କାରଖାନାରେ ବ୍ୟାପକ ବିସ୍ଫୋରଣ ୬ ଜଣ ଶ୍ରମିକଙ୍କ ମୃତ୍ୟୁ , ଜଣେ ଶ୍ରମିକ ନିଖୋଜ



ଅହମ୍ମଦାବାଦ, ୧୧/୦୪: ରବିବାର ବିଳମ୍ବିତ ରାତିରେ ଭରୁଚର ଏକ ରାସାୟନିକ କାରଖାନାରେ ବଡ଼ ଧରଣର ବିସ୍ଫୋରଣ ଘଟିଛି । ପ୍ଲାଂଟରେ ରାସାୟନିକ ପ୍ରତିକ୍ରିୟା ସମୟରେ ଏହି ବିସ୍ଫୋରଣ ଘଟିଥିଲା, ଯେଉଁଥିରେ ୬ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା । ଘଟଣା ପରେ ଜଣେ ଶ୍ରମିକ ନିଖୋଜ ଅଛନ୍ତି। ନିଆଁ ଏତେ ଭୟଙ୍କର ଥିଲା ଯେ, ଦୂରରୁ ଧୂଆଁ ବାହାରୁଥିଲା। ଘଂଟା ଘଂଟା ପରିଶ୍ରମ ପରେ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ନିୟନ୍ତ୍ରଣକୁ ଆଣିଥିଲେ । ସୂଚନା ଅନୁଯାୟୀ, ଦେହେଜ୍ ସ୍ଥିତ ଓମ୍ ଅର୍ଗାନିକ୍ କମ୍ପାନୀରେ ରାସାୟନିକ ପ୍ରକ୍ରିୟା ଚାଲିଥିଲା ବେଳେ ରବିବାର ରାତିରେ ହଠାତ୍ ବିସ୍ଫୋରଣ ହେତୁ ଏକ ବଡ଼ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି କର୍ମଚାରୀମାନେ ନିଆଁକୁ ଆୟତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ତେବେ ନିଆଁ ଏତେ ଭୟଙ୍କର ଥିଲା ଯେ, ରିଲିଫ ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ୬ ଜଣ ଶ୍ରମିକ ନିଆଁରେ ପୋଡ଼ିଯାଇ ମୃତ୍ୟୁବରଣ କରିଥିଲେ । ନିଆଁ ଲାଗିବା ଦ୍ୱାରା ସବୁକିଛି ଭସ୍ମ ହୋଇଯାଇଥିଲା । ନିଆଁ ଲାଗିବା ପରେ ଦମକଳ ଟିମ୍ ଘଂଟା ଘଂଟା ଧରି ପରିଶ୍ରମ କରିବା ପରେ ନିଆଁକୁ ଆୟତ କରିଥିଲେ । ଏହି ନିଆଁରେ ୬ ଜଣ ଜଳି ଯାଇଥିବା ବେଳେ ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି। ଏହି ଘଟଣାରେ ମୃତକଙ୍କ ପରିବାର ସଦସ୍ୟ ଗଭୀର ଆତଙ୍କିତ ହୋଇପଡ଼ିଛନ୍ତି ।

## ଶ୍ରୀଲଙ୍କାରେ ଆର୍ଥିକ ସଂକଟ : ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଇସ୍ତଫା ଦାବି ନେଇ ବଢ଼ିଲା ଜନତାଙ୍କ ପ୍ରତିବାଦ



ନୂଆଦିଲ୍ଲୀ, ୧୧/୦୪ : ଶ୍ରୀଲଙ୍କାରେ ଆର୍ଥିକ ପରିସ୍ଥିତି ଦିନକୁ ଦିନ ବିଗିଡିବାର ଲାଗିଛି । ହସ୍ପିଟାଲ ଗୁଡିକରେ ଅତ୍ୟାବଶ୍ୟକିୟ ଔଷଧର ଘୋର ଅଭାବ ଦେଖାଦେଇଛି । ଏହାରି ଭିତରେ 'ଶ୍ରୀଲଙ୍କା ମେଡିକାଲ ଆଶୋସିଏସନ' କହିଛି ଯଦି ଏଭଳି ସମସ୍ୟା ଲାଗିରହେ ତେବେ ମୃତ୍ୟୁ ସଂଖ୍ୟା କୋଭିଡ ଠାରୁ ବି ଟପିପାରେ । ଅନ୍ୟପଟେ ସୋମବାର ପୁଣି ରାଷ୍ଟ୍ରପତି ଭବନ ଘେରିଛନ୍ତି ଶ୍ରୀଲଙ୍କା ନାଗରିକ । ସେପଟେ ସେଂଟ୍ରାଲ ବ୍ୟାଙ୍କ ଗଭର୍ଣ୍ଣର ସରକାରଙ୍କୁ ବ୍ୟାଙ୍କ କାମରେ ହସ୍ତକ୍ଷେପ ନକରିବାକୁ ଅପିଲ କରିଛି । ନହେଲେ ଦେଶରେ ପରିସ୍ଥିତି ଆହୁରି ଅକ୍ରଟ ହୋଇଯିବ । ଶ୍ରୀଲଙ୍କାରେ ଆର୍ଥିକ ସଂଙ୍କଟ ବଢିବାରେ ଲାଗିଛି । ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ ଦେଖିବାକୁ ମିଳିଛି । ଯାହାକୁ ନେଇ ରାଜପକ୍ଷ ସରକାରଙ୍କ ବିରୁଦ୍ଧରେ ବଢିବାରେ ଲାଗିଛି ପ୍ରତିବାଦ । ସୋମବାର ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷଙ୍କ ଘର ସାମ୍ନାରେ ବିରୋଧ ପ୍ରର୍ଦ୍ଦଶନ କରିଛନ୍ତି ଶ୍ରୀଲଙ୍କା ନାଗରିକ । କଲମ୍ବୋରେ ଥିବା ବିଦେଶୀ ପର୍ଯ୍ୟଟକ ମଧ୍ୟ ପ୍ଲା କାର୍ଡ ଧରି ବିରୋଧ ପ୍ରଦର୍ଶନକରେ ସାମିଲ ହୋଇଛନ୍ତି । ସେପଟେ ଆଇନ ଶୃଙ୍ଖଳାକୁ ନଜରରେ ରଖି ସେନା ଓ ପୁଲିସ କର୍ମୀ ରାଷ୍ଟ୍ରପତିଙ୍କ ବାସ ଭବନ ସମ୍ମୁଖରେ ମୁତୟନ ରହିଛନ୍ତି । ଏହାରି ଭିତରେ ଦେଶର ଆର୍ଥିକ ସମସ୍ୟା ଦୁର କରିବାକୁ ଅନ୍ୟଦେଶ ଗୁଡିକୁ ସହାୟତାର ହାତ ବଢାଇବାକୁ ନିବେଦନ କରିଛନ୍ତି ବିରୋଧୀ ଦଳ ନେତା । ଭୟଙ୍କର ଆର୍ଥିକ ସମସ୍ୟାକୁ ନେଇ ଶ୍ରୀଲଙ୍କାରେ ସ୍ଥିତି ବିଗିଡିବାରେ ଲାଗିଛି । ଅତ୍ୟାବଶ୍ୟକିୟ ସାମଗ୍ରୀ ଓ ମେଡିସନର ଦରବୃଦ୍ଧି ସାଧାରଣ ଲୋକଙ୍କ ମାନସିକ ଚାପ ବଢାଇଦେଇଛି । ଦେଶରେ ଜରୁରୀ ଔଷଧ ୨୦ ପ୍ରତିଶତ ଅଧିକ ଦାମରେ ବିକ୍ରି ହେଉଛି । ଶ୍ରୀଲଙ୍କାରେ ଡାକ୍ତର ଖାନା ଗୁଡିକରେ ଅତ୍ୟାବଶ୍ୟକିୟ ମେଡିସିନର ମଧ୍ୟ ଘୋର ଅଭାବ ଦେଖାଦେଇଛି । ଯାହାକୁ ନେଇ ସତର୍କ ବାଣି ଶୁଣାଇଛି 'ଶ୍ରୀଲଙ୍କା ମେଡିକାଲ ଆଶୋସିଏସନ' । ଦେଶରେ ଯଦି ଆର୍ଥିକ ସମସ୍ୟା ଲାଗିରହେ ତେବେ ମୃତ୍ୟୁ ସଂଖ୍ୟା କୋଭିଡରୁ ବି ଟପି ଯିବ ବୋଲି କହିଛି 'ଶ୍ରୀଲଙ୍କା ମେଡିକାଲ ଆଶୋସିଏସନ' । ସେପଟେ ପେପର ▶▶ପୃଷ୍ଠା ୭

## ଜୁନିୟର ଆଥଲେଟ୍ଙ୍କୁ ସିନିୟରଙ୍କ ନିର୍ଯାତନା : ୩ ଗିରଫ

ଭୁବନେଶ୍ୱର, ୧୧/୦୪ (ନି.ପ୍ର): ଖେଳିବାକୁ ଆସିଥିବା ଜଣେ ଆଥଲେଟ୍ ଙ୍କୁ ସିନିୟରମାନେ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫଙ୍କ ମଧ୍ୟରେ ରାଉକେଲାର ୨ ଜଣ ଓ ପୋଷ୍ଟାଲର ଜଣେ ସିନିଅର ଆଥଲେଟ ରହିଛନ୍ତି। ଗିରଫ ୩ଙ୍କ ମଧ୍ୟରୁ ୨ ଜଣ- ସୂରଜ ଠାକୁର ଓ ଜଗନ୍ନାଥ ଦାସ ରାଉରକେଲା ଟିମ୍ ରୁ ଭାଗ ନେଇଥିଲେ। ସେହିପରି ଅନ୍ୟ ଜଣେ ଅଭିଯୁକ୍ତ ଆଶିଷ ପାତ୍ର ପୋଷ୍ଟାଲ୍ ଟିମ୍ ପକ୍ଷରୁ ଭାଗ ନେଇଥିଲେ। ଭୁବନେଶ୍ୱରର ଏକ ଘରୋଇ ୟୁନିଭର୍ସିଟି ହଷ୍ଟେଲରେ ରାଉରକେଲାର ସଂପୃକ୍ତ ଜୁନିଅର ଆଥଲେଟ ଉତ୍ପୀଡ଼ନର ଶିକାର ହୋଇଥିବାର ଅଭିଯୋଗ ହୋଇଛି। ଏସମ୍ପର୍କରେ ସମ୍ପୃକ୍ତ ଜୁନିୟର ଆଥଲେଟ୍ ମାଙ୍କ ସହ ଆସି ଗତକାଲି ଇନଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଆଜି ସେମାନେ ଭୁବନେଶ୍ୱର ଡିସିପିଙ୍କୁ ଭେଟିଥିଲେ। ସୂଚନା ଅନୁଯାୟୀ ପୀଡ଼ିତ ଆଥଲେଟଙ୍କ ଘର ରାଉରକେଲାରେ ହୋଇଥିବା ବେଳେ ସେ ଦଶମ ଶ୍ରେଣୀର ଛାତ୍ର । ତାଙ୍କ ବାପା ରାଉରକେଲାରେ ଟ୍ରାଫିକ ହାବିଲଦାର ଭାବେ କାର୍ଯ୍ୟରତ ଅଛନ୍ତି। ଗତ ୮ ▶▶ପୃଷ୍ଠା ୭

# ନ୍ୟାର୍ଯ୍ୟ ପାଉଣା ନପାଇ କର୍ମଚାରୀ ହନ୍ତସନ୍ତ

ଘସିପୁରା,୧୧/୦୪ (ନି.ପ୍ର): ଘଷିପୁରା ଜଣେ ବିଦ୍ୟାଳୟ କର୍ମଚାରୀ ନ୍ୟାର୍ଯ୍ୟ ପାଉଣା ନପାଇ ହନ୍ତସନ୍ତ ହେଉଥିବା ଜଣାପଡ଼ିଛି । ସୂଚନାରୁ ଜଣାଯାଏ, ଭାଗିରଥି ବାରିକ ଘସିପୁରା ଥାନା ଅନ୍ତର୍ଗତ ଖଲିଆମେଣ୍ଟକ୍ଷ ଧନେଇ ଉଚ୍ଚ ବିଦ୍ୟାପୀଠରେ ଦୀର୍ଘ ଦିନ ଧରି ୨୦୧୨ ମସିହାରୁ ରାତ୍ରି ଜଗୁଆଳି ଭାବେ କାର୍ଯ୍ୟ କରୁଥିବାବେଳେ ଗତ ଅକ୍ଟୋବର ମାସରେ ପାରିବାରିକ ଅସୁବିଧା ଯୋଗୁ ତାଙ୍କର ବେଲବାହାଳି କୁଣ୍ଡଳେଇ ଉଚବିଦ୍ୟାଳୟକୁ ଡେପୁଟେସନରେ ବଦଳି ହୋଇଯାଇଛି ।

ଇତିମଧରେ ନଅ ମାସ ବିତିଯାଇଥିଲେ ମଧ ଜୁଲାଇ ଠାରୁ ସେପଟ୍ମ୍ବର ୨୦୨୧ ଓ ଜାନୁଆରୀ ଠାରୁ ମାର୍ଚ୍ଚ ୨୦୨୨ ଛ ମାସ ର ବେତନ ମିଳିନଥିବା ଭାଗିରଥି ଅଭିଯୋଗ କରିଛନ୍ତି । ୧୧ ଜୁଲାଇ ଠାରୁ ସେପଟ୍ମ୍ବର ୨୦୨୧ ଯାଏ ବେତନ ମିଳିବା ନେଇ ସେତେବେଳର ଜିଲ୍ଲା ଶିକ୍ଷା ଅଧିକାରୀ ଚିଠି ଦେଇଥିବା ବେଳେ ଧନେଇ ଉଚ୍ଚ ବିଦ୍ୟାପୀଠ ରେ ଥିବା ପ୍ରଧାନ ଶିକ୍ଷକ ପ୍ରଫୁଲ ରାଜ ଏହାକୁ ପାଳନ କରିନଥିବା କାରଣରୁ ଆଜିଯାଏ ଉକ୍ତ ମାସର ବେତନ ମିଳିନଥିବା ବେଳେ ଏବେ ଜାନୁଆରୀରୁ ମାର୍ଚ୍ଚ ଯାଏ ମଧ ବେତନ ମିଳିନଥିବା କାରଣରୁ ବିଚରା ରାତ୍ରି ଜଗୁଆଳି ଭାଗିରଥିର ପରିବାର ଭୋକ ଉପବାସରେ ଛଟପଟ ହେଉଛନ୍ତି । ଭାଗିରଥି ର ନ୍ୟାର୍ଯ୍ୟ ପାଉଣା ତୁରନ୍ତ ପ୍ରଦାନ ନିମନ୍ତେ ସେ ଅନୁରୋଧ କରିଛନ୍ତି ।

# ଅସାବଧାନତା ପାଇଁ ୬ ବର୍ଷର ଶିଶୁ ପାଣିରେ ବୁଡି ମୃତ୍ୟୁ

କନ୍ଧମାଳ ,୧୧/୦୪ (ନି.ପ୍ର): କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ ପିକରଡି ଗ୍ରାମପଂଚାୟତ ର ପାଙ୍ଗାବିଦିଙ୍ଗିଆ ଗ୍ରାମର ନାଗାର୍ଜୁନ ମଲିକଙ୍କ ୬ବର୍ଷର ପୁଅ ପ୍ରବାସ ମଲିକ ରାସ୍ତା କାମ କୁ ପାଣି ନେବା ପାଇଁ ଖୋଲାଯାଇଥିବା ପାଣି ଭର୍ତ୍ତି ଗାତ ପାଣିରେ ବୁଡି ମୃତ୍ୟୁ ହୋଇଯାଇଛି ।ସୂଚନା ସୂଚନା ଅନୁଯାୟୀ ସେହି ଅଂଚଳ ରେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ କାର୍ଯ୍ୟ କରୁଥିବା ଠିକାସଂସ୍ଥା ପାଣି କାମରେ ବ୍ୟବହାର କରିବା ନିମନ୍ତେ ଏକ ବହୁତ ବଡ ଜଳାଶୟ ଗାତ ଖୋଳିଥିଲେ । ସେହି ଗାତରେ ପ୍ରାୟ ୭ ଫୁଟ ପାଣିର ପୂର୍ଣ ଥିବା ବେଳେ ତିନି ଜଣ ଛୋଟ ପିଲା କୌଣସି କାରଣରୁ ସେହି ପାଣି ରେ ପୂର୍ଣ୍ଣ ଜଳାଶୟ ରେ ପହଂଚି ଥିଲେ ଓ ଦୁର୍ଭାଗ୍ୟ ବଶତଃ ସେହି ଜଳାଶୟ ରେ ପ୍ରବାସ ମଲିକ (୬)ନାମକ ଶିଶୁର ସେହି ପାଣିରେ ବୁଡିଯିବା ଦେଖି ସାନ ଦୁଇଜଣ ୩ଓ ୪ବର୍ଷ ର ପିଲାମାନେ ନିକଟରେ ଖେଳୁଥିବା ଯୁବଗୋଷ୍ଠୀ ଙ୍କୁ ଡାକିଥିଲେ ପରେ ସେମାନେ ପାଣି ଭିତରେ ପଶି ପ୍ରବାସ ଙ୍କୁ ପାଣିରୁ ଉଦ୍ଧାର କରି ପରିବାର ଲୋକ ସଙ୍ଗେ ତୁରନ୍ତ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ସେହି ବାଳକର ମୃତ୍ୟୁ ଖବର ପାଇ ଟିକାବାଲି ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଂଚି ଶବ ଜବତ କରି ଶବକୁ ବ୍ୟବଛେଦ କରିବା ନିମନ୍ତେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠେଇ ବ୍ୟବଛେଦ ପରେ ଶବକୁ ପରିବାର ହାତରେ ହସ୍ତାନ୍ତର କରିଥିବା ଜଣାପଡିଛି ।ଏନେଇ ଟିକାବାଲି ପୋଲିସ ଏକ ଅପମୃତ୍ୟୁ ମାମଲା ୨/୨୨ ରେ ରୁଜୁ କରି ଅଧିକା ତଦନ୍ତ କରୁଥିବା ଜଣା ପଡିଛି ଏବଂ ଏହି ମାମଲାର ତଦନ୍ତ ଦାୟିତ୍ୱ ଏ.ଏସ୍.ଆଇ ବାସନ୍ତି ବେହେରା ଥିବା ବେଳେ ଏ ଘଟଣା ବିଷୟରେ ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି ।

# ଆନନ୍ଦ ଉଲ୍ଲାସରେ ପାଳିତ ହେଲା ଶ୍ରୀରାମ ନବମୀ ମହୋତ୍ସବ

କେନ୍ଦ୍ରାପଡ଼ା,୧୧/୦୪ (ନି.ପ୍ର): କେନ୍ଦ୍ରାପଡା ସହର ସମେତ ଆଖପାଖ ଅଂଚଳରେ ଥିବା ଶ୍ରୀରାମ ମନ୍ଦିର ମାନଙ୍କରେ ଆନନ୍ଦ ଉଲ୍ଲାସରେ ଶ୍ରୀରାମ ନବମୀ ମହୋତ୍ସବ ପାଳିତ ହୋଇଯାଇଛି । ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ୍ୱକାଳ କରୋନା କଟକଣା ପାଇଁ ମନ୍ଦିର ମାନଙ୍କର ସାର୍ବଜନିନ ପୂଜା ଉତ୍ସବ ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ଏହା ଧୁମଧାମରେ ପାଳନ କରାଯାଇ ଥିବା ଜଣାପଡିଛି । ରବିବାର ବଡି ସକାଳୁ ବିଭିନ୍ନ ମନ୍ଦିରମାନଙ୍କରେ ଭକ୍ତ ଶ୍ରଦ୍ଧାଳୁମାନଙ୍କର ଭିଡ ପରିଲକ୍ଷିତ ହୋଇଥିଲା । ପ୍ରସିଦ୍ଧ ସନ୍ଥ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଗରାପୁର ସ୍ଥିତ ହନୁମାନ ମନ୍ଦିର ପରିସରରୁ ଏକ ବିରାଟ ଶ୍ରୀରାମ ଝଣ୍ଡା ଶୋଭାଯାତ୍ରା ବାହାରି ନାମ ସଂର୍କୀତନ ସହ ନଗର ପରିକ୍ରମା କରିଥିଲା । ଶତାଧିକ ପୁରୁଷ ମହିଳା ଭକ୍ତମାନେ ଏହି ଶୋଭାଯାତ୍ରାରେ ଅଂଶ ଗ୍ରହଣ କରି ନଗର ପରିକ୍ରମା କରିଥିଲେ । ସେହିଭଳି ଶ୍ରୀ ବଳଦେବଜୀୟୁଙ୍କ ମନ୍ଦିର ପରିସରରେ ଥିବା ଶ୍ରୀରାମ ବିଗ୍ରହଙ୍କ ଠାରେ ସ୍ୱତନ୍ତ୍ର ପୂଜାପାଠ କରାଯାଇ ଥିବା ଜଣାପଡିଛି । ଗୋପ ଶ୍ରୀରାମ ମନ୍ଦିର, ତିନୁମୁହାଣୀ ଶ୍ରୀରାମ ମନ୍ଦିର, ତଳବାରଙ୍ଗ ଶ୍ରୀରାମ ମନ୍ଦିର ମାନଙ୍କର ମଧ ଭକ୍ତମାନଙ୍କ ଗହଳି ଲାଗି ରହିଥିଲା । ଶ୍ରୀରାମ ନବମୀ ଉପଲକ୍ଷେ ସ୍ୱତନ୍ତ୍ର ପୂଜା ପାଠ ସହ ହୋମଯଜ୍ଞ ଅନୁଷ୍ଠାନ, ନାମ ସଂର୍କୀତନ, ମାନସ ପାରାୟଣ ଆଦି ସ୍ୱତନ୍ତ୍ର ଭାବେ କରାଯାଇ ଥିବା ଜଣାପଡିଛି । ଏସବୁ ମନ୍ଦିରମାନଙ୍କରେ ଭକ୍ତଙ୍କ ଗହଳିକୁ ଲକ୍ଷ୍ୟ କରି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଥିବା ଜଣାପଡିଛି ।

# ଖଜୁରିପଡାରେ ୩୮ତମ ଜିଲ୍ଲା ସ୍ତରୀୟ ବିଜ୍ଞାନ ଗଣିତ ପରିବେଶ ପ୍ରଦର୍ଶନୀ ମେଳା ଉଦ୍ଯାପିତ

କନ୍ଧମାଳ ,୧୧/୦୪ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡା ସଦରମହାକୁମା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଦୁଇଦିନ ଧରି ଆୟୋଜିତ ହେଉଥିବା ବିଜ୍ଞାନ ଗଣିତ ଓ ପରିବେଶ ପ୍ରଦର୍ଶନୀ ମେଳା ୨୦୨୧-୨୨ ଉଦଯାପିତ ହୋଇଯାଇଛି ।ଏହା ପୂର୍ବରୁ ଜିଲ୍ଲାର ସମସ୍ତ ବ୍ଲକରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ସମସ୍ତ ବ୍ଲକରୁ ୬ ଜଣ ଲେଖାଏଁ ଛାତ୍ରଛାତ୍ରୀ ଜିଲ୍ଲା ସ୍ତରୀୟ ପ୍ରଦର୍ଶନୀ ପାଇଁ କୃତିତ୍ୱ ଅର୍ଜନ କରିଥିଲେ । ଏହି ଜିଲା ସ୍ତରୀୟ ବିଜ୍ଞାନ ମେଳା ଆୟୋଜନ ପାଇଁ ଖଜୁରୀପଡା ସରକାରୀ ଉଚ୍ଚବିଦ୍ୟାଳୟକୁ ଦାଇତ୍ୱ ମିଳିଥିବା ବେଳେ ସୁରୁଖୁରୁରେ ଏଠାରେ ଦୁଇ ଦିନ ଧରି ଆୟୋଜିତ ହୋଇଥିବା ବିଜ୍ଞାନ ମେଳା ସମ୍ପୂର୍ଣ୍ଣ ହୋଇଛି ।ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଜୁରୀପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ରନାଥ କହଁର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ତହସିଲଦାର ଶ୍ରୀମତୀ ସ୍ୱପ୍ନିତା ନାୟକ ବିଇଓ ବିନୋଦ କୁମାର ଦିଗାଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ଜୋସ୍ନାରାଣୀ ମଲିକ ପ୍ରଧାନ ଶିକ୍ଷୟତ୍ରୀ ସିବାରାଣୀ ମଲିକ ଙ୍କ ସହ କଂଗ୍ରେସ ନେତା ପିତାମ୍ବର ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଖଜୁରୀପଡା ପଂଚାୟତ ସମିତି ଅଧକ୍ଷା ସୁଶ୍ରୀ ଅନିମା କହଁର ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଖଜୁରୀପଡା ୪ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଇଂ.ଶ୍ରୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ ବ୍ଲକ ସ୍ତରରେ କୃତି ଅର୍ଜନ କରିଥିବା ସମସ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ଜିଲ୍ଲା ସ୍ତରୀୟ ଏହି ବିଜ୍ଞାନ ମେଳାରୁ ଫୁଲବାଣୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ର ସାଜିଦ ଖାନ୍ ଟିକ୍ରିପଡା ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରୀ ରଶ୍ମିରେଖା ମାଝି କୁଡୁତେଲି ଆଦର୍ଶ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ରୀ ଜିଜ୍ଞାସା ପ୍ରୀୟଦର୍ଶିନି ସାହାଣୀ ଖଜୁରୀପଡା ସରକାରୀ ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରୀ ଭାଗ୍ୟସ୍ମୀତା ପାଢ଼ୀ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ଛାତ୍ର ସ୍ନେହାଶିଷ ପଣ୍ଡା ଜିଲ୍ଲା ସ୍ତରରେ କୃତିତ୍ୱ ହୋଇ ରାଜ୍ୟ ସ୍ତରୀୟ ପ୍ରତିଯୋଗୀତା ରେ ଅଂଶ ଗ୍ରହଣ ପାଇଁ ଚୟନ ହୋଇଛନ୍ତି ।ମୋ ସ୍କୁଲ ଅଭିଯାନ କମିଟି ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ପଙ୍କଜ କୁମାର ପ୍ରଧାନ ଜିଲ୍ଲା ପରିଦର୍ଶକ ଅଶୋକ କୁମାର ପାତ୍ର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ କୁମାର ସାହୁ ଆୟୋଜକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସିବାରାଣୀ ମଲିକ ପ୍ରମୁଖ ମଂଚସିନ ରହି ଅତିଥି ଙ୍କ ସହ ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ ।ଶିକ୍ଷକ ମାନଙ୍କ ମଧରେ ରାମଚନ୍ଦ୍ର ବେହେରା ମଂଚ ପରିଚାଳନା କରିଥିବା ବେଳେ ରଙ୍କନିଧିଯ ବେହେରା କୈଳାଶ ଚନ୍ଦ୍ର ସ୍ୱାଇଁ ରାମଚନ୍ଦ୍ର ଦାସ ରଜତ କୁମାର ପାଢ଼ୀ ଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ବିଭିନ୍ନ ଦାଇତ୍ୱ ନେଇ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ । ସେହିଭଳି କନ୍ଧମାଳ ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନେ ଏହି ମେଳାକୁ ନିମନ୍ତ୍ରିତ ହୋଇ ଅଂଶ ଗ୍ରହଣ କରିଥିଲେ ।ଜିଲ୍ଲା ର ବିଭିନ୍ନ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ଖଜୁରୀପଡା ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ସମସ୍ତ ସହଯୋଗ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମାଜସେବୀ ଲଳିତ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବଲାଙ୍ଗୀର ,୧୧/୦୪ (ନି.ପ୍ର): ପବିତ୍ର ରାମ ନବମୀ ତିଥିରେ ସ୍ୱର୍ଗତ ଲଳିତ ନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାନୀୟ କେବିକେ ଆଇଟିଆଇ ପରିସରରେ ଉନ୍ମୋଚିତ ହୋଇଯାଇଛି । ଏହାକୁ ଟୁକୁନି ସାହୁ କ୍ୟାବିନେଟ ମନ୍ତ୍ରୀ ଶିଶୁ ବିକାଶ ଓ ମହିଳା ସଶକ୍ତିକରଣ ବିଭାଗ ମୁଖ୍ୟ ଅତିଥି, ସୁବାସ ଚନ୍ଦ୍ର ସିଂ ରାଜ୍ୟସଭା ସାଂସଦ ଓ କଟକ ମହାନିଗମ ମେୟର ଉଦ୍‌ଘାଟିକ ଓ ମହୀଧର ରଣା ବିଧାୟକ କଂଟାମାଳ ନିର୍ବାଚନ ମଣ୍ଡଳି, ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତି ମୂର୍ତ୍ତି କୁ ଉନ୍ମୋଚିତ କରିଥିଲେ ଓ ମଂଚାସିନ ଥିଲେ । ଅନ୍ୟମାନଙ୍କ ମଧରେ ଲଳିତ ନାୟକ ସ୍ମୃତି କମିଟିର ସଭାତି ପ୍ରଭାସ ପାଣିଗ୍ରାହୀ, ଅଧକ୍ଷ ଜ୍ୟୋତି ରଂଜନ ନାୟକ, ସଂପାଦକ ପ୍ରଭାକର ମିଶ୍ର, ସହ-ସଂପାଦକ ରତନ କୁମାର ମାହାରଣା, ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ, ଲଳିତ ନାୟକ ଫାଉଣ୍ଡେସନର ଅଧକ୍ଷ ଦିପକ ରଂଜନ ନାୟକ ଓ ସତ୍ୟସୁନ୍ଦର ଭଂଜ ବରିଷ୍ଠ ସାମ୍ବାଦିକ ମଂଚାସିନ ଥିଲେ । ଏହି ସଭାରେ ଅଧକ୍ଷତା କରିଥିଲେ ସଭାପତି ପ୍ରଭାସ କୁମାର ପାଣିଗ୍ରାହୀ । ଅତିଥିମାନେ ଲଳିତ ନାୟକଙ୍କର ଶ୍ରମିକ, କର୍ମଚାରୀ, ଖଟିଖିଆ, ମଜୁରିଆମାନଙ୍କର ଏକମାତ୍ର ଭରସା ଥିବା କଥା ସ୍ୱିକାର କରିଥିଲେ । ସେ କେବଳ ବଲାଙ୍ଗିର ନୁହେଁ ସମଗ୍ର ଓଡିଶାର ଦଳିତ, ନିସ୍ପେଷିତ ଜନତାର ସେବା କରୁଥିଲେ । ଲଳିତ ନାୟକଙ୍କର ଏକ ପୂର୍ଣ୍ଣାବୟବ ପ୍ରତି ମୂର୍ତ୍ତି ସହରର ଏକ ଜନଗହଳି ସ୍ଥାନରେ ପ୍ରତିଷ୍ଠା କରାଯିବା ନେଇ ଅତିଥିମାନଙ୍କୁ ଦାବି କରାଯାଇଥିଲା ଓ ପ୍ରତ୍ୟୁତରରେ ମାନନୀୟ ମନ୍ତ୍ରୀ ଓ ମାନ୍ୟବର ମେହେର ତଥା ମାନ୍ୟବର ବିଧାୟକ ପ୍ରକାଶ କରିଥିଲେ ଯେ ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ପାଖରେ ଆଗାମୀ ଦିନରେ ଆଲୋଚନା କରି ନିର୍ଶ୍ଚିତ ଭାବରେ ଏକ ପୂର୍ଣ୍ଣବୟବ ପ୍ରତି ମୂର୍ତ୍ତି ସ୍ଥାପନ କରାଯିବ, ଯାହାକି ଲଳିତ ନାୟକଙ୍କ ପାଇଁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ । ଏତଦ୍ ବ୍ୟତିତ ସ୍ମୃତି କମିଟି ଓ ଫାଉଣ୍ଡେସନର କର୍ମକର୍ତ୍ତାମାନଙ୍କୁ ପରମର୍ଶ ଦେଇ ଶ୍ରୀ ସିଂ କହିଥିଲେ ଯେ ସ୍ୱର୍ଗତ ଲଳିତ ଦାଙ୍କ ପୁତୁରା ଦ୍ୱୟଙ୍କୁ ସମସ୍ତେ ସାହାଯ୍ୟ କରି ଦଳିତ, ନିସ୍ପେସିତ, ଖଟିଖିଆ ଦିନ ମଜୁରିଆ ତଥା ଅନ୍ୟାନ୍ୟ ଅନଗ୍ରସର ବର୍ଗର ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରିବେ ଯାହା ଲଳିତ ଦାଙ୍କ ଆତ୍ମାକୁ ଶାନ୍ତିରେ ରଖିବ । ଆଜିର ସଭାକୁ ସଂଯୋଜନା କରିଥିଲେ ବରିଷ୍ଠ ସାମ୍ବାଦିକ ସତ୍ୟ ସୁନ୍ଦର ଭଞ୍ଜ ଓ ବକ୍ତବ୍ୟ ରଖିଥିଲେ ବରିଷ୍ଠ ସାମ୍ବାଦିକ ଓଟିଭି ମନରଂଜନ ଯୋଷୀ, ସମ୍ବାଦିକ ଧରିତ୍ରୀ ବିରେନ୍ଦ୍ର କୁମାର ଝାଙ୍କର, ନରସିଂ ଦୀପ, ଲୋଟସ ଷଡଙ୍ଗୀ, ପ୍ରତାପ ଚନ୍ଦ୍ର ରଥ, ସୋମନାଥ ମିଶ୍ର ଉପସ୍ଥିତ ଥିଲେ । ବିଷ୍ଣୁ ପ୍ରସାଦ କେଡିଆ, ଲକ୍ଷ୍ମଣ କୁମାର ମେହେର, ଉଚିତ ଚନ୍ଦ୍ର ପଣ୍ଡା, ଜୟ ପ୍ରକାଶ ପଣ୍ଡା, ଚାଇନା ମହାନ୍ତି, ସୁନିଲ ପାଣ୍ଡିଆ, ବିବେକା ପଟେଲ, ପୁଲିନ ମିଶ୍ର, ସଂଜିବ ସାହୁ, ସରିତା ଦାସ, ଆଇଟିଆଇର ଛାତ୍ର ଛାତ୍ର ତଥା ଶିକ୍ଷକବୃନ୍ଦ, ବିଭିନ୍ନ କର୍ମଚାରୀ, ଶ୍ରମିକ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଉତ୍ସାହିତ କରିଥିଲେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ସଂପାଦକ ପ୍ରଭାକର ମିଶ୍ର ।

# ଓଡିଶା ଅମଲା ସଙ୍ଘ ଜୟପୁର ସବ ୟୁନିଟର ବୈଠକ

ଜୟପୁର,୧୧/୦୪ (ନି.ପ୍ର): ଓଡ଼ିଶା ଅମଲା ସଂଘ ଜୟପୁର ସବ୍ ୟୁନିଟ ତରଫରୁ ଶଶୀ ଭୂଷଣ ଦାଶ୍ ଙ୍କ ନେତୃତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ଶ୍ରମିକ ଭବନ ଠାରେ ଅନୁଷ୍ଠିତ ଏଥିରେ ଲକ୍ଷ୍ମୀ ନାରାୟଣ ଦାଶ୍ ବିଭାଗୀୟ ଅଧିକାରୀ ବାଣିଜ୍ୟ କର ବିଭାଗ ଜୟପୁର ସଭାପତିତ୍ୱ କରିଥିଲାବେଳେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ, ବରିଷ୍ଠ ସହକାରୀ ଓ କନିଷ୍ଠ ସହକାରୀ ନିଜ ନିଜର ବକ୍ତବ୍ୟ ପ୍ରତିପାଦନ କରିଥିଲେ । ସମସ୍ତ ଅମଲା ସଂଘ ର ସଦସ୍ୟ ଓ ଅମଲା ମାନେ ସରକାର ଙ୍କ ପାତର ଅନ୍ତର ନିତି କୁ ନିନ୍ଦା କରିବା ସହ ସମାନ କାମ କୁ ସମାନ ଦରମା ଦାବି କରିଥିଲେ । ଅମଲା ମାନଙ୍କ ବେତନ ବୃଦ୍ଧି କରିବା ଯଥା ଏଂଟ୍ରି ଗ୍ରେଡ ଟଙ୍କା ୪୨୦୦/- ଯାହାକି ସରକାର ସ୍ତରରେ ଦିର୍ଘ ଦିନରୁ ପଡ଼ି ରହିଛି ତାହା ତୁରନ୍ତ ଲାଗୁ ନ କଲେ ସଂଘ ଆନ୍ଦୋଳନ କୁ ଜୋରଦାର କରିବା ସହିତ ରାଜ ରସ୍ତା କୁ ଅହ୍ଲାଇବା ନେଇ ଚେତାବନୀ ଦେଇ ଛନ୍ତି । ପରି ଶେଷରେ ଦିର୍ଘ ଆଠ ବର୍ଷ କାଳ ଅଚଳ ହୋଇପଡିଥିବା ଜୟପୁର ଅମଲା ସଂଘ କୁ ଜିବନ୍ୟାସ ଦେଇଥିବା ଯୋଗୁଁ ଶଶୀ ଭୂଷଣ ଦାଶ ଅମଲା ସଂଘ ଆବାହକ ଙ୍କୁ ସମସ୍ତ ବିଭାଗର ଅମଲା ମାନେ ଧନ୍ୟବାଦ ଦେବା ସହ ସଂଘ କୁ ତୃଣମୂଳ ସ୍ତରରେ ମଜଭୁତ କରିବା ପାଇଁ ପ୍ରତିଜ୍ଞା ବଦ୍ଧ ହେଲେ । ସର୍ବ ଶେଷରେ କମଳା ରଥ ବିଭାଗୀୟ ଅଧିକାରୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟପୁର ତଥା ପୁର୍ବତନ ଜିଲ୍ଲା ଅମଲା ସଂଘ ଉପସଭାପତି ଅମଲା ମାନଙ୍କୁ କିଛି ଦିଗ୍ ଦର୍ଶନ ଦେବା ପରେ ଶଶୀ ଭୂଷଣ ଦାଶ୍ ଆବାହକ ଅମଲା ସଂଘ ଜୟପୁର ସମସ୍ତ ଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କଲେ ।

# ଏଟିଏମ ଡିସପ୍ଲେ ଭାଙ୍ଗି ଯୁବକ ଗିରଫ

ମାଲକାନଗିରି,୧୧/୦୪ (ନି.ପ୍ର): ଟଙ୍କା ନ ବାହାରିବାରୁ ରାଗିଯାଇ ଏଟିଏମ କାଚ ଭାଙ୍ଗି ଜଣେ ଯୁବକ ଗିରଫ ହୋଇଛନ୍ତି । ଏପରି ଘଟଣା ଆଜି ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଏମଭି ୭୯ରେ ଦେଖିବାକୁ ମିଳିଛି । ଗିରଫ ଯୁବକ ଜଣଙ୍କ ହେଲେ ମୋଟୁ ଥାନା ଅନ୍ତର୍ଗତ ଏମପିଭି ୪୬ ଗ୍ରାମର ଗୌତମ ରାୟଙ୍କ ପୁଅ ଦୀପଙ୍କର ' ରାୟ । ଏଟିଏମରୁ ଟଙ୍କା ନ ବାହାରିବାରୁ ଯୁବକ ଜଣକ ରାଗି ଯାଇଥିଲେ । ନିଜକୁ ଭଲ ଲାଗି ନଥିବାରୁ ଏଟିଏମର କାଚ ( ଡିସପ୍ଲେ ) '' ଭାଙ୍ଗିଦେଲେ । ଏମଭି ୭୯ ମୁଖ୍ୟ ବଜାର ଉପରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କର ଏଟିଏମ କାଚ ( ଡିସପ୍ଲେ ) ଭାଙ୍ଗି ଏମଭି ୭୯ ପୁଲିସ ଦ୍ୱାରା ଗିରଫ ହୋଇଛନ୍ତି । ଆଜି ଦିନ ୧୧ଟା ସମୟରେ ସେ ଏଟିଏମକୁ ଟଙ୍କା ଉଠାଇବାକୁ ଆସିଥିଲେ । ଯୁବକ ଜଣକ ଏଟିଏମରେ ଟଙ୍କା ଉଠାଇବା ପାଇଁ ଉଦ୍ୟମ କରିଥିଲେ । କୌଣସି କାରଣରୁ ଟଙ୍କା ବାହାରି ନଥିଲା । ଏଥିରେ ଯୁବକ ଜଣକ ରାଗରେ ଏଟିଏମ କାଚ ( ଡିସପ୍ଲେ ) କୁ ଏକ ମୁଥ ମାରିଥିଲେ । ଏଥିରେ ଏଟିଏମର ( ଡିସପ୍ଲେ ) କାଚ ଭାଙ୍ଗି ଯାଇଛି । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଏମଭି ୭୯ ପୁଲିସ ଘଟଣାସ୍ଥଳରେ ପହଂଚି ଯୁବକକୁ ଗିରଫ କରିଛି । ଯୁବକ ବିରୋଧରେ ଥାନାରେ ଏକ ମାମଲା ରୁଜୁ ହୋଇଛି ।

# ଧର୍ମଶାଳା ଯୁବ ବିଜେଡିକୁ ଧନ୍ୟବାଦ ଜଣାଇଲେ ବିଧାୟକ

ଧର୍ମଶାଳା,୧୧/୦୪ (ନି.ପ୍ର): ଆଜି କଲ୍ପତରୁ ଦାସ ଷ୍ଟାଡିୟମଠାରେ ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକଙ୍କ ନେତୃତ୍ୱରେ ଯାଜପୁର ଜିଲା ଧର୍ମଶାଳା ଯୁବ ବିଜେଡିର ଧନ୍ୟବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ତଥା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଧର୍ମଶାଳା ଯୁବ ବିଜେଡିକୁ ଚଳିତ ବର୍ଷ ତ୍ରିସ୍ତରୀୟ ନିର୍ବାଚନରେ ୭ଗୋଟି ଜିଲ୍ଲା ପରିଷଦଙ୍କୁ ବିଜୟୀ କରିବାର ଦାୟିତ୍ୱ ଦେଇଥିଲେ । ଚଳିତ ନିର୍ବାଚନରେ ଧର୍ମଶାଳା ଯୁବ ବିଜେଡି କର୍ମକର୍ତ୍ତାଙ୍କର ଅକ୍ଳାନ୍ତ ପରିଶ୍ରମ ଏବଂ ସାଧାରଣ ଲୋକଙ୍କର ଆର୍ଶିବାଦ ବିଜୁ ଜନତା ଦଳ ଉପରେ ରହିଥିବାରୁ ବହୁ ବ୍ୟବଧାନରେ ୭ଗୋଟି ଜିଲ୍ଲା ପରିଷଦ ବିଜୟ ଲାଭ କରିଛନ୍ତି । ସେଥିପାଇଁ ଧର୍ମଶାଳା ଯୁବ ବିଜେଡିର ସମସ୍ତ କର୍ମକର୍ତ୍ତା ଓ ଧର୍ମଶାଳାର ସାଧାରଣ ଜନତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ବିଧାୟକ ପ୍ରଣବ କୁମାର ବଳବନ୍ତରାୟ । ଯୁବ ଜନତା ଦଳର କର୍ମକର୍ତ୍ତାମାନେ ଏକ ବିରାଟ ପଟୁଆରରେ ବିଧାୟକଙ୍କୁ ସ୍ୱାଗତ କରି ପାଛୋଟି ନେଇଥିଲେ ସଭା ସ୍ଥଳକୁ ଓ ସଭାରେ ଯୋଗଦେଇ ବିଧାୟକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଧର୍ମଶାଳା ବିଜେଡି ଗାର୍ଲସ୍ ୱିଙ୍ଗ୍ କର୍ମକର୍ତମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ୫୪ଗୋଟି ପଂଚାୟତରେ ଦଳପାଇଁ ଚଳିତ ନିର୍ବାଚନରେ ଭଲ କାମ କରିଥିବା ପ୍ରତ୍ୟେକ ପଂଚାୟତରୁ ୫ଜଣ ଯୁବ ସଦସ୍ୟ ଏବଂ ଯୁବ ଜନତା ଦଳର କର୍ମକର୍ତାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଜୁ ଜନତା ଦଳର ଯୁବ କର୍ମକର୍ତମାନେ ସାଧାରଣ ଲୋକଙ୍କର ପ୍ରିୟଭାଜନ ହେବା ସହିତ ଲୋକମାନଙ୍କ ସମସ୍ୟା ସହିତ ଜଡିତ ହୁଅନ୍ତୁ ଏବଂ ଧର୍ମଶାଳାରେ ଚାଲୁ ରହିଥିବା ବିକାଶରେ ସବୁ ଯୁବ କର୍ମୀମାନେ ଅଂଶଗ୍ରହଣ କରନ୍ତୁ ବୋଲି ବିଧାୟକ ପରାମର୍ଶ ଦେଇଥିଲେ । ଯୁବ କର୍ମକର୍ତାମାନେ ଆଗାମୀ ଦିନରେ ଦଳର ସଂଗଠନକୁ ଓ ବିଧାୟକଙ୍କ ହାତ ମୁଠାକୁ ମଜବୁତ କରିବା ସହିତ ଧର୍ମଶାଳା ବିକାଶରେ ସମସ୍ତେ ସାମିଲ ହେବୁ ବୋଲି ବକ୍ତବ୍ୟ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସୁବ୍ରତ ଧଳ, ବିକାଶ ଦାସ, ଯତିନ୍ଦ୍ର ପ୍ରଧାନ, ସଞ୍ଜୟ ନାୟକ, ଚନ୍ଦନ ଓଝା, ଅରୁପ ନାରାୟଣ ପ୍ରସାଦ, ଜିତେନ୍ଦ୍ର ପାଲ, ଶକ୍ତି ରଞ୍ଜନ ଦାସ, ରିତେଶ ମିଶ୍ର, ସଞ୍ଜୟ ମଣ୍ଡଳ, ବିଶ୍ୱନାଥ ପଣ୍ଡା, ଜୟନ୍ତ ଜେନା, ପ୍ରହଲ୍ଲାଦ ପାତ୍ର, ଦୀପକ ଦାସ, ପ୍ରସନ୍ନ ରାଉତ, ସ୍ମୃତିରଞ୍ଜନ ବେହେରା, ବୁଲୁ ବେହେରା, ମନରଞ୍ଜନ ସାମଲ ଓ ରବିନ୍ଦ୍ରନାଥ ସେନାପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଜୁ ଜନତା ଦଳର ସମସ୍ତ କର୍ମକର୍ତା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ ରସୁଲପୁର ବ୍ଲକ୍ ଯୁବ ବିଜେଡି ସମ୍ପାଦକ ସତ୍ୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଥୁଡ଼ି ସାଂସ୍କୃତିକ ସମାଜ ପକ୍ଷରୁ ବୈଠକ

ଘସିପୁରା ,୧୧/୦୪ (ନି.ପ୍ର): ବାଥୁଡ଼ି ସାଂସ୍କୃତିକ ସମାଜ କୋଲିମାଟି ଶାଖା ର ବୈଠକ ପବିତ୍ର ଯାତ୍ରା କୁସୁମ ମାଟିରେ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ସମଗ୍ର ଆଠଗଡ଼ ବାଥୁଡି ଭାଷାର ଆନନ୍ଦପୁର, ଘଷିପୁରା ଏବଂ ହାଟଡିହି ବ୍ଲକ ର ଭାଇ ଓ ଭଉଣୀ ଙ୍କ ଦ୍ୱାରା ବାଥୁଡ଼ି ସାଂସ୍କୃତିକ ସମାଜ ଆନନ୍ଦପୁର ଶାଖା ର ଭିତି ପ୍ରସ୍ତର ସ୍ଥାପନ କୁ ସମଗ୍ର ଜିଲ୍ଲାକୁ ନୂତନ ଆଶା ପ୍ରଦାନ ରଖିଛି । ଏହି ବୈଠକରେ ଅଠର ଦେଉଳ ପୂଜା ସୁପରିଚାଳନା କିପରି ହୋଇପାରିବ ଆଲୋଚନାର ମୁଖ୍ୟ ବିଷୟ ବସ୍ତୁ ରହିଥିଲା । ଏଥିରେ ଯୋଗଦାନ ଦେଇଥିବା ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ତାଙ୍କର ମତ ଉପସ୍ଥାପନ କରିଥିଲେ । ସଭାପତି ଅକ୍ଷୟ କୁମାର ନାୟକ ସଂଯୋଜନା କରିଥିବା ବେଳେ ଅତିଥି ଭାବେ ଫକୀର ମୋହନ ନାଇକ ଯୋଗଦେଇଥିଲେ କ୍ଷ ସମ୍ପାଦକ ବିଭୁତି ଭୂଷଣ ନାୟକ କାର୍ଯ୍ୟ କ୍ରମ କୁ ପରିଚାଳନା କରିଥିଲେ । ପରେ ବାଥୁଡ଼ି ଭାଇ ଓ ଭଉଣୀ ଙ୍କ ଦ୍ୱାରା ଯୁମର ନାଚର ପ୍ରଦର୍ଶନ ହୋଇଥିଲା । ସମସ୍ତ ଜାତି ଭାଇଙ୍କ ପ୍ରଚେଷ୍ଟା ଜାତିର ଉନ୍ନତିରେ ସହାୟକ ହେବ ବୋଲି ଶ୍ରୀ ବଡାମ ଶ୍ରୀ ମା ବଡାମଣି ଙ୍କ ପାଖରେ ପ୍ରାର୍ଥନା କରିଥିଲେ

# ଆନନ୍ଦ ଉଲ୍ଲାସରେ ଶ୍ରୀରାମ ନବମୀ ଉତ୍ସବ ଓ ଅଷ୍ଟପ୍ରହରି ନାମ ଯଜ୍ଞ ଅନୁଷ୍ଠିତ

ଜୟପୁର,୧୧/୦୪ (ନି.ପ୍ର): ଜୟପୁର ଠାରେ ଆନନ୍ଦ ଉଲ୍ଲାସର ସହ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି । ସକାଳୁ ସକାଳୁ ରାଜାନହର ସ୍ଥିତ ରଘୁନାଥ ମନ୍ଦିରରେ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ମର୍ଯ୍ୟାଦା ପୁରୁଷୋତମ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ ଓ ପୂଜା ପାଇଁ ଭକ୍ତମାନେ ହାତରେ ନଡ଼ିଆ କଦଳି ଭୋଗ ସାମଗ୍ରୀ ନେଇ ମନ୍ଦିର ଆସିଥିଲେ । ରଘୁ ନାଥ ମନ୍ଦିରରେ ୯ ଦିନ ଧରି ପୂଜା ପାଠ ହୋମ ଯଜ୍ଞ ସହ ରାମାୟଣ ପାଠ କରାଯିବା ସହ ଖୋଟୁଡି, କାକରା ଭୋଗ ଲାଗି କରାଯାଇଥିବା ବିଷୟ ମନ୍ଦିରର ମୁଖ୍ୟ ପୁରୋହିତ ବଇଶି ଧର ପଣ୍ଡା ତରଫରୁ ସୁଚନା ଦିଆଯାଇଛି । ପ୍ରଭୁ ଶ୍ରୀରାମଙ୍କର ଆଜି ବିଶେଷ ପୂଜା ଓ ହୋମ ସହ ଜନ୍ମବିଧି ଅନୁଷ୍ଠିତ ହୋଇଥିଲା । ଜୟପୁର ଜଗନ୍ନାଥ ମନ୍ଦିରରେ ଶ୍ରୀରାମ ନବମୀ ଅବସରରେ ଶ୍ରୀଜିଉଙ୍କୁ ସ୍ୱତନ୍ତ୍ର ବେଶରେ ସଜ୍ଜିତ କରାଯାଇଛି । ଶ୍ରୀରାମଙ୍କୁ ଧନୁ ଓ ସର ରେ ରାମ ଅବତାରରେ ସଜ୍ଜିତ କରାଯାଇଛି । ମନ୍ଦିରରରେ ସ୍ୱତନ୍ତ୍ର ଆଳତି ନିତିକାନ୍ତି ଜାରି ରହିଥିବା ମନ୍ଦିରର ମୁଖ୍ୟ ପୁରୋହିତ ଡମ୍ବୁର ଧର ପଣ୍ଡା ଓ ଜଗନ୍ନାଥ ତ୍ରିପାଠୀ ସୁଚନା ଦେଇଛନ୍ତି । ମନ୍ଦିରରେ ଶ୍ରୀରାମ ନବମୀ ପାବଣ ଉପଲକ୍ଷେ ଜୟପୁର ଜଗନ୍ନାଥ ମନ୍ଦିରରେ ଶ୍ରୀ ହରି ସଂଘ ସେବା ସମିତି ଦ୍ୱାରା ଅଷ୍ଟପ୍ରହରି ନାମଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଥିଲା । ଜୟପୁର ରଜାନହର ସ୍ଥିତ ଗୀତା ଭବନରେ ରାମ ନବମୀ ଅବସରରେ ଶ୍ରୀକୃଷ୍ଣଙ୍କୁ ରାମ ଅବତାରରେ ସଜ୍ଜିତ କରାଯାଇଛି । ଆଜିର ଦିନରେ ଶ୍ରୀକୃଷ୍ଣ ଙ୍କୁ ରାମ ଅବତାରରେ ଦର୍ଶନ କଲେ ମହାପୁଣ୍ଯ ମିଳିଥାଏ ବୋଲି ପ୍ରବାଦ ରହିଛି । ଏନେଇ ଭକ୍ତ ମାନେ ମନ୍ଦିରଙ୍କୁ ଯାଇ ପ୍ରଭୁ ଦର୍ଶନ କରି ଫେରୁଥିବା ଲକ୍ଷ୍ୟ କରାଯାଇଛି । ଜୟପୁର କଣ୍ଡରାସାହି ସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିରରେ ରାମ ନବମୀ ଅବସରରେ ପ୍ରଭୁ ଲକ୍ଷ୍ମୀନୃସିଂହଙ୍କୁ ରାମ ଅବତାରରେ ସଜ୍ଜିତ କରାଯାଇଛି ।

# ତେଜସ୍ୱିନୀ ସାହିତ୍ୟ ଅନୁଷ୍ଠାନ ବଲାଙ୍ଗିରର ନାରୀ ପ୍ରତିଭା ସମ୍ମାନ -୨୦୨୨

ବଲାଙ୍ଗୀର,୧୧/୦୪ (ନି.ପ୍ର): ତେଜସ୍ୱିନୀ ସାହିତ୍ୟ ଅନୁଷ୍ଠାନ ବଲାଙ୍ଗିର ତରଫରୁ "ନାରୀ ପ୍ରତିଭା ସମ୍ମାନ -୨୦୨୨" ସରୋଜିନୀ ରେସିଡେନ୍ସିରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଗାଳ୍ପିକା ଗାୟତ୍ରୀ ସରାଫ, ସମ୍ମାନିତ ଅତିଥି ଭାବରେ "ପହରା"ରା ମୁଖ୍ୟ ସମ୍ପାଦିକା ପଲ୍ଲବୀ ହୋତା, ତେଜସ୍ୱିନୀର ପ୍ରତିଷ୍ଠାତା ତଥା ସମ୍ପାଦିକା ଲିଲି ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ । ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ପଟେଲ ସ୍ୱାଗତ ଭାଷଣ ଦେଇଥିଲେ । ଏହି ସମାରୋହରେ ସାହିତ୍ୟ, କଳା ଓ ସମାଜସେବା ପାଇଁ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡ. ଜ୍ୟୋତିର୍ମୟୀ ସାହୁ, ସୁଜାତା ନାଏକ, ସାବିତ୍ରୀ ସାହୁ, ଜ୍ୟୋସ୍ନା ଦାସ, ଜ୍ୟୋତିରାଣୀ ମିଶ୍ର, କବିତା ମିଶ୍ର, ଜ୍ୟୋସ୍ନା ରାଣୀ ଭୋଇ, ସଂଯୁକ୍ତା ପରିଛାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଶ୍ମି ମିଶ୍ର, ସାଞ୍ଚି ସିଂଙ୍କୁ ଶିଶୁ ପ୍ରତିଭା ସମ୍ମାନ ଓ ସୁହିତା ସଲୋନି ପଟେଲଙ୍କୁ ବହୁମୁଖୀ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ଦାରିଙ୍ଗବାଡ଼ିରୁ କଲରାପତରିଆ ବାଘଛାଲ ଜବତ : ଜଣେ ଗିରଫ

କନ୍ଧମାଳ ,୧୧/୦୪ (ନି.ପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ଡବେରୀ ଅଂଚଳରେ ଶନିବାର ରାତି ପ୍ରାୟ ୧୧:୩୦ମିନିଟ ରେ ଚଢାଉ କରି ଗୋଟିଏ କଲରାପତରିଆ ବାଘଛାଲ ଜବତ କରିଛି ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଟିମ୍ ଓ ବାଲିଗୁଡା ବନଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବନାଂଚଳ ଟିମ । ବାଘ ଛାଲ ରଖିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏସ୍‌ଟିଏଫ୍ ଓ ବନ ବିଭାଗ ଗିରଫ ଅଭିଯୁକ୍ତ ଜଣକ ଦାରିଙ୍ଗବାଡି ଥାନା ପାଙ୍ଗାଲି ଗ୍ରାମର ବିପିନ ନାୟକ । ସୂଚନା ପ୍ରକାରେ ପାଙ୍ଗାଲି ଅଂଚଳରୁ ଡବେରୀ ଗ୍ରାମ ନିକଟରେ କଲରା ପତରିଆ ବାଘ ଛାଲ ବିକ୍ରି କରିବା ପାଇଁ ଯୋଜନା ହେଉଥିବା ନେଇ ଏସ.ଟି.ଏଫ ଓ ବନ ବିଭାଗ ଟିମ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ସୂଚନା ପାଇ ଏସ.ଟି.ଏଫ ଓ ବନ ବିଭାଗ ର କର୍ମଚାରୀ ମାନେ ଛଦ୍ମବେଶ ରେ ବ୍ୟବସାୟୀ ବେଶରେ ଯାଇ ଥିବା ମୁଲଚାଲ କରୁଥିବା ବେଳେ ମାଡ଼ି ବସିଥିଲା ମିଳିତ ଏସ ଟି ଏଫ ଓ ବନ ବିଭାଗ ଟିମ । ଜବତ ହୋଇଥିବା କଲରା ପତରିଆ ବାଘ ଛାଲଟିର ଲମ୍ବ ସାଢ଼େ୭ଫୁଟ ରହିଥିବା ବେଳେ ଅନୁମାନିକ ମୂଲ୍ୟ ପ୍ରାୟ ୩ଲକ୍ଷ ବୋଲି ଜଣାପଡ଼ିଛି । ଏହି ମାମଲାରେ ଜଣକୁ ଗିରଫ କରିବା ସହିତ ଏହି ଘଟଣାରେ ଆଉ କିଛି ବ୍ୟକ୍ତିଙ୍କର ସମ୍ପୃକ୍ତି ରହିଛି କି ନାହିଁ ତାହାର ତଦନ୍ତ ଜାରି ରହିଥିବା ବାଲିଗୁଡା ଏ.ସି.ଏଫ ଡକ୍ଟର ରୁଦ୍ର ପ୍ରସାଦ ରଥ ପ୍ରକାଶ କରିଛନ୍ତି ।

# ପେଟ କମାଇବ ପାନୀୟ

ଖୁବ ସୁନ୍ଦର ଚେହେରା ଥିବ, କିନ୍ତୁ ପେଟ ବଢ଼ିଯାଇଥିବ- ଏହା ବ୍ୟକ୍ତିତ୍ୱ ପାଇଁ ନିଶ୍ଚିତ ଭାବେ କ୍ଷତିକାରକ । ଆଜିକାଲି ମେଦବହୁଳତା ଏବଂ ପେଟ ବଢ଼ିବାର ସମସ୍ୟା ପ୍ରାୟ ଦେଖାଯାଉଛି ଏହାର କାରଣ ହେଉଛି ଲୋକଙ୍କର ଅନିୟମିତ ଖାଦ୍ୟପାନୀୟ ଏବଂ ଜୀବନଶୈଳୀ । ମେଦବହୁଳତା କାରଣରୁ ଦୈନନ୍ଦିନ ବିଭିନ୍ନ କାର୍ଯ୍ୟ କରିବାରେ ସମସ୍ୟା ହୋଇଥାଏ । ଏହା ଯଦିଓ କୌଣସି ରୋଗ ନୁହେଁ, ତେବେ ଏକାଧିକ ରୋଗର କାରଣ । ମେଦବହୁଳତାର ସମାଧାନ ମଧ୍ୟ ପ୍ରକୃତିରେ ରହିଛି । ଏପରି ୬ଟି ପାନୀୟ ସମ୍ପର୍କରେ ଜାଣନ୍ତୁ, ଯାହା ଓ ଜନ ସହିତ ପେଟ କମାଇ ସୁସ୍ଥ ଓ ସୁନ୍ଦର ରଖିବ ।



**ବରଫ ପାଣି:**
ଏପରି ପାଣି ପିଇଲେ ଶରୀରର ମେଟାବଲିକ୍ ପ୍ରକ୍ରିୟା ଦ୍ରୁତ ହୁଏ ଏବଂ ସେହି ବଗେରେ କ୍ୟାଲୋଣୀ କ୍ଷୟ ହୋଇଥାଏ । କେବଳ ଏକ ଗ୍ଲାସ ସାଦା ପାଣିରେ। ଖଣ୍ଡେ ଆଇସକ୍ୟୁବ୍ ପକାଇ ପିଇବା ଉଚିତ । ଯଦି ଓଜନ କମାଇବାକୁ ଚାହୁଁଥାନ୍ତି, ତେବେ ପ୍ରତିଦିନ ପ୍ରାୟ ଅଧା ଲିଟର ଏପରି ପାଣି ପିଇବାକୁ ହେବ । ମନେରଖନ୍ତୁ, ସକାଳୁସକାଳୁ ବରଫ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଅଧିକ ଥଣ୍ଡା ପାଣି ପିଇବା ମଧ୍ୟ ମନା । କାରଣ, ଏହାଦ୍ୱାରା ସର୍ଦ୍ଦି ଏବଂ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି ହୋଇପାରେ ।



**ପରିବା ଜୁସ୍:**
ପନିପରିବାରେ ତ ଏକାଧିକ ପୁଷ୍ଟିସାର ତତ୍ତ୍ୱ ରହିଛି । ଏଥିରେ ଥିବା ମିନେରାଲସ, ଭିଟାମିନ ଏବଂ ଆଣ୍ଟିଅକ୍ସିଡାଣ୍ଟ ମଣିଷକୁ ସୁସ୍ଥ ରଖିବା ସହିତ ଦ୍ରୁତ ବେଗରେ ଓଜନ ହ୍ରାସ କରାଇବାରେ ସହାୟକ ହୋଇଥାନ୍ତି । ପରିବା ଜୁସ୍ ତୁରନ୍ତ ଭୋକ ଶାନ୍ତ କରିବା ସହିତ ଶରୀରରେ ଶକ୍ତି ଭରିଦି, । ଏକଗ୍ଲାସ ମିଶ୍ରିତ ପରିବା ଜୁସ ଯୋଗେ ୧୩୫ କ୍ୟାଲୋରୀ ନଷ୍ଟ କରିପାରିବେ ।

**ପଇଡ଼ପାଣି:**
ଏଥିରେ ଅନ୍ୟ ପାନୀୟ ଅପେକ୍ଷା ଅଧିକ ଇଲେକ୍ଟ୍ରାଲାଇଟସ ଥାଏ । ତେଣୁ ଏହା ଶରୀରକୁ ଅଧିକ ସମୟ ଆର୍ଦ୍ର ରଖିପାରେ । ସ୍ୱାଦିଷ୍ଟ ହୋଇଥିବାରୁ ଏଥିରେ କୌଣସି ପ୍ରକାର କୃତ୍ରିମ ମିଠା କିମ୍ବା ସ୍ୱାଦ ମିଶାଇବାକୁ ହୁଏନାହିଁ । ପଇଡ଼ପାଣି ପିଇଲେ ଦ୍ରୁତ ବେଗରେ ଓଜନ ହ୍ରାସ ହୋଇପାରିବ ।

**ଚର୍ବିମୁକ୍ତ କ୍ଷୀର:**
ସ୍କିମଡ ବା ଚର୍ବିମୁକ୍ତ କ୍ଷୀର ପିଇଲେ ଦ୍ରୁତ ବେଗରେ ଓଜନ କମାଇ ପାରିବେ । ଏହା ଶରୀରରୁ ଚର୍ବିଅଂଶ କମାଇଦିଏ । ପ୍ରତିଦିନ ଏପରିକ୍ଷୀର ପିଇଲେ କ୍ଷୀର ପିଉନଥିବା ବ୍ୟକ୍ତିଙ୍କୁ ତୁଳନାରେ ୭୦% ଅଧିକ ଓ ଓଜନ ହ୍ରାସ କରିପାରିବେ । ସବୁଜ କିମ୍ବା ନାଲି ଚା ସବୁଜ ବା ଗ୍ରୀନ୍ ଟି ଶରୀରର ମେଟାବଲିଜମ ପ୍ରକ୍ରିୟା ଦ୍ରୁତ କରି ଓଜନ କମାଇବାରେ ସହାୟକ ହୋଇଥାଏ । ସେହିପରି ନାଲି ଚା ବା ବ୍ଲାକ ଟି ପିଇବା ଦ୍ୱାରା ମଧ୍ୟ ଓଜନ କମାଇପାରିବେ । ତେବେ ଗ୍ରୀନ ଟି ଓଜନ ହ୍ରାସପ୍ରକ୍ରିୟା ୪୩୫ ବଢ଼ାଇଦି, ।

**ତରଭୁଜ ଜୁସ୍:**
ଚିନି ନମିଶାଇ ତରଭୁଜର ସ୍ମୁଦି ପ୍ରସ୍ତୁତ କରି ପିଇଲେ ଏହି ସ୍ୱାଦିଟେ ପାନୀୟ ଦ୍ରୁତଗତିରେ ଓଜନ କମାଇପାରେ । ତରୁଭୁଜରେ ରିଜିନିନ ନାମକ ଆମିନୋ ଏସିଡ ରହିଛି ଯାହା ଚର୍ବି ନଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।






# ଅସାଧୁ ବ୍ୟକ୍ତି ମଧ୍ୟ ସାଧୁସଙ୍ଗ ଲାଭ କଲେ ସାଧୁ ପାଲଟିଯାଏ

ଅସାଧୁ ହୁଅଇ ସାଧୁ, ସାଧୁ ସଙ୍ଗ ଲଭି ।
ସ୍ପର୍ଶମଣି-ସ୍ପର୍ଶେ ଲୌହ ଧରେ ସ୍ୱର୍ଣ୍ଣ ଛବି ।
-ତୁଳସୀ ରାମାୟଣ, ସ୍ୱପ୍ନେଶ୍ୱର ଦାଶ କବିଭୂଷଣ

'ତୁଳସୀ ରାମାୟଣ' ହେଉଛି ଗୋସ୍ୱାମୀ ତୁଳସୀ ଦାସଙ୍କ 'ରାମଚରିତ ମାନସ'ର ଓଡ଼ିଆ ଅନୁବାଦ । ସ୍ୱପ୍ନେଶ୍ୱର ଦାଶ କବିଭୂଷଣ ତାହାର ଅନୁବାଦ କରିଛନ୍ତି । ୧୯୧୨ ମସିହାରେ ତାହା ପ୍ରଥମେ ପ୍ରକାଶ ପାଇଥିଲା । ଭକ୍ତକବି ମଧୁସୂଦନ ରାଓ ଓ ପଲ୍ଲୀକବି ନନ୍ଦକିଶୋର ବଳ ପ୍ରମୁଖ ସେତେବେଳେ ତାହାର ଉଚ୍ଚପ୍ରଶଂସା କରିଥିଲେ ।

'ମଙ୍ଗଳାଚରଣ' ପରେ, ତାହାର 'ବାଳକାଣ୍ଡ'ର 'ପ୍ରଥମ ବିଶ୍ରାମ'ରେ ରହିଛି 'ବନ୍ଦନା' । ସେଥିରେ ସାଧୁସଙ୍ଗର ମହତ୍ତ୍ୱ ବର୍ଣ୍ଣିତ ହୋଇଛି । ସନ୍ଥକବି ତୁଳସୀ ଦାସ କହିଛନ୍ତି- ରାମଭକ୍ତି ହେଉଛି 'ଗଙ୍ଗା' ଏବଂ ବ୍ରହ୍ମଚିନ୍ତା 'ସରସ୍ୱତୀ' । ଏହି ଦୁଇ ନଦୀ ସାଧୁ-ତୀର୍ଥଠାରେ ସମ୍ମିଳିତ ହୋଇଥାଆନ୍ତି । ସାଧୁ-ତୀର୍ଥ ରୂପକ 'ଯମୁନା' ମିଶି ତାହାକୁ ତ୍ରିବେଣୀ ସଂଗମରେ ପରିଣତ କରେ । ତାହା ହୋଇଯାଏ- 'ସନ୍ଥ-ପ୍ରୟାଗ' । ବିଶ୍ୱାସ ହେଉଛି ସେହି ତ୍ରିବେଣୀ ତଟର ବଟବୃକ୍ଷ । ସେହି ସାଧୁ-ତୀର୍ଥରେ ସ୍ନାନ କଲେ କାକ ପିକରେ ଓ ବକ ମରାଳରେ ପରିଣତ ହୁଏ ।


ଏହି ପରିପ୍ରେକ୍ଷୀରେ କୁହାଯାଇଛି ଉପରୋକ୍ତ ସୁଭାଷିତ । ସନ୍ଥକବି ତୁଳସୀ ଦାସ ଏଥିରେ କହିଛନ୍ତି- ଯେପରି ପରଶମଣିର ସ୍ପର୍ଶରେ ଲୁହା ସୁନାରେ ପରିଣତ ହୋଇଯାଏ, ସେହିପରି ଅସାଧୁ ବ୍ୟକ୍ତି ମଧ୍ୟ ସାଧୁସଙ୍ଗ ଲାଭ କଲେ ସାଧୁ ପାଲଟିଯାଏ । ଏହା ମାଧ୍ୟମରେ, ସାଧୁସଙ୍ଗ ବା ସତ୍ସଙ୍ଗ ପାଇଁ ଆମକୁ ପ୍ରେରଣା ଦେଇଛନ୍ତି ସନ୍ଥକବି ତୁଳସୀ ଦାସ ।



# ଡ୍ରୋନ୍ ଛତାର କମାଲ

ବର୍ଷାଦିନେ ସପିଂ ସାରି ଫେରୁଛନ୍ତି, ଅଚାନକ ବର୍ଷା ହେବାକୁ ଲାଗିଲେ । ସେ ସମୟରେ ଘରକୁ ଫେରିବା ବଡ଼ କଷ୍ଟକର ହୋଇଯାଏ । ଗୋଟିଏ ହାତରେ ଧରିଥିବା ବ୍ୟାଗ ସମ୍ଭାଳିବା ବେଳକୁ ଆଉ ଗୋଟି ହାତରେ ଛତା ଧରିବାକୁ ପଡ଼ିଥାଏ । ଏବେ ଆଉ ସେଭଳି ସମସ୍ୟା ହେବ ନାହିଁ । ଜାପାନର ଏକ ଆଇଟି କମ୍ପାନୀ ଉଡୁଥିବା ଛତା ବିକଶିତ କରିଛନ୍ତି । ଏହି ଛତାର ବିଶେଷତ୍ୱ ହେୁଛି ଏହାକୁ ହାତରେ ଧରିବାକୁ ପଡ଼ିବ ନାହିଁ । ଏଥିରେ ଲାଗିଥିବା ଏକ ଖାସ ପ୍ରକାରର ସେନ୍ସର ସାହାଯ୍ୟରେ ଛତା ସେହି ଦିଗରେ ଆପଣ ଚାଲିଥାନ୍ତି । ଏହି ଛତା ଡ୍ରୋନ ସାହାଯ୍ୟରେ ଚାଲେ ଓ ଠିକ୍ ବ୍ୟକ୍ତିର ମୁଣ୍ଡ ମୁଣ୍ଡରେ ହିଁ ରହିଥାଏ । ଏହି ଛତାର ଓଜନ ୫କିଲୋଗ୍ରାମ କୁହାଯାଉଛି । ବିକଶିତ କରାଯାଇଥିବା ଟେକ୍ନିକ୍ ଅନୁସାରେ ଡ୍ରୋନ ଛତା ମାତ୍ର ୫ମିନିଟ ପର୍ଯ୍ୟନ୍ତ ଉଡ଼ିପାରିବ । ଛତାର କାର୍ଯ୍ୟକାରୀତାର ଅବଦ୍ଧି ବଢ଼ାଇଥବା ପାଇଁ ଏବେ ଚେଷ୍ଟା ଚାଲିଛି ।

# ଉତ୍ତର ପୂର୍ବାଞ୍ଚଳରେ ସର୍ବାଧିକ ହୃଦ୍‌ଘାତ



ଭାରତରେ ହୃଦଘାତ ଜନିତ ମୃତ୍ୟୁସଂଖ୍ୟା ଦିନକୁଦିନ ବଢ଼ିବାରେ ଲାଗିଛି । ପ୍ରତି ତିନି ଜରଙ୍କ ମଧ୍ୟରୁ ମଧ୍ୟରୁ ଜଣେ ଏହି ବେମାରରେ ଆକ୍ରାନ୍ତ । ୩୦ ବର୍ଷ ବୟସର ଯୁବପିଢ଼ିଙ୍କଠାରୁ ୭୯ ବର୍ଷର ବୟସ୍କଙ୍କଠାରେ ଏହା ଅଧିକ ପରିଲକ୍ଷିତ ହେୁଛି । କିନ୍ତୁ ନିକଟରେ ହୋଇଥିବା ଏକ ସର୍ଭେକ୍ଷଣରୁ ଜଣାପଡ଼ିଛି, ଭାରତରେ ହୃଦଘାତ ଜନିତ କାରଣରୁ ମୃତ୍ୟୁ ଘଟୁଥିବା ସର୍ବାଧିକ ମୃତକ ଉତ୍ତର ପୂର୍ବାଞ୍ଚଳରସ । ଆସାମ, ପଶ୍ଚିମବଙ୍ଗ, ଛତିଶଗଡ଼, ଓଡ଼ିଶଶ ଏହି ତାଲିକାରେ ଅନ୍ତର୍ଭୁକ୍ତ । ଏହି ଗବେଷଣା ଭିତ୍ତିକ ସର୍ଭେଟି 'ଲାନସେଟ ଗ୍ଲୋବାଲ ହେଲଥ' ରେ ପ୍ରକାଶିତ ହେବା ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହିଛନ୍ତି ଯେ, 'ଭାରତ ଭଳି ଦେଶରେ ଏପରି ହେଲେ ବହୁ କମ ସମୟ ମଧ୍ୟରେ ଭାରତ ପଞ୍ଚମ ସ୍ଥାନରୁ ଖସି ଶୀର୍ଷ ସ୍ଥାନ ଦଖଲ କରିବା ପୂର୍ବରୁ ଏହାର ପ୍ରତିକାର କରିବା ସହ ପ୍ରତିଷେଧକ ବ୍ୟବସ୍ଥା ଆପଣାଇବା ଉଚିତ ।'

# ମୁଢ଼ି ଇଡଲି


**ଆବଶ୍ୟକ ସାମଗ୍ରୀ:** ମୁଢ଼ି, ସୁଜି, ଦହି, ପାଣି, ଖାଇବା ସୋଡ଼ା, ଲୁଣ, ତେଲ


**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କିଛି ମୁଢ଼ି ନେଇ ତାକୁ ଭଲ ଭାବରେ ଗ୍ରାଇଣ୍ଡିଂ କରି ଏକ ପାତ୍ରରେ ରଖନ୍ତୁ । ସେଥିରେ ଅଳ୍ପ ସୁଜି, ଦହି ଓ ପାଣି ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ । ୧୫ ମିନିଟ୍ ପର୍ଯ୍ୟନ୍ତ ଏହାକୁ ଢ଼ାଙ୍କି ରଖନ୍ତୁ । ପରେ ସେଥିରେ ଖାଇବା ସୋଡ଼ା ଓ ଲୁଣ ପକାଇ ଗୋଳାଇ ଦିଅନ୍ତୁ ।
ତା'ପରେ ଇଡଲି ଛାଞ୍ଚରେ ତେଲ ମାରି ଦିଅନ୍ତୁ । ପୂର୍ବରୁ ରଖିଥିବା ମିଶ୍ରଣକୁ ଛାଞ୍ଚରେ ପକାଇ ଇଡଲି ପରି ଗଢ଼ନ୍ତୁ । ଏହାପରେ ତାକୁ ଗ୍ୟାସ ଆଞ୍ଚରେ ୧୫ ମିନିଟ୍ ପର୍ଯ୍ୟନ୍ତ ବସାଇ ଦିଅନ୍ତୁ । ୧୫ ମିନିଟ୍ ପରେ ଏହାକୁ ତଳକୁ ଓହ୍ଲାଇ ଦେଇ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ । ଥଣ୍ଡା ହେଲା ପରେ ଇଡଲି ଗୁଡ଼ିକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ମୁଢ଼ି ଇଡଲି । ଏହାକୁ ଟମାଟୋ ଚଟଣି ସହ ଖାଇ ପାରିବେ ।



# ବିରକ୍ତିକର ପେଟ ରୋଗ ସମସ୍ୟା

ପେଟରୋଗରେ ପେଟରେ ବାୟୁ ଭିଡ଼ାଥଇବା ଏକ ସାଧାରଣ ଲକ୍ଷଣ କିନ୍ତୁ ଯେତେବେଳେ ଏହା ବିରକ୍ତିକର ରୂପ ଧରେ ଚଳିବାରେ ଜୀବନ ଶୈଳୀରେ ବହୁ ସମସ୍ୟା ସୃଷ୍ଟି କରେ । ଏହାକୁ ଡାକ୍ତରୀ ଭାଷାରେ କହନ୍ତି ଇରିଟେବଲ ବାଓ୍ୱେଲ ସିଣ୍ଡ୍ରୋମ । ଏହା ଠାରୁ ଆଇ ବି. ଏମ୍ । ଏହି ରୋଗରେ ମୁଖ୍ୟତଃ ବୃହଦନ୍ତ୍ର ଆକ୍ରାନ୍ତ ହୁଏ । ଚାଳିଶବର୍ଷ; ବୟସ ପରେ ଶତକଡ଼ା ତିରିଶ ଏହି ପ୍ରକାର ରୋଗ ଭୋଗ କରନ୍ତି । କୋଡ଼ିଏ ବର୍ଷରୁ ଚାଳିଶ ବର୍ଷ ମଧ୍ୟରେ ଶତକଡ଼ା ଦଶ ଲୋକ ଏହି ରୋଗ ଭୋଗକରନ୍ତି । ଭାରତରେ ପ୍ରତିବର୍ଷ ଦଶଲକ୍ଷ ଲୋକ ନୂତନ ଭାବେରେ ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି । ମୁଖ୍ୟତଃ ଏହି ରୋଗରେ ପେଟରେ ଯନ୍ତ୍ରଣା ହୁଏ । ପେଟ ପୋଡ଼େ । ପେଟ ଭିତରେ ବାୟୁ ଭିଡ଼ି ଧରେ । ହାକୁଡ଼ି ହୁଏ ।ବାନ୍ତି ଲାଗେ କିନ୍ତୁ ବାନ୍ତି ହୁଏ ହୁଏ ନାହିଁ । କେତେକଙ୍କର ଝାଡ଼ା ସଫା ହୁଏ ନାହିଁ । ଆଉ କେତେକଙ୍କର ଓଲଟ । ପ୍ରତିଦିନ ଦଶ ବାର ଥର ପତଳା ଝାଡ଼ା, ସ୍ୱାଭାବିକ ଝାଡ଼ା ସହିତ ନାଳ ପଡ଼େ । ଯେଉଁମାନଙ୍କର କୋଷ୍ଠବଦ୍ଧତା ହୁଏ ସେମାନଙ୍କର କୁନ୍ଥାଇ କୁନ୍ଥାଇ ମଳଦ୍ୱାର ଫାଟି କିମ୍ବା ଅର୍ଶ୍ୱ ବାହାରି ରକ୍ତ ସ୍ରାବ ହୁଏ । ଝାଡ଼ାରେ ସବୁବେଳେ ନାଳ ଲାଗି ରହିବା ଏହି ରୋଗର ପ୍ରମୁଖ ଲକ୍ଷଣ । ଏହି ପ୍ରକାର ଲକ୍ଷଣ



ମଧ୍ୟ ବୃହଦନ୍ତ୍ର କର୍କଟରୋଗ ରେ ଦେଖାଯାଏ । ଲକ୍ଷଣରେ ଜଟିଳତା ପ୍ରକାଶ ପାଇଲେ, ଓଜନ କମିଗଲେ । ରାତ୍ରିରେ ଝାଡ଼ା ବାରମ୍ବାର ହେଲେ, ମଳଦ୍ୱାରରେ ରକ୍ତ ପଡ଼ିଲେ, ରକ୍ତହୀନତା ହେଲେ କାରଣ ନଥାଇ ବାନ୍ତି ହେଲେ, ଖଶଦ୍ୟ ଢ଼ୋକିବାରେ କଷ୍ଟ ହେଲେ, ଝାଡ଼ା ହେଲା ପରେ ପେଟର ଯନ୍ତ୍ରଣା ନ କମିଲେ ଡାକ୍ତରଙ୍କ ପରାମର୍ଶ କରିବା ଉଚିତ । ଆଲବିଏମ କାହିଁକି ହୁଏ ? ମୁଖ୍ୟତଃ କୌଣସି କାରଣରୁ ଜୀବାଣୁ ଜୀବାଣୁ କିମ୍ବା ଭୂତାଣୁ ଜନିତ ଝାଡ଼ାବାନ୍ତି ରୋଗ ଭଲ ହୋଇଗଲେ ଏହି ରୋଗ ସୃଷ୍ଟି ହୋଇଥା, । ଏଥିରେ ବଳିଥିବା ଜୀବାଣୁମାନେ ଅଧିକ ମାତ୍ରାରେ ସଂଖ୍ୟା ବୃଦ୍ଧି କରନ୍ତି । ଏ ପ୍ରକାର ରୋଗୀମାନେ ବହୁ ଖାଦ୍ୟକୁ ମଧ ହଜମ କରିପାରନ୍ତି । ନାହିଁ ଯଥା. କ୍ଷୀର, ବନ୍ଧାକୋବି, ବିନ କାଗେଜି ଲେମ୍ବୁ, ମୃଦୁ ପାନୀୟ ମଦ ଓ ଧୂମପାନ ଇତ୍ୟାଦି । ବହୁ ଲୋକ ବ୍ୟକ୍ତିଗତ କିମ୍ବା ପାରିବାରିକ ଚିନ୍ତା ଓ ସମସ୍ୟାଗ୍ରସ୍ତ ହେଲେ ଏହି ରୋଗର ଲକ୍ଷଣ ବଢ଼ିଯାଏ । ମହିଳାମାନେ ଅଧିକ ମାତ୍ରରେ ଏହି ରୋଗ ଭୋଗ କରନ୍ତି । ମାସିକ ଧର୍ମ ସମୟରେ ଏବଂ ରତୁଚକ୍ରର ବିରତି ପରେ ଏହି ରୋଗ ଭୋଗ କରନ୍ତି । ମାସିକ ଧର୍ମ ସମୟରେ ଏବଂ ରତୁଚକ୍ରର ବିରତି ପରେ ଏହି ରୋଗ ଦୁଇଗୁଣ ଅଧିକ ହୋଇଥାଏ । ଏହି ରୋଗ ଦୀର୍ଘଦିନ ଧରି ଲାଗି ରହିଲେ ଜୀବନ ଅବସାଦ ପୂର୍ଣ୍ଣ ହୋଇଯାଏ । ଫଳରେ ରୋଗ ପେଟରୁ ଯାଇ ମୁଣ୍ଡରେ ପଶେ । ମୁଣ୍ଡ ଜଳାପୋଡ଼ା କରେ । ଦେହରୁ ମୁହଁରୁ କାନରୁ ନିଆଁ ବାହାରେ । ଛାତି ଧଡ଼ଧଡ଼ ହୁଏ, କେତେକ ରୋଗୀ ହୃଦରୋଗ ଭାବି ଅଧିକ ବିଷାଦଗ୍ରସ୍ତ ହୋଇ ହୃଦରୋଗ ପାଇଁ ଚିକିତ୍ସା କରନ୍ତି । ଅତ୍ୟଧିକ ଝାଳ ବୋହିବା, ଭୋକ ଶୋଷ କମିଯିବାରୁ ଦୁର୍ବଳ ହୋଇପଡ଼ନ୍ତି । ରାତ୍ରିରେ ଭଲ ନିଦ ହୁଏ ନାହିଁ । ସୁଖର କଥା ଆରବିଏମ ରୋଗ ଅଧିକ ଲକ୍ଷଣ ପ୍ରକାଶ କରୁଥିଲେ ମଧ ଏହି ରୋଗରେ ପ୍ରାୟ ମୃତ୍ୟୁ ହୁଏ ନାହିଁ । ଏଥିରୁ ରକ୍ଷା ପାଇବା ପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଆବଶ୍ୟକ । ଭୋରୁ ଶଯ୍ୟା ତ୍ୟାଗ, ଯୋଗ ପ୍ରାଣାୟାମ ଭଳି ଅଭ୍ୟାସ ଏହି ରୋଗକୁ ବହୁତ ଭାବରେ ଆୟତ୍ତ କରିଥାଏ । ଏହି ରୋଗ ଚିହ୍ନିବା ପାଇଁ ସିଗମଏଡ ସ୍କୋପି, କୋଲୋନୋ ସ୍କେପି ଅନ୍ତନଳୀ ପାଇଁ ସ୍ୱତନ୍ତ୍ର ଏକ୍ସରେ ଓ ସିଟି ସ୍କାନ କରାଯାଇଥାଏ । ଏହା ଦ୍ୱାରା ଅନ୍ତନଳୀରେ ଥିବା ଅନ୍ୟ ରୋଗ ସବୁ ମଧ ଧରାପଡ଼ିଥାଏ । ଆଇବିଏମ ଚିକିତ୍ସା ବିଶେଷ ଫଳପ୍ରଦ ନୁହେଁ । ଏହା ସାରା ଜୀବନ ଲାଗି ରୁହେ । କିଛି ଲୋକ ସମ୍ପୂର୍ଣ୍ଣ ଭଲ ହୁଅନ୍ତି ।

# ଶରୀରର ଏହି ୪ଟି ସମସ୍ୟା ଦୂର କରେ ଧନିଆ ପତ୍ର

ଖାଦ୍ୟର ସ୍ୱାଦ ବଢ଼ାଇବା ସହ ଶରୀରକୁ ସୁସ୍ଥ ରଖିଥାଏ ଧନିଆ ପତ୍ର । ଏଥିରେ ଥିବା ଔଷଧୀୟ ଗୁଣ ଶରୀରକୁ ରୋଗମୁକ୍ତ ରଖିଥାଏ । ଏଥିରେ ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଫାଇବର, ଆଇରନ୍, ମିନେରାଲସ୍ ଇତ୍ୟାଦି ପୋଷକ ତତ୍ୱ ରହିଛି, ଯାହା ଶରୀରକୁ ସୁସ୍ଥ ରଖିଥାଏ । ଏହାକୁ ଖାଇବା ଦ୍ୱାରା ପାଚନ ଶକ୍ତି ମଧ ବଢ଼ିଥାଏ । ତେବେ ଆସନ୍ତୁ ଜାଣିବା ପ୍ରତିଦିନ ଧନିଆ ପତ୍ର ଖାଇବା ଦ୍ୱାରା କ'ଣ କ'ଣ ଲାଭ ମିଳିଥାଏ...

୧. ପ୍ରତିଦିନ ଧନିଆ ପତ୍ର ଖାଇବା ଦ୍ୱାରା ଆସ୍ଥମା ରୋଗ ଦୂର ହୋଇଥାଏ । ଆସ୍ଥମା ରୋଗୀମାନେ ଧନିଆ ପତ୍ର ଏବଂ ମିଶ୍ରିକୁ ଭଲ ଭାବରେ ବାଟି ଗୋଟେ ଚାମଚ ଧନିଆ-ମିଶ୍ରି ବଟାରେ ଚାଉଳ ପାଣି ମିଶାଇ ପିଇବା ଉଚିତ୍ ।

୨. ଧନିଆ ପତ୍ର ଶରୀରର ଥକାପଣ ଦୂର କରିଥାଏ । ଯଦି ଆପଣଙ୍କୁ ଥକା ଲାଗୁଛି ବା ମୁଣ୍ଡ ବୁଲାଉଛି, ତେବେ ଧନିଆ ଜୁସ୍ ସକାଳେ ଏବଂ ରାତିରେ ପିଅନ୍ତୁ । ଏହି ଜୁସ୍ ତିଆରି କରିବା ପାଇଁ ଧନିଆ ସହ କିଛି ମିଶ୍ରି ଏବଂ ପାଣି ମିଶାନ୍ତୁ ।

୩. ଧନିଆରେ ଭିଟାମିନ ଏର ପରିମାଣ ଅଧିକ ରହିଥାଏ, ଯାହା ଆଖି ପାଇଁ ଖୁବ୍ ଭଲ । ଯେଉଁ ପିଲାମାନଙ୍କୁ କମ ବୟସରୁ ଦେଖିବାରେ ଅସୁବିଧା ହୋଇଥାଏ, ସେମାନଙ୍କୁ ଧନିଆ ଖାଇବା ଅତ୍ୟନ୍ତ ଆବଶ୍ୟକ ।



୪. ପ୍ରତିଦିନ ଧନିଆ ଖାଇବା ଦ୍ୱାରା ପେଟ ଓ ଗ୍ୟାସଜନିତ ସମସ୍ୟା ଦୂର ହୋଇଥାଏ । ଧନିଆକୁ ଲସି ସହ ମିଶାଇ ପିଇବା ଦ୍ୱାରା ପେଟ ସମସ୍ୟା ଦୂର ହୋଇଥାଏ ।

# ଦୁନିଆର ସବୁଠୁ ଛୋଟ ଦ୍ୱୀପ

ଦୁନିଆରେ ଏପରି ସ୍ଥାନ ଅଛି ଯାହାର ସୌନ୍ଦର୍ଯ୍ୟ ଲୋକଙ୍କ ମନମୋହି ନେଇଥାଏ । ଏହିପରି ଏକ ସୌନ୍ଦର୍ଯ୍ୟମୟ ଦ୍ୱୀପ ବିଷୟରେ ଆଜି କହିବାକୁ ଯାଉଛୁ ଯାହାର ଆକାର ବାବଦରେ ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ଏହି ଦ୍ୱୀପଟି ନ୍ୟୁୟର୍କର ଆଲୋକଜେଣ୍ଡ୍ରିୟା ବାୟ ନିକଟରେ ଅବସ୍ଥିତ । ଏହାକୁ ଦୁନିଆର ସବୁଠୁ ଛୋଟ ଦ୍ୱୀପ ବୋଲି କୁହାଯାଇଥାଏ । ଏହାର ନାମ ହେଉଛି 'ଜଷ୍ଟ ରୁମ ଏନଫ' । ଏହି ଦ୍ୱୀପରେ କେବଳ ଗୋଟିଏ ଘର ଗୋଟିଏ ଗଛ ଅଛି । ଆପଣ ଏବେ ଏଥିରୁ ଜାଣିଥିବେ ଯେ, ଆକାର କେତେ ହେବ । ସୂଚନା ଅନୁସାରେ ଏହି ଦ୍ୱୀପଟିର ଆକାର ଏକ ଟେନିସ କୋର୍ଟ ସହ ସମାନ । ଏହି ଦ୍ୱୀପ ୩୩୦୦ ସ୍କୋରଫୁଟ ଅଞ୍ଚଳରେ ପରିବ୍ୟାପ୍ତ । ପ୍ରକାଶଥାଉକି ପୂରା ପୃଥିବୀରେ ଅନ୍ୟୁନ୍ୟ ୨୦୦୦ରୁ ଉର୍ଦ୍ଧ୍ୱ ଦ୍ୱୀପ ରହିଛି, ତନ୍ମଧ୍ୟରୁ ଏହି ଦ୍ୱୀପଟି ଗୋଟିଏ । ଏପରିକି ନିଜ ଆକାରକୁ ନେଇ ଏହି ଦ୍ୱୀପଟି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସାଗରର ସୂଚନା...

ଲଗାତାର କେତେ ବର୍ଷ ହେବ ପରିବେଶ ବିଶେଷଜ୍ଞ ଓ ଜଳବାୟୁ ବିଜ୍ଞାନୀମାନେ ଭାରତୀୟ ଉପଦ୍ୱୀପର କେତେକ ତଟୀୟ ଅଂଚଳ ସାଗର ଗର୍ଭରେ ଲୀନ ହେବାର ଆଶଙ୍କା ବ୍ୟକ୍ତ କରିବା ସହିତ ଚେତାବନୀ ଶୁଣାଇ ଆସୁଛନ୍ତି ଯେ ଏବେଠୁ ଦୃଢ଼ ପଦକ୍ଷେପମାନ ନିଆନଗଲେ ଉପରୋକ୍ତ ଅବସ୍ଥା ଖୁବ୍‌ଶୀଘ୍ର ଘଟିବ। ପରିବେଶ ପ୍ରଦୂଷଣ ଓ ବିଶ୍ୱ ତାପାୟନର ଏଇ ଭୟାବହ ପରିଣତିକୁ ରୋକିବାର ଜରୁରୀ ଆବଶ୍ୟକତା ରହିଥିବାବେଳେ ଜଣାପଡ଼ିଛି ଯେ ତଟବର୍ତ୍ତୀ ଅଚଂଳର କ୍ଷୟ ଯୋଗୁଁ ଭାରତର କେତେକ ଅଂଚଳ ଧୀରେ ଧୀରେ ସଂକୁଚିତ ହେବାରେ ଲାଗିଛି। ଆଗରୁ ତ ବିଭିନ୍ନ ରିପୋର୍ଟ ନିୟମିତ ବ୍ୟବଧାନରେ ସଂକୁଚନର ବେଗ, ବାଲୁକା ବେଳା କ୍ଷୟର ପରିମାଣ ଏବଂ ଯେଉଁ ବେଗରେ ସମୁଦ୍ରର ଜଳସ୍ତର ବୃଦ୍ଧି ପାଇବ, ସେ ସମ୍ପର୍କରେ ସୂଚନା ପ୍ରଦାନ କରି ଆସିଛନ୍ତି। ତେବେ ସଦ୍ୟତମ ରିପୋର୍ଟ ସେସବୁ ଅପେକ୍ଷା ଅଧିକ ଭୟଙ୍କର ଚିତ୍ରଟିଏ ଉପସ୍ଥାପନ କରିଛି ସର୍ବ ସମ୍ମୁଖରେ। ଏହା ଉଲ୍ଲେଖ କରିଛି ଯେ ଆଜିଠାରୁ ୩୦ ବର୍ଷରୁ କମ୍ ସମୟ ମଧ୍ୟରେ, ୨୦୫୦ ସୁଦ୍ଧା ଅନେକ ଗୁଡ଼ିକ ବିଖ୍ୟାତ ତଟୀୟ ଅଂଚଳ ସମୁଦ୍ର ଗର୍ଭରେ ଲୀନ ହୋଇଯିବ। ଏହି ସଦ୍ୟତମ ସୂଚନା ପ୍ରଦାନ କରିଛି ଏକ ବିଶ୍ୱସ୍ତରୀୟ ବିପଦ ପରିଚାଳନା ପ୍ରତିଷ୍ଠାନ ଆର୍‌ଏମ୍‌ଏସ୍‌ଆଇ। ଗତ ସପ୍ତାହରେ ଏହା ପ୍ରକାଶ କରିଛି ଯେ ମୁମ୍ବାଇ, ମାଙ୍ଗାଲୋର, କୋଚି, ତିରୁଅନନ୍ତପୁରମ୍, ଚେନ୍ନାଇ ଏବଂ ବିଶାଖାପଟ୍ଟନମ୍ ଭଳି ଭାରତର ପ୍ରଖ୍ୟାତ ସହରଗୁଡ଼ିକ ସମେତ ଏସବୁ ନିକଟବର୍ତ୍ତୀ ସମୁଦ୍ରକୂଳିଆ ଅଂଚଳଗୁଡ଼ିକୁ ଆଉ ମାତ୍ର ସତେଇଶ ଅଠେଇଶ ବର୍ଷ ଭିତରେ ଭାରତକୁ ହରାଇବାକୁ ପଡ଼ିବ; ଏଗୁଡ଼ିକ ସମୁଦ୍ରର ଗର୍ଭସ୍ଥ ହୋଇଯିବେ। ରିପୋର୍ଟକୁ ଯଦି ବିଶ୍ୱାସକୁ ନିଆଯାଏ, ତା'ହେଲେ ଭାରତର ଆର୍ଥିକ ରାଜଧାନୀ ଭାବରେ ପରିଚିତ ମୁମ୍ବାଇ ସହରର ବାନ୍ଦ୍ରା-ଓ୍ୱର୍ଲି ସାଗର ସଂଯୋଗ, ହାଜି ଅଲି ଦରଘା, ପଶ୍ଚିମ ଏକ୍ସପ୍ରେସ୍ ରାଜପଥ ଏବଂ ମେରାଇନ୍ ଡ୍ରାଇଭ୍ ଆରବ ସାଗରରେ ବୁଡ଼ିଯିବାର ଆଶଙ୍କା ରହିଛି। କିଛି ସପ୍ତାହ ପୂର୍ବରୁ ଜାତିସଂଘର ଜଳବାୟୁ ପରିବର୍ତ୍ତନ ଉପରେ ଆନ୍ତଃସରକାରୀ ସ୍ତରୀୟ କମିଟି ଭବିଷ୍ୟବାଣୀ କରିଥିଲା ଯେ ଆସନ୍ତା ଦଶ ବର୍ଷ ଭିତରେ ଉତ୍ତର ଭାରତୀୟ ମହାସାଗରର ଜଳ ସ୍ତର ପ୍ରତି ବର୍ଷ ୩୦୦ମିଲିମିଟର ହିସାବରେ ବୃଦ୍ଧି ପାଇବ। ସୂଚାନଯୋଗ୍ୟ କି, ଉପରୋକ୍ତ ରିପୋର୍ଟ ଆଇପିସିସି ରିପୋର୍ଟ ଉପରେ ଆଧାରିତ। ତେଣୁ ପରିବେଶ ବିଶାରଦମାନେ ବାରମ୍ବାର ସତର୍କ କରାଇ ଦେଉଛନ୍ତି ଯଥାଶୀଘ୍ର ଏହାର ପ୍ରତିକାର କରିବାକୁ।

ସମୁଦ୍ର ତଟବର୍ତ୍ତୀ ଇଲାକାଗୁଡ଼ିକୁ ନେଇ ଭାରତ ଏକ ବାସ୍ତବ ସମସ୍ୟାର ସମ୍ମୁଖୀନ। ଅତଏବ, ତଟୀୟ କ୍ଷୟକୁ ରୋକିବା ସହିତ ଏହାଦ୍ୱାରା ପ୍ରଭାବିତ ହେବାକୁ ଥିବା ଜନସାଧାରଣଙ୍କୁ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଥଇଥାନ କରିବାକୁ ସରକାର ତୁରନ୍ତ ପଦକ୍ଷେପ ନେବା ଉଚିତ। ଫେବୃଆରୀ ମାସରେ ସରକାର ଲୋକସଭାରେ ସୂଚନା ଦେଇଥିଲେ ଯେ ଭାରତର ଉପକୂଳ ଅଂଚଳର ୩୩.୬ ପ୍ରତିଶତ 'ବିଭିନ୍ନ ପ୍ରକାରର ପରିବର୍ତ୍ତିତ ହାର ସହିତ କ୍ଷୟ ହେଉଛି'। ସୂଚାଇ ଦିଆଯାଇପାରେ ଯେ ଦେଶର କେବଳ ଦକ୍ଷିଣ ଓ ପଶ୍ଚିମ ଭାଗରେ ଅବସ୍ଥିତ ରାଜ୍ୟଗୁଡ଼ିକର ତଟୀୟ ଇଲାକା ନୁହେଁ, ଓଡ଼ିଶା, ପଶ୍ଚିମବଙ୍ଗ ଭଳି ଅନ୍ୟାନ୍ୟ ରାଜ୍ୟର ତଟୀୟ ଇଲାକାଗୁଡ଼ିକରେ ବାସ କରୁଥିବା ଲୋକମାନଙ୍କ ଜୀବନ ମଧ୍ୟ ବିପଦାପନ୍ନ। ଆନ୍ଧ୍ରପ୍ରଦେଶରେ ପୂର୍ବ ଗୋଦାବରୀ ତଟଦେଶରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରୁ ଅଧା ସଂଖ୍ୟକ ଲୋକେ ସେମାନଙ୍କ ବାସସ୍ଥାନ ଛାଡ଼ି ଅନ୍ୟତ୍ର ପଳାଇ ଗଲେଣି। ପଶ୍ଚିମ ଉପକୂଳର ବାଲୁକା ବେଳାଭୂମି ଦିନକୁ ଦିନ ସଂକୁଚିତ ହେବାରେ ଲାଗିଛି। କେରଳରେ କେତେକ ଜିଲ୍ଲାରେ ସମୁଦ୍ର ତଟୀୟ ଭୂଭାଗକୁ ଗର୍ଭସ୍ଥ କରି ସାରିଥିବା ବେଳେ ଆଉ କେତେକ ସ୍ଥାନରେ ସମୁଦ୍ରର ଢ଼େଉଗୁଡ଼ିକ ଘରମାନଙ୍କର ପାଚେରିର ଧକ୍କା ଖାଉଛି।

ସମୁଦ୍ର ଦ୍ୱାରା ପ୍ରଭାବିତ ହେଉଥିବା ରାଜ୍ୟଗୁଡ଼ିକରେ ଲୋକମାନଙ୍କ ପାଇଁ ପୁର୍ନବାସ ଓ ଅନ୍ୟାନ୍ୟ ଯୋଜନାମାନ କାର୍ଯ୍ୟକାରୀ ହେଉଛି। ତେବେ ଏଥିପାଇଁ ଏକ ଜାତୀୟସ୍ତରୀୟ ଯୋଜନା କରାଯିବାର ଜରୁରୀ ଆବଶ୍ୟକତା ରହିଛି। ସମଗ୍ର ଭାରତବର୍ଷର ତଟୀୟ ଅଂଚଳଗୁଡ଼ିକରେ ପାଖାପାଖି ଦେଢ଼ଶହ ମିଲିଅନ୍ ଲୋକ ବାସ କରୁଛନ୍ତି। ତେଣୁ ଏମାନଙ୍କ ପୁନର୍ବାସ ଓ ଥଇଥାନ ବ୍ୟତୀତ ତଟୀୟ ଅଂଚଳର କ୍ଷୟ ଯୋଗୁଁ ସୃଷ୍ଟି ହେବାକୁ ଥିବା ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ସମ୍ପର୍କରେ ମଧ୍ୟ ପ୍ରସ୍ତୁତ ରହିବା ଉଚିତ୍। ତଟୀୟ ଅଂଚଳ କ୍ଷୟ ଯୋଗୁଁ ସବୁଠୁ ବେଶୀ ପ୍ରଭାବିତ ହେବେ ଗରିବ ଲୋକମାନେ, ଯେଉଁମାନେ ବାଧ୍ୟହୋଇ ପଡ଼ୋଶୀ ରାଜ୍ୟମାନଙ୍କର ତଟୀୟ ଇଲାକାଗୁଡ଼ିକୁ ସ୍ଥାନାନ୍ତରିତ ହେବେ, ଯଦ୍ୱାରା ସେହିସବୁ ରାଜ୍ୟରେ ଅଶାନ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। ନଚେତ୍ ସେମାନେ ସହରାଂଚଳଗୁଡ଼ିକୁ ସ୍ଥାନାନ୍ତରିତ ହୋଇ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟାରେ ବୃଦ୍ଧି ଘଟାଇବେ। ଏଭଳି ଅସ୍ୱାଭାବିକ ସଂଖ୍ୟା ବୃଦ୍ଧି ଭିତ୍ତିଭୂମି ବ୍ୟବସ୍ଥାକୁ ପ୍ରଭାବିତ କରିବ ଯାହା ଅର୍ଥନୀତିକ ଦୂରବସ୍ଥାର କାରଣ ପାଲଟିବ। ବର୍ତ୍ତମାନ ସୁଦ୍ଧା ଅନେକ ଅଂଚଳରେ ସମୁଦ୍ର ପାଣି କୂଅଗୁଡ଼ିକର ପାଣିକୁ ସଂକ୍ରମିତ କରିବା ସହିତ ମାଟିକୁ ଲବଣାକ୍ତ କରିବାର ସମସ୍ୟା ସହିତ ଭାରତ ଯୁଝୁଛି।

## ଶ୍ରୀରାମଙ୍କ ଆଦର୍ଶ ପ୍ରତିଷ୍ଠିତ ହେଉ



ଲୋକନାଥ ମହାପାତ୍ର

ଅଯୋଧ୍ୟା ଠାରୁ ଅହମଦାବାଦ ପର୍ଯ୍ୟନ୍ତ ପ୍ରଭୁ ଶ୍ରୀରାମଙ୍କ ପବିତ୍ର ଜନ୍ମୋତ୍ସବ ରାମ ନବମୀ ରୂପେ ସମଗ୍ର ଭାରତ ବର୍ଷରେ ପାଳିତ ହୋଇଯାଇଛି। ପ୍ରଭୁ ଶ୍ରୀରାମ ଯୁଗେ ଯୁଗେ ଆଦର୍ଶ ପୁରୁଷୋତ୍ତମ ରୂପେ ସମସ୍ତ ମାନବ ସମାଜ ପାଇଁ ଚିର ବନ୍ଦନୀୟ ତଥା ତାଙ୍କର ଜୀବନ ସମଗ୍ର ମାନବ ଜାତି ନିମନ୍ତେ ଏକାନ୍ତ ଅନୁକରଣୀୟ ଓ ତାଙ୍କର ଜୀବନ ଏକ ଆଲୋକ ବର୍ତ୍ତିକା ଯାହା ଯୁଗ ଯୁଗ ଧରି ମନୁଷ୍ୟ ସମାଜକୁ ଦିଗ୍ ଦର୍ଶନ ଦେଇ ଚାଲିଛି ଓ ଚାଲିଥିବ ଓ ତେଣୁ ଯେତେବେଳେ ମନୁଷ୍ୟ ମନରେ ନ୍ୟାୟ-ଅନ୍ୟାୟ, କରଣୀୟ-ଅକରଣୀୟ, ପାପ-ପୁଣ୍ୟ ଆଦିକୁ ନେଇ ଦ୍ୱନ୍ଦ୍ୱ ଦେଖାଦିଏ ସେତେବେଳେ ରାମଙ୍କ ଜୀବନ ମନୁଷ୍ୟକୁ ଯଥାର୍ଥ ମାର୍ଗ ଦେଖାଇ ଥାଏ ଓ ତେଣୁ ମଧ୍ୟଯୁଗରେ ଯେତେବେଳେ ଆର୍ଯ୍ୟଭୂମି ଭାରତବର୍ଷ ଅଜ୍ଞାନତା, ଅଧର୍ମ ଓ ଅନାଚାରରେ ବୁଡ଼ି ରହିଥିଲା ଠିକ୍ ସେତିକିବେଳେ ସନ୍ଥ ତୁଳସୀଦାସ ତତ୍କାଳୀନ ସମାଜକୁ ଦିଗ୍ ଦର୍ଶନ ଦେବା ନିମନ୍ତେ ପବିତ୍ର ରାମ ଚରିତ ମାନସ ଗ୍ରନ୍ଥ ରଚନା କରି ଭାରତର ଗୌରବମୟ ସଭ୍ୟତା ଓ ସଂସ୍କୃତିକୁ ରକ୍ଷା କରି ପାରିଥିଲେ ଓ ଆଜି ମଧ ବିଶ୍ୱ ତଥା ଭାରତ ଏକ ଘଡ଼ିସନ୍ଧି ମୁହୂର୍ତରେ ଉପନୀତ ଯେଉଁଠି ଉଗ୍ର ଆଧୁନିକତା ସହ ତାଳ ଦେଇ ମଣିଷ ତାର ପ୍ରକୃତ ପରିଚୟ ହରାଇ ବସିଛି ଓ ମାନବ ସମାଜରୁ ଆଦର୍ଶ ଧୀରେ ଧୀରେ ଲୋପ ପାଇବାକୁ ବସିଛି ଯେଉଁଥିପାଇଁ ଆଜି ସମଗ୍ର ମାନବ ଜାତି ପ୍ରବଳ ମାନସିକ ଅଶାନ୍ତି ମଧରେ ଦିଗହରା ହୋଇଯାଇଛି ଓ ତେଣୁ ଏ ପରିସ୍ଥିତିରେ ରାମଙ୍କ ଜୀବନୀ ହିଁ ଆମକୁ ଉଚିତ ମାର୍ଗ ଦର୍ଶନ କରାଇ ପାରିବ ତଥା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରି ପାରିବ । ଶ୍ରୀରାମ ଯେପରି ସୁମଧୁର ବ୍ୟବହାର ଦ୍ୱାରା ସୁର-ନର, ଦାନବ-ମାନବ, ଶବର, ବାନର, ଭଲ୍ଲୁକ ସଭିଙ୍କ ସହିତ ସୁସମ୍ପର୍କ ରକ୍ଷା କରି ଉତ୍ତମ ସାମାଜିକ ବ୍ୟବହାରର ଉଚ୍ଚତମ ଆଦର୍ଶ ପ୍ରସ୍ତୁତ କରିଥିଲେ ତାହା ଆଜି ସମସ୍ତଙ୍କ ପାଇଁ ଅନୁକରଣୀୟ । ଶ୍ରୀରାମ କେବଳ ସାମାଜିକ କ୍ଷେତ୍ରରେ ହିଁ ନୁହଁ ବ୍ୟକ୍ତିଗତ ଜୀବନରେ ମଧ ଆଦର୍ଶର ପାରାକାଷ୍ଠା ପ୍ରତିଷ୍ଠିତ କରିଥିଲେ । ପ୍ରଭୂ ଶ୍ରୀରାମ ତାଙ୍କ ମାନବ ଅବତାରରେ ଆଦର୍ଶ ପୁତ୍ର, ଆଦର୍ଶ ପତି, ଆଦର୍ଶ ଭ୍ରାତା, ଆଦର୍ଶ ରାଜା, ଆଦର୍ଶ ମିତ୍ର ଆଦି ଜୀବନର ସବୁ ଚରିତ୍ରରେ ଆଦର୍ଶର ପାରାକାଷ୍ଠା ପ୍ରତିଷ୍ଠିତ କରି ଯାଇଛନ୍ତି ଯାହା ସମଗ୍ର ମାନବ ଜାତି ପାଇଁ ପ୍ରେରଣାର ଉତ୍ସ। ତେଣୁ ସମାଜରେ ମାନବିକତା ଏବଂ ଶାନ୍ତିର ପୁନଃ ସ୍ଥାପନା କରିବା ପାଇଁ,ସଂସାରକୁ ସ୍ୱର୍ଗ କରିବା ପାଇଁ ଆସନ୍ତୁ, ଶ୍ରୀରାମଙ୍କ ଆଦର୍ଶରେ ନିଜକୁ ପରିଚାଳିତ କରିବା ଓ ଏ ଦୁର୍ଲଭ ମନୁଷ୍ୟ ଜୀବନକୁ ସାର୍ଥକ



କରିବା । ଏହି ଅବସରରେ ଉଲ୍ଲେଖଯୋଗ୍ୟ ଯେ ନିକଟ ଅତୀତରେ ଅଯୋଧ୍ୟାର ବିବାଦୀୟ ସ୍ଥାନରେ ବହୁ ପ୍ରତୀକ୍ଷିତ ରାମ ମନ୍ଦିର ନିର୍ମାଣକୁ ନେଇ ବର୍ଷ ବର୍ଷ ଧରି ଲାଗିରହିଥିବା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହୋଇପାରିଛି ଏବଂ ସୁପ୍ରିମକୋର୍ଟ ଏଥିପାଇଁ ଅନୁମତି ଦେଇଛନ୍ତି । ମାନନୀୟ ସୁପ୍ରିମକୋର୍ଟ ବିବାଦୀୟ ରାମଜନ୍ମଭୂମିରୁ ମିଳିଥିବା ବିଭିନ୍ନ ଐତିହାସିକ ତଥ୍ୟକୁ ଆଧାର କରି ବାବ୍ରୀ ମସଜିଦ୍ ସ୍ଥାନରେ ଏକଦା ରାମଙ୍କ ମନ୍ଦିର ଥିବା କଥାକୁ ସ୍ୱୀକାର କରି ଏହାକୁ ଏକ ଐତିହାସିକ ଭୂଲ ଥିଲା ବୋଲି ନିଜ ରାୟରେ କହିଥିଲେ। ଏଥିରେ କୌଣସି ଦ୍ୱିମତ ନାହିଁ ଯେ ରାମ ମର୍ଯ୍ୟାଦା ପୁରୁଷୋତ୍ତମ ଭାବେ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ସଦା ସର୍ବଦା ବିରାଜମାନ ରହି ଆସିଛନ୍ତି । ତେଣୁ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣକୁ ସମସ୍ତେ ସ୍ୱାଗତ କରିବା ସ୍ୱାଭାବିକ କଥା । ତେବେ ଅଯୋଧ୍ୟାର ଏକ ବିବାଦୀୟ ସ୍ଥଳରେ ରାମ ମନ୍ଦିର ନିର୍ମାଣକୁ ନେଇ ଯେତିକି ସାମ୍ପ୍ରଦାୟିକ ଦଙ୍ଗା, ସଙ୍ଘର୍ଷ ତଥା ରାଜନୀତି ହୋଇଛି ତାହା ଅତୀତରେ ଭାରତର ଧର୍ମ ନିରପେକ୍ଷତାର ଛବିକୁ କିଛି ମାତ୍ରାରେ ମଳୀନ କରିଛି । କିଛି ଦଳ ରାଜନୈତିକ ଫାଇଦା ଉଠାଇବା ପାଇଁ ଅଯୋଧ୍ୟାର ରାମ ଜନ୍ମଭୂମି ବିଷୟକୁ ଏକ ରାଜନୈତିକ ମୁଦ୍ଦା ଭାବେ ଉପସ୍ଥାପିତ କରି ତଥା ରାମଙ୍କ ପ୍ରତି ଜନତାଙ୍କ ଭାବାବେଗକୁ ପାଥେୟ କରି ଶାସନକୁ ଆସିବା ପାଇଁ ଉଦ୍ୟମ କରିଛନ୍ତି ଓ ଏଥିରେ ସଫଳ ମଧ ହୋଇଛନ୍ତି । ଏହା ଛଡ଼ା ବର୍ତ୍ତମାନ କିଛି ବ୍ୟକ୍ତି ଅଯୋଧ୍ୟାରେ ରାମ ମନ୍ଦିର ନିମନ୍ତେ ଅନୁଷ୍ଠିତ ଭୂମିପୂଜନରେ ଅତ୍ୟନ୍ତ ଉତ୍ସାହିତ ହୋଇ ଏହାକୁ ହିନ୍ଦୁତ୍ୱର ବିଜୟ ବୋଲି ମଧ କହିବାକୁ ପଛାଉ ନାହାନ୍ତି ଯାହା ଦେଶରେ ସାମ୍ପ୍ରଦାୟିକ ସଦ୍ଭାବକୁ ପ୍ରଭାବିତ କରିପାରେ ଓ ଭବିଷ୍ୟତରେ ଅଶାନ୍ତିର ବାତାବରଣ ସୃଷ୍ଟି କରିପାରେ । ତେଣୁ ବର୍ତ୍ତମାନ ସରକାର ଏହା ଉପରେ ଅଙ୍କୁଶ ଲଗାଇବା ଦରକାର ଏବଂ ଦେଶର ସମସ୍ତ ମୁସଲିମ ଭାଇ-ଭଉଣୀମାନଙ୍କୁ ସେମାନଙ୍କ ଆକୁଣ୍ଠ ସହଯୋଗ ପାଇଁ ଧନ୍ୟବାଦ ଜଣାଇବା ଦରକାର ଯାହାଙ୍କ ସହଯୋଗ ବିନା ଏତେ ବଡ଼ ତଥା ଏତେ ଦୀର୍ଘ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହୁଏତ ସମ୍ଭବ ହୋଇ ପାରି ନଥାନ୍ତା ।

ଏତତ୍ ବ୍ୟତୀତ କୌଣସି ପରିସ୍ଥିତିରେ ଆଉ ମନ୍ଦିର, ମସ୍ଜିଦ୍ ବା କୌଣସି ଧର୍ମ ନାମରେ ରାଜନୀତି ନ କରି ଭାରତ ବର୍ଷରେ ଯେପରି ରାମଙ୍କ ଆଦର୍ଶ ପ୍ରତିଷ୍ଠିତ ହୋଇ ପାରିବ ଏବଂ ବିଦ୍ୟାଳୟ ସ୍ତରରେ ନୈତିକ ଶିକ୍ଷା ସ୍ୱରୂପ ରାମଙ୍କ ଆଦର୍ଶ ଚରିତ୍ର ସହ ଛାତ୍ରଛାତ୍ରୀମାନଙ୍କୁ ପରିଚିତ କରାଇ ଉତ୍ତମ ନାଗରିକ ରୂପେ ସେମାନଙ୍କୁ ଗଢ଼ିବା ଦିଗରେ ସରକାର ପ୍ରଚେଷ୍ଟା କରିବା ଉଚିତ। ତେଣୁ ସରକାରଙ୍କ ପ୍ରଚେଷ୍ଟା କେବଳ ମନ୍ଦିର ପ୍ରତିଷ୍ଠା ମଧ୍ୟରେ ସୀମିତ ନ ରହୁ ବରମ୍ ଦେଶରେ ରାମଙ୍କ ଆଦର୍ଶ ଯେପରି ପ୍ରତିଷ୍ଠିତ ହୋଇପାରିବ ସେଥିପାଇଁ ମଧ ସମ୍ପୂର୍ଣ୍ଣ ଆନ୍ତରିକତାର ସହିତ ଉଦ୍ୟମ ହେଉ ।

+ବ୍ରହ୍ମପୁର

## ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ



ବିଜୟଲକ୍ଷ୍ମୀ ପାଣିଗ୍ରାହି

ଯଦା ଯଦା ହି ଧର୍ମସ୍ୟ
ଗ୍ଲାନିର୍ଭବତି ଭାରତ
ଅଭ୍ୟୁଥାନମ୍ ଅଧର୍ମସ୍ୟ
ତଦାତ୍ମାନଂ ସୃଜାମ୍ୟହମ
ପରିତ୍ରଣାୟ ସାଧୁନାମ୍
ବିନାଶାୟ ଚ ଦୁଷ୍କୃତମ
ଧର୍ମ ସଂସ୍ଥାପନାର୍ଥାୟ
ସମ୍ଭବାମି ଯୁଗେ ଯୁଗେ।

ଯେତେବେଳେ ଏ ଜଗତରେ ଧର୍ମର ପରାଜୟ ହୁଏ ଏବଂ ଅଧର୍ମର ଅରାଜକତା ବୃଦ୍ଧିପାଏ ସେତେବେଳେ ଧର୍ମର ସଂସ୍ଥାପନା ପାଇଁ ପରମପୁରୁଷ ଧରାଧାମକୁ ଅବତରଣ କରନ୍ତି।

ତ୍ରେତୟା ଯୁଗରେ ରଘୁବଂଶୀ ରାଜା ଦଶରଥଙ୍କର ଅନେଶ୍ୱତ ରାଣୀଙ୍କ ମଧରେ କୌଶଲ୍ୟା, କୈକେୟୀ ଓ ସୁମିତ୍ରା ଅନ୍ୟତମା ଥିଲେ। ରାଜା ଦଶରଥଙ୍କର ସ୍ୱଦେହରେ ସ୍ୱର୍ଗ ପରିଭ୍ରମଣ କରିପାରିବାର ଏକ ସ୍ୱତନ୍ତ୍ରତା ଥିଲା। ତେଣୁ ଏକଦା ସେ ଦେବରାଜ ଇନ୍ଦ୍ରଙ୍କ ସହ ସାକ୍ଷାତ କରି ଖୁସିରେ ଫେରୁଥାନ୍ତି କାରଣ ଦେବରାଜଙ୍କର ଅଭ୍ୟର୍ଥନା ତାଙ୍କୁ ଖୁବ ପ୍ରୀତ କରିଥିଲା। ତେଣୁ ଖୁସିରେ ଭାବ ବିହ୍ୱଳ ହୋଇ ସେ ନିଜର ଧନୁ ଆଣିବା ଭୁଲିଯାଇଥିଲେ। ଧନୁ ଆଣିବା ପାଇଁ ସେ ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କରି ଦେଖିଲେ ଯେ, ସେ ବସିଥିବା ଆସନକୁ ଧୌତ କରାଯାଉଛି। ଧନୁଟି ଏକ ସ୍ଥାନରେ ରଖାଯାଇଛି।ଧନୁ ଧରି ଫେରିବା ସମୟରେ ସେ ଶୁଣିବାକୁ ପାଇଲେ,ରାଜାଙ୍କର ଅପୁତ୍ରିକତା ଯୋଗୁଁ ଅପବିତ୍ର ହୋଇଯାଇଥିବା ସ୍ଥାନ ଭାବରେ ଆସନକୁ ଧୋଇ ସଫା କରାଯାଉଛି।ଏତାଦୃଶ୍ୟ ଚେତନାରେ ରାଜା ବିଷର୍ଣ୍ଣ ହୋଇ ରାଜ୍ୟକୁ ଫେରିଲେ। ରାଜାଙ୍କର ଦୁଃଖ ଜାଣିପାରି ରାଜଗୁରୁ ବଶିଷ୍ଠ ପୁତ୍ର ପ୍ରାପ୍ତି ପାଇଁ ରାଜାଙ୍କୁ ଚରୁ ଯଜ୍ଞର ପରାମର୍ଶ ପ୍ରଦାନ କଲେ। ଇକ୍ଷାକୁକୁଳ ରକ୍ଷାର୍ଥେ କୁଳଗୁରୁ ବଶିଷ୍ଠ ସନ୍ତାନ ପ୍ରାପ୍ତି ନିମନ୍ତେ ଋଷିଶୃଙ୍ଗଙ୍କ ଦ୍ୱାରା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କରିଥିଲେ। ବଶିଷ୍ଠ ଓ ଋଷିଶୃଙ୍ଗଙ୍କ ଦ୍ୱାରା ଯଜ୍ଞ ସମାପନ ପରେ ଯଜ୍ଞଶ୍ୱର ଯଜ୍ଞରୁ ଆବିର୍ଭୁତ ହୋଇ ଏକ ଚରୁ ପାତ୍ର ରାଜାଙ୍କୁ ପ୍ରଦାନ କଲେ। ରାଜା ଦଶରଥଙ୍କର ଅନୁମତି ପାଇ ତିନି ରାଣୀ ଚରୁକୁ ପ୍ରସାଦ ରୂପେ ସେବନ କରିଥିଲେ ।ଏହାର କିଛିଦିନ ପରେ ତିନି ରାଣୀ ଅନ୍ତସତ୍ତ୍ୱା ହେଲେ। ପବିତ୍ର ଚୈତ୍ରମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ରଘୁବୀର ତିଳକ ଭାବରେ ଚାରିପୁତ୍ର ତିନି ରାଣୀଙ୍କ ଔରଷରୁ ଜନ୍ମଗ୍ରହଣ କରିଥିଲେ। ଜ୍ୟେଷ୍ଠରାଣୀ କୌଶଲ୍ୟାଙ୍କ ଗର୍ଭରୁ ଶ୍ରୀରାମଚନ୍ଦ୍ର, ମଧମା ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ କନିଷ୍ଠା ରାଣୀ ସୁମିତ୍ରାଙ୍କ ଔରଷରୁ ଜନ୍ମ ଗ୍ରହଣ କଲେ ଲକ୍ଷ୍ମଣ ଏବଂ ଶତୃଘ୍ନ। ସପ୍ତମ ଅବତାର ଭାବରେ ଭଗବାନ ବିଷ୍ଣୁ ସ୍ୱଇଚ୍ଛାରେ ଧରାବତରଣ କରିଥିଲେ। ଅଧର୍ମର ବିନାଶ ପାଇଁ, ଆସୁରିକ ଶକ୍ତିର ବିଲୋପ ପାଇଁ ମାନବ ଲୀଳା ରଚନା କରିଥିଲେ। ବାଲ୍ୟ ଲୀଳାରେ ଭୂଷଣ୍ଡ କାକର ଦର୍ପ ଦଳନ କରି ସମସ୍ତଙ୍କୁ ଆଚମ୍ଭିତ କରିଥିଲେ। ଗୁରୁକୂଳରେ ଶିକ୍ଷାପ୍ରାପ୍ତି ପରେ ଋଷି ବିଶ୍ୱାମିତ୍ରଙ୍କ ସହିତ ମିଥିଳାରେ ଆୟୋଜିତ ଶିବଧନୁଭଗ୍ନ ସ୍ୱୟଂବର ସଭା ଦେଖିବାକୁ ଯିବା ପଥରେ କୈବର୍ତ୍ତଙ୍କୁ ପଦସେବା କରିବାର ସୁଯୋଗ ଦେଇ ପତିତପାବନ ନାମକୁ ସାର୍ଥକ କରିଥିଲେ। ପଥରେ ତାଡକା ଅସୁରୁଣୀକୁ ମାରି ନିଜର ସାମର୍ଥ୍ୟ ପ୍ରକାଶ କରିବା ସହିତ ଅଭିଶପ୍ତା ପଥର ଅହଲ୍ୟାଙ୍କୁ ଉଦ୍ଧାର କରି ଦିବ୍ୟତ୍ୱର ପରିଚୟ ଦେଇଥିଲେ।

ମିଥିଳାରେ ସ୍ୱୟଂବର ସଭାରେ ତରୁଣ କାନ୍ତିଯୁକ୍ତ ବାହୁରେ ଶିବ ଧନୁ ଭଗ୍ନ କରି ରାବଣ ପରି ବଳିଷ୍ଠ ଯୋଦ୍ଧା ମାନଙ୍କର ଗର୍ବ ଖଣ୍ଡନ କରିଥିଲେ ଏବଂ ମୈଥିଳୀଙ୍କୁ ବିବାହ କରି ଅଯୋଧ୍ୟା ଫେରିଥିଲେ।

ପିତୃ ସତ୍ୟ ପାଳନ କରିବା ପାଇଁ ସେ ରାଜସୁଖ, ରାଜପଦକୁ ତ୍ୟାଗ କରି ଚଉଦ ବର୍ଷ ପାଇଁ ବନଗମନ କରିଥିଲେ।ବଣ ଜଙ୍ଗଲରେ ବୁଲି ଫଳ ମୂଳ ଖାଇ ନଦୀଜଳ ପାନକରି ପ୍ରକୃତି ସହିତ ନିଜକୁ ସାମିଲ କରିଥିଲେ। ଋଷି ଓ ସାଧୁସନ୍ଥ ମାନଙ୍କୁ ଆସୁରିକ ଶକ୍ତି ପ୍ରଭାବରୁ ରକ୍ଷା କରି ଧର୍ମ ସଂସ୍ଥାପନ କରିଥିଲେ। ସୂର୍ପଣେଖାର ପ୍ରେମ ଭିକ୍ଷାକୁ ପ୍ରତ୍ୟାକ୍ଷାନ କରି ସେ ମାନବ ସମାଜକୁ ଦର୍ଶାଇ ବାକୁ ଚାହିଁଥିଲେ ଯେ,ଏକ ପତ୍ନୀ ଗ୍ରହଣ ହିଁ ଶ୍ରେଷ୍ଠ ଧର୍ମ। ଏଠାରେ ସେ ମର୍ଯ୍ୟାଦା ପୁରୁଷ ଭାବରେ ବିବେଚିତ ହେଲେ ଚିରକାଳକୁ।

ପ୍ରତିଶୋଧ ପରାୟଣ ରାବଣର ମାୟା ହରିଣର ମାୟାରେ ପଡି ସେ ପତ୍ନୀ ସୀତାଙ୍କୁ ହରେଇଲେ ସତ, ହେଲେ ପଶୁ ପକ୍ଷୀ ପ୍ରତୀକ ହନୁମାନ, ସୁଗ୍ରୀବ, ଜାମ୍ବବନ, ଜଟାୟୁ, ଗୁଣ୍ଡୁଚି ଆଦିଙ୍କର ସମ୍ମିଳିତ ସହଯୋଗ କିପରି ଧର୍ମ ସ୍ଥାପନାରେ କ୍ରିୟାଶୀଳ ଅଟନ୍ତି ତାହା ମାନବ ସମାଜକୁ ଦର୍ଶାଇ ଥିଲେ।

ଭକ୍ତି ଭାବନାକୁ ସର୍ବୋଚ୍ଚ ସ୍ଥାନରେ ରଖି ପାଣିରେ ପଥର ଭସେଇ ପାରିବା କୌଶଳ ପ୍ରଦର୍ଶନ କରାଇ ଥିଲେ। ସମୁଦ୍ରରେ ସେତୁ ବାନ୍ଧି ଲଙ୍କାରେ ରାବଣ, କୁମ୍ଭକର୍ଣ୍ଣ ଆଦି ଅସୁରଙ୍କୁ ବଧ କରି ଧରାରେ ଧର୍ମ ସ୍ଥାପନା ପୂର୍ବକ ବିଭୀଷଣଙ୍କୁ ରାଜ୍ୟଭାର ଅର୍ପଣ କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରଜାନୁରଞ୍ଜକ ଶ୍ରୀରାମଚନ୍ଦ୍ର ପ୍ରଜାଙ୍କର ସୁଖ ପାଇଁ ସବୁକିଛି ତ୍ୟାଗ କରିଥିଲେ। ପ୍ରଜାଙ୍କର ଓ ରାଜ୍ୟର ଶାନ୍ତି ପାଇଁ ପୁନଶ୍ଚ ସୀତାଙ୍କୁ ବନ ପ୍ରେରଣ କରି ରାଜଉଆସରେ ବନବାସୀ ଜୀବନ ବିତାଇଥିଲେ। ଅବତାରି ପୁରୁଷଙ୍କର ବୀରତ୍ୱ, ବନ୍ଧୁତା, ତ୍ୟାଗ, ସତ୍ୟନିଷ୍ଠତା, ଭ୍ରାତୃପ୍ରୀତି, ପ୍ରଜାବାତ୍ସଲ୍ୟ, ନ୍ୟାୟନିଷ୍ଠତା ଆଦି ଦିବ୍ୟ ଗୁଣସମୂହ ଚିର କାଳକୁ ପ୍ରେରଣାଦାୟୀ ହୋଇ ରହିଆସିଛି। ସ୍ୱୟଂ ଭଗବାନ ହୋଇ ମଧ ସମ୍ପୂର୍ଣ୍ଣ ମାନବୀୟ ଧାରାରେ ଏକ ଦୃଷ୍ଟାନ୍ତ ଭାବରେ ସେ ଯୁଗ ଯୁଗକୁ ମର୍ଯ୍ୟାଦା ପୁରୁଷୋତ୍ତମ ଭାବରେ ବନ୍ଦନୀୟ ହୋଇ ରହିଆସିଛନ୍ତି।

+ଶିକ୍ଷୟିତ୍ରୀ, ଜୟପୁର,
କୋରାପୁଟ
ମୋ-୮୨୪୯୪୫୦୦୫୦

### କବିତା କୋଣାର୍କ

## ମେରୁବୃକ୍ଷ



କାଦମ୍ବରୀ ମହାଖୁଡ଼

ବାପା.... ମେରୁବୃକ୍ଷ

ଜୀବନ ମନ୍ଦିରର ଚଳନ୍ତି ଦେବତା
ସେ ଧର୍ଯ୍ୟ କୌଶଳର ସାହସି ଯୋଦ୍ଧା,
ସନ୍ତାନ ଜୀବନ ରଥର ସାରଥୀ ପିତା
ଥକିନଥାନ୍ତି ସଂସାର
ଯୁଦ୍ଧରେ ଆସୁଯେତେ ବାଧା ।

ତାଙ୍କ ମନ ରଫ ଖାତା ସଦୃଶ୍ୟ
ସ୍ୱପ୍ନ ଅନେକ ବାସ୍ତବତା ପ୍ରଯୁଜ୍ୟ ,
ଭାରାକ୍ରାନ୍ତ ମସ୍ତିଷ୍କ ତାଙ୍କ ଥାଏ ଅଦୃଶ୍ୟ
ବାହ୍ୟ ଶକ୍ତ ଚେହେରା ଅନ୍ତର କୋମଳ
ମାଧୁର୍ଯ୍ୟ ।

ସେ ଶିଖିଥିଲେ ଲୁହକୁ ଝାଳକରି
ଜୀବନ ବଞ୍ଚିବାର ମନ୍ତ୍ର,
ପୁରୁଣାକୁ ନିଜେ ପିନ୍ଧି
ଦେଉଥାନ୍ତି ନୂଆ ଜାମା ବସ୍ତ୍ର,
ସେ ଥିଲେ ପାଖରେ
ଲୋଡ଼ାନାହିଁ ଜୀବନରେ ଅସ୍ତ୍ର,
ସେ ସାକ୍ଷାତ ଦେବତା
ସାକ୍ଷୀ ଅଛି ପୁରାଣ ଓ ଶାସ୍ତ୍ର ।

କପାଳରେ ପିନ୍ଧିଥାନ୍ତି ଜାବତିୟ
ଅବ-ଶୋଷ
ତାଙ୍କ ପାଇଁ ପରିବାର ଜାଣେନାହିଁ
ଭୋକ-ଶୋଷ,
ରତୁକୁ ବନ୍ଧୁଭାବି ଖଟୁଥାନ୍ତି
ସାରା ବର୍ଷ-ମାସ
ଆମ ପାଇଁ କେତେଯେ
ସ୍ୱପ୍ନ କେବେ ହୁଏନାହିଁ ଶେଷ ।

ବାପା ଭଗବାନଙ୍କର ଅନ୍ୟ ଏକ ରୂପ
ଘରର ମେରୁବୃକ୍ଷ ଶୀତଳ ଛାଇ ସ୍ୱରୂପ,
ଜୀବନର ପ୍ରଥମ ଗୁରୁ ଅବା ଶିକ୍ଷକ
ସେ ସଂଘର୍ଷ ପଥର ସାହସୀ ପଥିକ ।

ବାପା ସଂସାରର ମେରୁ ବୃକ୍ଷ ......

♥ଗୁଡ଼ିଆନାଳୀ, ଢେଙ୍କାନାଳ
ମୋ: ୮୯୦୮୪୧୪୯୭୯

## ଯୁଦ୍ଧର ଅନ୍ତରାଳେ

ସୁଦର୍ଶନ ମହାପାତ୍ର

ଏ ଯୁଦ୍ଧ ଚାଲିଛି କାହିଁ କେତେ ଦିନୁ
ଅନ୍ତ କିବା ତା'ର ନାହିଁ
ମାଟି ମାଆ ଆଜି ଅଗ୍ନି ବଳୟରେ
ସତେ କି ଶ୍ମଶାନ ଭୁଇଁ ।
ବିଧ୍ୱସ୍ତ ବିଦୀର୍ଣ୍ଣ ବିଶାଳ ଭୂଖଣ୍ଡ
ସ୍ୱତନ୍ତ୍ରତା ଲୁପ୍ତ ପ୍ରାୟ
ଧୂସର ବିବର୍ଣ୍ଣ କୋଳାହଳ ଶୂନ୍ୟ
ସତେ କେଡେ ଅସହାୟ ।
ଭୂଲୁଣ୍ଠିତ ହୁଏ ଦମ୍ଭ ଶୌର୍ଯ୍ୟ ଶକ୍ତି
ଅହମିକା ସ୍ୱାଭିମାନ
ଶୁଭଇ ଯା ଖାଲି କର୍ଣ୍ଣ ପଟଳରେ
ମରଣର ଜୟଗାନ ।
ଦୃଶ୍ୟ ହୁଏ ଯାହା କାନ୍ତାରେ ପ୍ରାନ୍ତରେ
ରକତର ଝୋଟି ଚିତା
ବାହୁନି କାନ୍ଦଇ କୋଳ ଶୂନ୍ୟ ମାଆ
ସତେ କି ସେ ଅଭିଶପ୍ତା ।
ଶାଶ୍ୱତ ଶୈଶବ ନିର୍ବାକ ନିସ୍ତେଜ
ଭୋଗେ ଦୁଃଖ ଅପ୍ରମିତ
ହଜିଯାଏ କାହିଁ ସୁଖ ସଉରଭ
ସ୍ୱପ୍ନ ସବୁ ଅବାଞ୍ଛିତ ।
ଶାନ୍ତି ମୈତ୍ରୀ ଶବ୍ଦ ବିସ୍ମରଣ ଏବେ
ଜୀବନୁ ହଜିଛି ଛନ୍ଦ
ଧ୍ୱଂସ ସ୍ତୁପ ପରେ ମାନବାଧିକାର
ଦେଖଇ ଆତୁରେ ଯୁଦ୍ଧ ।
ବିଚରା ମନୁଷ୍ୟ ପ୍ରାଣ କଣ୍ଠାଗ୍ରତ
କ୍ଷୁଧା ତୃଷ୍ଣା ଦାବାନଳେ
ବିଶ୍ୱ ସମୁଦାୟ ଭୋଗନ୍ତି ଦୁର୍ଗତି
ଯୁଦ୍ଧର ଅନ୍ତରାଳେ ।

♥କୁଞ୍ଜବିହାରୀ ଲେନ, କଟକ

## ଅଳସୁଆ



ଅରୂପ କୁମାର ବିଶ୍ୱାଳ

ଅଳସୁଆ ସଦା ଦୁଃଖ ପାଏ ବୋଲି
ଶାସ୍ତ୍ର ଯାଇଅଛି କହି,
ଯନ୍ତ୍ରର ଯୁଗରେ ଆଳସ୍ୟ ପାଲରେ
ମଣିଷ ହେଉଛି ବାଇ।
କାୟାକ୍ଳେଶ କେହି ସହି ପାରନ୍ତିନି
ଚାରିପଟେ ଯନ୍ତ୍ର ଭିଡ,
ଲାଗୁଛି ଯେମିତି ଯନ୍ତ୍ରର ମାୟାରେ
ମଣିଷ ଖାଉଛି ମାଡ।
ଖାଇବା ପିଇବା ଶୋଇବା ଚାଲିବା
ସବୁ କାର୍ଯ୍ୟ କରେ ଯନ୍ତ୍ର,
ମଣିଷର ଅଙ୍ଗ ଅବଶ ହୋଇକି
ପାଉନାହିଁ କିଛି ସୂତ୍ର।
ହାତ ଅଳସରେ ନିଶ ବଙ୍କା ହୁଏ
ଅଛି ପରା ଲୋକବାଣୀ,
ଅଳସ୍ୟ ଜାଲରେ ଝଟପଟ ସର୍ବେ
ଧିରେଧିରେ ନିଏ ଟାଣି।
ପ୍ରଥମେ ଆଳସ୍ୟ ବୁଡିଆଣି ସୂତା
ଅଙ୍ଗପ୍ରତ୍ୟଙ୍ଗକୁ ଛନ୍ଦେ,
ଧିରେଧିରେ ତାହା ହୁଅଇ ଦଉଡି
ହାତଗୋଡ ସବୁ ବାନ୍ଧେ।
ଛୋଟ କାମଟିଏ ଭାରି ଭିଡ ଲାଗେ
ଶ୍ରମ ଝାଳ ଯାଏ ବୁଡି,
ଏସି ଠାରୁ ପଙ୍ଖା ଲଗେଇକି ବସ
ସତେ ହୋସ ଯିବ ଉଡି।
ଧିରେଧିରେ ଆମ ଅଭ୍ୟାସ ବଢୁଛି
ନିର୍ଭରଶୀଳତା ବଢେ,
କାମ ନକରିକି ଖାଇପିଇ ରହି
ମୋଟାପା ରୋଗଟା ବଢେ।
ମଣିଷ ଦିଶନ୍ତି ଜଳହସ୍ତୀ ପରି
ସତେକି ରୋଗର ଖଣି,
ମୁଢି ଚୁଡା ପରି ବଟିକା ଚୋବାଅ
ଡାକ୍ତରଙ୍କୁ ଦିଅ ଗଣି।
ନୂଆନୂଆ ରୋଗ ମାଡି ଆସୁଅଛି
ସବୁ ଏ ଆଳସ୍ୟ ପାଇଁ,
ବ୍ରୟଲର ସତେ ମଣିଷ ସାଜୁଛି
କ୍ଳେଶ ପାରେନାହିଁ ସହି।
ଯନ୍ତ୍ର ଯଦି ହାତ ଛାଡିଦେବ ଏବେ
ବଢୁଛି ପେଟ୍ରୋଲ ଭାଉ,
ବିଜୁଳି କେମିତି ଆସିବ କୁଆଡୁ
କୋଇଲା ନଥେଲେ ଆଉ।
ବେଳଥାଉ ବନ୍ଧ ବାନ୍ଧହେ ମଣିଷ
ଆଳସ୍ୟକୁ କର ପର,
ଆଗକୁ ଆସୁଛି ଅନେକ ବିପଦ
କିଏସେ କରିବ ଦୂର।

♥ସହକାରୀ ଶିକ୍ଷକ
ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ
ପାରାଦୀପ,
ମୋ-୯୦୪୦୮୭୦୧୦୦

## ଆସ ଚଢ଼ିବାରେ ଘୋଡା



ରମେଶ ଚନ୍ଦ୍ର ନାୟକ

ଆସିଲାଣି ଖରା ତାତିଲାଣି ଧରା
ତା' ସାଥେ ତାତିଲେ ନର
ଦେଶ ରାଇଜରେ ବଢ଼ି ବଢ଼ି ଚାଲେ
ପେଟ୍ରୋଲ ଡିଜେଲ ଦର ।

ଯାହା ପାଖେ ଅଛି ସ୍କୁଟର ବାଇକି
ଅବା ଚାରିଚକ ଯାନ
ବିକି ଦେବା ସବୁ କିଣି ନେବେ ବାବୁ
ଯା' ପାଖରେ କଳାଧନ ।

ପ୍ରାପ୍ତି ଧନ ଧରି ଅବା ଋଣ କରି
କିଣିବାରେ ଚାଲ ଘୋଡା
ବଜାର ଘାଟକୁ ଯାତାୟାତ ପାଇଁ
ତେଲ ହେବ ନାହିଁ ଲୋଡ଼ା ।

ପରିବେଶ ପରା ହେବନି ଦୂଷିତ
ଗାଡି ଛାଡି ଘୋଡା ପୋଷ
ରାସ୍ତା ଦୁର୍ଘଟଣା ଜନ ଧନ ହାନୀ
କମି ଗଲେ ଖୁସି ଦେଶ ।

ଘୋଡା ଚଢି ଗଲେ ସଭିଏଁ ଜାଣିବେ
ଦେଖି ଠାଣି ରାଜକୀୟ
ରାସ୍ତାକୁ ସୁନ୍ଦର ସେ ଘୋଡା ସବାର
ଖୋଲାକାଶେ ପରିଚୟ ।

ଯାନ ଯାତ୍ରା ଠାରୁ ଘୋଡା ଚଢା ଶ୍ରେୟ
ନାହିଁ ଏଥି ତେଲ ଲୋଡା
ସମ୍ଭାଳି ହେବନି ତେଲ ଦର ବୃଦ୍ଧି
ଆସ ଚଢ଼ିବାରେ ଘୋଡା।

♥କେଶରପୁର,
ବକ୍ସି ବଜାର, କଟକ
ମୋ :- ୭୯୭୮୧୫୧୭୧୦



## କବି ଚାଲିଗଲେ
### ଗଜାନନ ମିଶ୍ର

କେମିତି ଗଲେ ? ଗଲେ କୋଉଠିକୁ ?
ଛତା ଯୋତା ନେଇଛନ୍ତି
ନା ନାଇଁ ଗଲାବେଳେ !

ଜାଣିଲେ ନା ନାଇଁ
କୋଉଠି କଣ ହେଲା ଶସ୍ତା
ଆଉ କଣ ହେଲା ମହଙ୍ଗା
ଚଳିତ ସୀତାରାମାୟା ବଜେଟରେ !

କପଡା ଚମଡା ଶସ୍ତା,
ପୁରସ୍କାର ତିରସ୍କାର ମହଙ୍ଗା,
ମିଟିଂ ଇଟିଂ ସିଟିଂ ଗେଟିଂରେ
ରହିଲା କଳାକାରନାମା ।

ବୁଡିଆଏ, ଥାଅ ସ୍ଲିପିଂରେ,
ପାଳି ଆସିବ କି ନାଇଁ, କହିବ କିଏ !
କବିତୁଣ୍ଡ, ମେଣ୍ଢାମୁଣ୍ଡ ପରଖିଲାବେଳେ
ବ୍ୟାପିଗଲା ହଇଚଇ ସଂସାରରେ ।

♥ ତପୋବନ, ଟିଟିଲାଗଡ,
ବଲାଙ୍ଗୀର

## ବୋକି ଝିଅର ପ୍ରେମ
### ସୁବ୍ରତ କୁମାର ଜେନା

ଧିରେ ଧିରେ ଘୁଂଚିଯାଏ କାଳୀ ଅନ୍ଧାର,
ଆକାଶ ହୁଏ ରକ୍ତ ରଞ୍ଜିତ ଆଗମନୀ ବାର୍ତ୍ତାକୁ ନେଇ,
ବୋକିଝିଅ ବାହାରେ ଝପଟରେ ସକାଳ ସ୍ନାହନ କୁ,
ଚହଲା ପାଣିରେ ବାରମ୍ବାର ମୁହଁକୁ ଦେଖେ,
କେତେ କଣ ଭାବିଯାଏ ଆରମ୍ଭରୁ ଶେଷ ଯାଏ
ଗୋଡ଼କୁ ପାଣିରେ ବାଡଉ ବାଡଉ,
ଅଜଣାରେ ଆଙ୍କିବାସେ ପ୍ରିୟତମର କାଳ୍ପନିକ ଚିତ୍ର,
ମନେ ମନେ ଖୁବ ହସେ ସଖୀର କଥା ଭାବି,
କେତେ ଥର ସେ ପରା ପଚାରିଛି,
ଏ ବଉଳ : ତୋ ମନର ରାଜକୁମାର କାଇଁକିଲୋ ?
ଫେରିଆସେ ଘରକୁ ଗ୍ରାମପଥ ଦେଇ ସ୍ନାନ ସାରି,
ମାଟି ରାସ୍ତାରେ ଆଙ୍କି ଆଙ୍କି ଆସେ ପାଦର ଚିତ୍ର,
ବଧୁଲି ହସରେ ରଙ୍ଗ ମାଖେ ସୂର୍ଯ୍ୟ,
ମାଟି ରେଣୁ ନିତି ସକାଳେ ଚାହିଁରୁହେ ତାଆସିବା ବାଟକୁ ।

ଏମିତି ଦିନେ ସକାଳ ଆସେ,
ପ୍ରେମର ଫରୁଆରେ ଜଣେ ପ୍ରତାରଣା ପରଷେ,
ପ୍ରଥମ ଥର ହୃଦୟ ଭାଙ୍ଗେ ବୋକି ଝିଅର,
ସେ ବୁଝି ନଥିଲା ପ୍ରେମ ପ୍ରତାରଣାର ଜ୍ୟାମିତିକୁ,
ନୂଆକରି କେହି ଜଣେ ଗଢିଥିଲା ତା ହୃଦୟରେ ଘର,
ଚାହୁଁ ଚାହୁଁ ପହିଲି ଫଗୁଣର ଫଗୁରେ ଭିଜିଥିଲା ସେ,
ଆଗ ଭଳି ଆଉ ତା ସୀମା ସରହଦରେ ବାଜୁନଥିଲା ବିଗୁଲ ଅଶାନ୍ତିର,
ମାଡୁନଥିଲା ଦୁଃଖର ଯନ୍ତ୍ରଣାର ଜୁଆର,
ହଠାତ ପର ଲାଗିଥିଲା ତାର ସୁନେଲି ସ୍ୱପ୍ନରେ,
ଉଡ଼ିବୁଲୁଥିଲା ସାରାଦିନ ସାରାରାତି ପ୍ରେମର ସହରରେ,
ହେଲେ ଅଚାନକ ଆସେ ଋତୁ ପରିବର୍ତ୍ତନର,
ବେଳ ଆସିଥିଲା ଫେରିବାକୁ ପୁରୁଣା ନୀଡ଼କୁ ।

ବୋକି ଝିଅ ଧିରେ ଧିରେ ବୁଝୁଥିଲା,
ଏ ପ୍ରେମ ଅଛି ମାନେ ପ୍ରତାରଣା ଆସିବ,
ବିଶ୍ୱାସ ବି ନିଶ୍ୱାସକୁ ଠକିବାର ସୁଯୋଗ ଖୋଜିବ,
ଏମିତିରେ ଗୋଡ଼ ଖସିଲେ ସବୁ ଶେଷ,
ଧିରେ ଧିରେ ନିଜକୁ ସମ୍ଭାଳୁଥିଲା ପତନ ର ଆରମ୍ଭରୁ,
ଏବେ ସମସ୍ତେ କହୁଥିଲେ ଝିଅ ବୋକି ନୁହଁ,
ସେତ ସବୁଠୁ ବୁଦ୍ଧିମତୀ ବୋଲି ।



♥ ଶୂରଡିହ, ନନ୍ଦିପୁର, ଯାଜପୁର
ମୋ -୯୭୭୬୨୦୮୯୩୦ .

## ମିତ ବସି ପାରିଲିନି
### ରଶ୍ମି ସାମଲ



ତୁମ ପାଇଁ ସାଜିଥିଲି ସେହି
ସମୁଦ୍ରର ବେଳାଭୂମି ହୋଇ
ବେଳେ ବେଳେ ଉତ୍ତାଳ
ତରଙ୍ଗର ଧକ୍କାରେ
ଘୁଞ୍ଚି ଆସେ ପଛକୁ ପଛକୁ
ଅମାନିଆ କୂଳମୁଖା ହୋଇ

ଛୁଇଁ ଯାଅ ପ୍ରତି ରାତିରେ
ଚେଇଁ ଉଠେ ସେହି ଅବୁଝା ସ୍ୱପ୍ନ ।

ମିତ କିପରି ବିସିବି
ଅବିଶ୍ୱାସର ମୁଖା ପିନ୍ଧି
ପ୍ରାଚୁର୍ଯ୍ୟର ଅହଂକାରରେ
ପାଖ ଝାଉଁ ବଣରେ ଆଡରୁଷା
ଦେଇ ଲୁଚି ଯାଉଛ
ରହସ୍ୟ ଭେଦିବା ଯେତିକି କଷ୍ଟ
ଚକ୍ରାନ୍ତକୁ ଚିହ୍ନିବା ଆହୁରୀ ଜଟିଳ ।

ପ୍ରତି ମୁହୂର୍ତ୍ତରେ ଉଜୁଡେଇ ପାରେ
କାଳ ବୈଶାଖୀ ପରି
ଉଚ୍ଛୁଳା ଢେଉ ଆସି
କ୍ଷତାକ୍ତ ଓ ଆହତ ହେବ ଆତ୍ମା
ଧୀରେ ଧୀରେ ତାର ଅତଳ ଗର୍ଭକୁ
ଟାଣି ନେବ ରାକ୍ଷସର ରୂପରେ ।

ଅନ୍ଧାରି ମୂଳକରୁ ମୁକୁଳି ହେବନାହିଁ
ବେଳ ସରିଯିବ
ସବୁ ଲହୁ ଲୁହାଣ ହୋଇ
ଅସହାୟତାର ଟୋପା ଟୋପା

ରକ୍ତ ନିଗିଡି ଆସିବ ।

ଚଞ୍ଚକତାରେ ଯେବେ ହୋଇଥାଏ ନିଶ୍ୱ
କରୁଣ ଚାହାଣୀରେ
ଆଖି ଖୋଲିଲେ ଦିଶୁଥିବ
ସେହି ସମୁଦ୍ରର କୋଣରୁ
ପୂର୍ବ ଆକାଶର ଉଇଁ ଆସୁଥିବା ସୂର୍ଯ୍ୟ ।

ପରିପୂର୍ଣ୍ଣ ଜୀବନ ଭିତରେ
ଚହଲୁଥିଲା ସେହି ଶବ୍ଦ ସମ୍ବନ୍ଧ
ମାୟାର ସବୁ ଜ୍ୱଳକୁ
ନିର୍ଜନ ବେଳାର ନିଆରା ରୋମାଞ୍ଚକୁ
ପାଷାଣ ହୋଇ ମୁକ୍ତିର ଅପେକ୍ଷାରେ ।

♥ ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫





## ଏଇ ହୃଦୟ ମୋର
### ବାବାଜୀ ଚରଣ ଜେନା

ଏ ହୃଦୟ ମୋର
ଭଙ୍ଗା ଦେଉଳର ମୁଖ ଶାଳା
କେତେ ଅଭିମାନ, କେତେ ଅଭିଯୋଗ
ସହିଛିତ କେତେ ବିଷ ଜ୍ୱାଳା
ଏ ହୃଦୟ ।

କାହା ଚରିତ୍ର ଚିତ୍ରଣ କରିନି
ବଜାରରେ ବୁଲି ବୁଲି
ଅପଦସ୍ତ କେବେ କାହାକୁ କରିନି
ଶାଳୀନତା ମୋର ଭୁଲି
ସଫଳତା ପାଇଁ କାହା ମୁହଁରେ ମୁଁ
ବୋଳି ନାହିଁ କଳଙ୍କର କଳା
ଏ ହୃଦୟ ମୋର ।

କାହାର କେବେମୁଁ ପଥ ରୋଧି ନାହିଁ
ନିଜର ତ ସ୍ୱାର୍ଥ ପାଇଁ
ଅପଯଶ ଯେତେ ମୁଣ୍ଡେ ମୁଣ୍ଡେଇଛି
ଅପନିନ୍ଦା କେତେ ସହି
କେତେମୁଁ ଲଢିବି ଯୁଦ୍ଧ ଭୂମିରେ
ଏଠି କଣ୍ଟା ପରା ରାସ୍ତା ସାରା
ଏ ହୃଦୟ ମୋର ।

♥ ଅହଲ୍ୟା ନିବାସ
ପୋପରଡା, ନୂଆବଜାର, କଟକ-୪
ମୋ: ୯୪୩୭୮୩୪୭୧୯

## ରାମ ନାମ ସୁଧା ବାରି'
### ଶ୍ରୀ ସତ୍ୟବ୍ରତ ସାହୁ

ଏ ଜୀବନ ସିନା ମରୁ ମରିଚିକା ରାମ ନାମ ସୁଧା ବାରି,
ସେହି ସୁଧା ବାରି ତୁଣ୍ଡେ ଥିଲେ ଧନ ଭବୁ ହୋଇଯିବୁ ପାରି ।

ସଂସାରତ ଏକ ମିଛ ପ୍ରହେଳିକା ମିଛରେ ସଭିଏଁ ବନ୍ଧା,
ଶେଷବେଳେ କେହି ଧରା ଦେବେ ନାହିଁ ବାଛିନେବେ ନିଜ ଧନ୍ଦା,
ରଖିଥା ସୁମନ ରାମ ପାଦେ ଧ୍ୟାନ ସାଥିରେ ଥିବେ ତୋହରି ।
ଏ ଜୀବନ ସିନା....

ସଂସାର ବାଟରେ କେତେ ଢିପ-ଖାଲ ଝୁଣ୍ଟି ପଡ଼ିବାର ଭୟ
ଯନ୍ତ୍ରଣା ତୋହର କେହି ହରିବେନି ଦେବେନାହିଁ ଟିକେ ଲୟ
ରାମ ପଦାମୃତ କରୁଥିଲେ ପାନ ଦୁଃଖ, ଶୋକ ଯିବ ମରି ।
ଏ ଜୀବନ ସିନା....



♥ ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ-୯୩୩୮୧୬୫୬୧୯

## ହରେଇଲା ପରେ
### ଲକ୍ଷ୍ମୀପ୍ରିୟା ମାଇତି



ମଣିଷ ଭାବେ...
ମୁଁ କାହିଁକି ଏତେ ବଡ଼ ଭୁଲ୍ କରୁଥିଲି
ସବୁ ସରିଗଲା ବାଦ୍ ।

ଟିକେ ପୂର୍ବରୁ କାହିଁ ଭାବେନି
ଏହା କେତେ ଭଲ କେତେ ମନ୍ଦ
ନକଲେ ଭଲ ହୁଅନ୍ତା
ମୁଁ ଆଦୌ କରିବି ନାହିଁ ।

କିନ୍ତୁ ତାହା ହୁଏନି
ଜାଣିଶୁଣି କାଦୁଅରେ
ଗୋଡ଼ ପୂରାଏ
ବାହାରିଲା ପରେ ଧୋଇବାର କଷ୍ଟ ।

ଏତେବେଳେ ଆଉ କେହି ନାହିଁ
ଭିତରେ କାନ୍ଦେ ବାହାରେ ହସେ
ଅନ୍ତରରେ ଆର୍ତ୍ତଚିତ୍କାର କରେ
ହେ ଇଷ୍ଟ ... !
ମତେ ରକ୍ଷା କର ବାରେ ।
ହରେଇଲା ପରେ...

♥ ଏରସମା, ଜଗତସିଂହପୁର

## ଝରଣା
### ବୈଷ୍ଣବ ମେହେର



ଝରୁଥାଏ ପୟ ଧାର ଧାର,
ଗଢ଼ିଛି କୋଉ ଈଶ୍ୱର ତତେ;
ଗିରିବର କୋଳେ ଲୁଚକାଳି ଖେଳି,
ବହିଯାଉ ତୁ ଲୋଚନର ଅଗୋଚରେ ।

ସରାଗରେ ବହିଯାଉ ଅବନୀ ଦେହେ,
ନୀଳ ସୁନ୍ଦର ପୟସ୍ୱିନୀ ହୋଇ,
ମନ୍ଥର ସମୀର ବହେ ଏକାଗ୍ରତେ,
ଆଖି ସରସେ ବିହଙ୍ଗ ଦଳେ ।

ମୀନ, ସରୀସୃପ ଖେଳନ୍ତି ସରାଗେ,
କୁସୁମ, ପାଦପ ବଢ଼ନ୍ତି ତୋ କୂଳେ,
ବାନର ଝୁଲଇ ପାଦପ ଡ଼ାଳେ,
ହସ୍ତୀ, କେଶରୀ ବୁଲନ୍ତି ବେଳେବେଳେ ।

ସୂର୍ଯ୍ୟ ଚନ୍ଦ୍ର ତଟିନୀ ଦେହେ...
ଖେଳନ୍ତି ଦିନ ରାତି ଆନନ୍ଦରେ,
ବାରିର କୁଳୁକୁଳୁ ନାଦ ଆଗେ,
ବଂଶୀର ମଧୁର ମୂର୍ଚ୍ଛନା ଫିକାଲାଗେ ।

ସଂସାରର ବିଚିତ୍ର ଖେଳ ଇଏ,
ଝରଣାରୁ ହୋଇ ସ୍ରୋତସ୍ୱିନୀ ଟିଏ,
ବହିଚାଲେ ସରାଗେ ଧରଣୀ ବକ୍ଷରେ,
ଅଂତରେ ରତ୍ନାକର ସାଥେ ମିଶେ ।

♥ ଗଣ୍ଡାବାହାଲି
ନୂଆପଡା
ମୋ: ୬୨୬୪୩୦୫୦୦୩

## ପ୍ରେମ ନୈବେଦ୍ୟ
### ଧ୍ରୁବ ଚରଣ ବେହେରା



ବୈଶାଖରେ ତୁମେ ତରୁ ଶୀତଳତା
ବର୍ଷାରେ ମେଘ ମହ୍ଲାର
ଗାଉ ଥାଅ ଝରି ପ୍ରେମର କବିତା
ପ୍ରୀତି ନୈବେଦ୍ୟର ସୁର ।

ଶରତ ରାତିର ଚାନ୍ଦିନୀ ଗୋ ତୁମେ
ଜ୍ୟୋତ୍ସ୍ନା ଭିଜା ପ୍ରିୟା ଶଶୀ
ଉଇଁ ଆସ ମୋର ହୃଦୟ ଆକାଶେ
ମାନମୟୀ ପ୍ରେମେ ହସି ।

ହେମନ୍ତରେ ତୁମେ ଶାନ୍ତ ସୁରଭିତ
ତାରାଗଣେ ଲକ୍ଷେହୀରା
ତୁମରି ଯୌବନ ଗୋରା ତନୁ ମନ
ଜୀବନରେ ଅପାସୋରା ।

ଶୀତରେ ଆସ ଗୋ ଥିରି ଥିରି ହୋଇ
ରାତିର ଶିଶିର ସାଜି
ଭିଜି ଯାଅ ମୋର କଅଁଳ ଓଠରେ
ସାନିଧ୍ୟର ମଧ୍ୟେ ଭିଜି ।

ବସନ୍ତର ତୁମେ ଅକୁହା ରାଗିଣୀ
କୋକିଳର ମଧୁସୁର
ଗାଉ ଥାଅ କେତେ ପ୍ରେମ ଚଉପଦୀ
ବଉଳର ବାସ ପୁର ।

ତୁମେ ମୋର ସାଥୀ ପ୍ରୀତି ମଧୁମତୀ
ଜୀବନ୍ତ କବିତା ପ୍ରାଣ
ଭଲ ପାଉଥିବି ଋତୁ ପରେ ଋତୁ
ରହିଲା ସାଥୀ ଗୋ ରାଣ ।

♥ ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪



## ପୁରସ୍କାର
### ରତ୍ନକାନ୍ତି ମିଶ୍ର

ବାରଶ ବଢେଇଙ୍କ ବିଧ୍ୱସ୍ତ ସଂସାର
କଳାର ଯଜ୍ଞକୁଣ୍ଡରେ ସମର୍ପିତ
ଜୀବନ, ଯୌବନ, ଶୃଙ୍ଗାର, ଦାମ୍ପତ୍ୟ
ଅସ୍ଥି, ମେଦ, ସ୍ୱେଦ, ରକ୍ତ
ସବୁ ଥିଲା ବିସର୍ଜିତ
କାଳ କାଳକୁ କିନ୍ତୁ କୋଣାର୍କ ଚର୍ଚ୍ଚିତ
ରାଜା ଥିଲେ ମନ୍ତ୍ରମୁଗ୍ଧ !
ପୁରସ୍କାର...
ମଥାରେ ବନ୍ଧା ମଖମଲି ପାଟକନାର ଶିରିପା
ଏବେ ତ' ସେ ସୁବର୍ଣ୍ଣ ଅତୀତ...!!!

ଆଜି ସବୁଠି ବେପାର
ହାଟରେ ବିକ୍ରି ଅନାଲୋଚିତ ସାମର୍ଥ୍ୟ
ଆଖିରେ ଅନ୍ଧପୁଟୁଳି
ତଥାପି ସାବ୍ୟସ୍ତ ହୁଏ ଅପ୍ରତ୍ୟାଶିତ ନିଷ୍କର୍ଷ
କେତେ ସୃଷ୍ଟିର ହୁଏ ବିଲୟ ରଖି ହୁଏନା ଠିକଣା
ପବନ ଚୋରାଇ ନିଏ କେବେ
ଚଢେଇ କଣ୍ଠର ଲାଳିତ୍ୟ...!!

ବେଶ୍ ଏବେ ସଜେଇ ରଖ
ଫୁଲ, ଉତ୍ତରୀୟ, ସୁଦୃଶ୍ୟ ସିଂହାସନ ଆଉ
ପାପ ଢାଙ୍କିବାର ଅଙ୍ଗବସ୍ତ୍ର ଅଜାଡି ଦିଅ ସବୁ
ଧୂର୍ତ୍ତ ଶୃଗାଳର ମଗଜରେ
ଯେତେ ସବୁ ପୁରସ୍କାର
ପ୍ରଶସ୍ତି ଏବଂ ମାନପତ୍ର...!!!

♥ ଆଳି, କେନ୍ଦ୍ରାପଡା

## ହରି ନାମ ରସ ମାଧୁରୀ
### ଲୀଳାବତୀ ପରିଡ଼ା



ହରି ନାମ ରସ ମାଧୁରୀ, ମନ ଭଜ ତାକୁ,
ହରି ନାମ ଅମୃତ ଝର, ପାନ କର ତାକୁ,
ହରି ନାମ ବଡ଼ ମଧୁର, ମନ ଚାଖ ତାକୁ,
ହରି ନାମ ହୃଦ ଚନ୍ଦନ, ଦେହେ ମାଖ ତାକୁ ।

ହରି ନାମ ଭକ୍ତି ଅସରା, ହୃଦେ ରଖ ତାକୁ,
ହରି ନାମ ମୁକ୍ତି ପସରା, ବାନ୍ଧି ରଖ ତାକୁ,
ହରି ନାମ ସଂସାରେ ସାର, ନିତି ଜପ ତାକୁ,
ହରି ହିଁ ଆରାଧ୍ୟ ଦେବତା, ନିତି ପୂଜୁ ତାକୁ ।

ହରି ନାମ ଚରିତାମୃତ,ହସ୍ତେ ଲେଖ ତାକୁ,
ହରି ନାମ ଗହନ କଥା, ମନ ବୁଝୁ ତାକୁ,
ହରି ନାମ ଶ୍ରବଣ କର, ଡେରି ତୋର କର୍ଣ୍ଣକୁ,
ହରି ନାମ ଭଜନ କର, ମନେ ଧ୍ୟାୟୀ ହରିଙ୍କୁ ।

ହରି ନାମ ଭାବ ସାଗରେ, ବୁଡ଼ା ନିଜ ପିଣ୍ଡକୁ,
ହରି ନାମ ପ୍ରେମରେ ଭିଜି, ଭିଜା ସର୍ବଜନଙ୍କୁ,
ହରି ନାମେ ଭାବ ରଖିଲେ, ତରିବୁ ସଂସାରକୁ,
ହରି ଭବୁ ପାରି କରିବେ, ଦେଇ କୃପାତରୀକୁ ।

♥ କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
(ମୋ) ୯୮୬୧୯୪୫୬୨୬

## ଭାଗ୍ୟ ଚକ୍ର
### ଡିସମ୍ବର ମେହେର



ଅଚିନ୍ତାରେ ଶୋଇଛି ପୁଅ
ଭୟ ନାହିଁ କି ଖାତିର ନାହିଁ
ବାପା ଅଛନ୍ତି ବୋଲି ତ...

ଭୋକ ହେଲେ
ଖାଇବାକୁ ଦେବେ
ବଜାରରୁ ମିଠା ଆଣିବେ
ମନଜିଣା ଖେଳଣା ଆଣିବେ...

ଜ୍ୱର ହେଲେ ଡାକ୍ତର ଡାକନ୍ତି
ଅନାସକ୍ତ ଭଲ ପାଇବା ଦିଅନ୍ତି
କେତେ କଠିନ ପରିଶ୍ରମ ...

ଲକ୍ଷ୍ୟ ତାଙ୍କ ଆଗୁଆ
ପୁଅର ଜନ୍ମରୁ ଦେଖିଛନ୍ତି ସ୍ୱପ୍ନ
ମୋ ପୁଅ ବଡମଣିଷ ହେବ ...

ପାଠପଢି ନାଁ କରିବ
ଛାତି ମୋର ଚଉଡା କରିବ
ମୋ ସୁନା ..ମୋ ସୁନା ମୁଣ୍ଡା...

ଦଇବର ଦାଉ
ନାଁ କି ପାପ କର୍ମର ଫଳ
ଏ ପାଦଟି
ଆଜି ପାରାଲେସିସରେ ନିଷ୍ପଳ...

କେଜାଣି ମୋ ଆଖି ଲୁହ
କାହାକୁ କରୁନି ଆଜି ବ୍ୟଥିତ
କି ଭୁଲର ଏ ପ୍ରାୟଶ୍ଚିତ ...

ସ୍ନେହ ମମତାର ମହକ
ନାହିଁ ଆଉ କି ଚମକ
ଲାଗୁଛି କି ଆଜି ଦୁର୍ଗନ୍ଧ...

ପୁଅ ଆଜି ମୋ ପାଇଁ ବାପ
ବାପା ..ବାପା... ବାପା...
ପାଉନି ପ୍ରତି ଉତ୍ତର ...

♥ ଗଣ୍ଡାବାହାଲି
ନୂଆପଡା

## ବୃନ୍ତଚ୍ୟୁତ
### ଡ.ଉମେଶ ଚନ୍ଦ୍ର ମହାପାତ୍ର



ଉର୍ବର ମରଣଶୀଳତାର
ଛାଞ୍ଚରେ ଗଢ଼ା
ଏ ଅର୍ଥପୂର୍ଣ୍ଣ ନୀରବତା
ଗାଳି ସହବାସ
ସ୍ପନ୍ଦନରେ ସ୍ପନ୍ଦନରେ
ଛିନ୍ନପକ୍ଷ ବିହଙ୍ଗ କାକଳି
ନାଁ ଅଜଣା ମୁହୂର୍ତ୍ତ ଓ ଋତୁର ବତାସ ।

ସାଇତି ହୁଏନି କେଉଁଠି
ଅସ୍ତିତ୍ୱକୁ ଦୋହଲେଇ ଦେଉଥିବା
କାହା ଆଖିର ଆଖିଏ ବସନ୍ତ
ଯତ୍ନରେ ପାଳିତ ସବୁ ଉହାଡ଼କୁ
ଖାଇଯାଏ ଉଇ
ଜଳରେ ଲବଣ ପରି
ମିଳେଇ ଯାଇ ହୋଇ ସାରିଥାଏ
ହସ୍ତାକ୍ଷରହୀନ
ସେ କୁହୁକ ପାଦ ଓ ଜିଜ୍ଞାସା

ଅତିକ୍ରମ କରିବା ପୂର୍ବରୁ
ସାତଟି ସମୁଦ୍ର ଆଉ ତେରଗୋଟି
ଖରସ୍ରୋତା ନଈ ।

କେବଳ ପ୍ରତ୍ୟାବର୍ତ୍ତୀ ମୁଦ୍ରାରେ ହିଁ
ମହମହ ଏ ଯାତ୍ରା
ଫେରାର୍ ନିଖୋଜ ସବୁ ଲକ୍ଷ୍ୟସ୍ଥଳ
ବୃନ୍ତଚ୍ୟୁତ ହେବାର ପ୍ରତୀକ୍ଷା ହିଁ
ଏଠି ଫୁଲ ହୋଇ ଫୁଟେ
କିଛିନାହିଁ କିଛିନାହିଁ ସେମିତି
ବେଳ ଓ ଅବେଳ ।

ପଞ୍ଚାୟତ ମହାବିଦ୍ୟାଳୟ,
ବରଗଡ଼ -୭୬୮୦୨୮,
ମୋ: ୯୯୩୮୭୭୦୫୭୨

## ରାତ୍ରି
### ବିଜୟଲକ୍ଷ୍ମୀ ପାଣିଗ୍ରାହି



ରାତ୍ରି ଗୋ ତୁମେ କୃଷ୍ଣ କାଳୀମାର
ଗାଢ଼ବର୍ଣ୍ଣା ଅଭିବ୍ୟକ୍ତି
ସମାହିତ ସବୁ ରଙ୍ଗ ତୁମ କୋଳେ
କଳ୍ପନାର କଳ୍ପଗୀତି
ଶୀତଳ ଜ୍ୟୋତ୍ସ୍ନାର ପ୍ରୀତି
ସପନ ଦୋଳିରେ ଝୁଲଇ ଠିକଣା
ତୁମେ ଅସରାଏ ସ୍ମୃତି ।

ରାତ୍ରି ଗୋ ତୁମେ ସଦା ଗର୍ଭବତୀ
ନୂତନ ରବି ପ୍ରକାଶେ
ନୂଆ ସକାଳର ସମ୍ଭାବନା ଯେତେ
ଆସଇ ତୁମରି ହସେ ।
ଜଡ଼ରୁ ଜୀବନ ରସେ
ଦିବ୍ୟ ଆଲୋକରେ ଆଲୋକିତ ଧରା
ତୁମରି ଆୟୁଷ ଶେଷେ ।

ରାତ୍ରି ତୁମେ ପରା ଜୀବନ ସଂଗ୍ରାମେ
ବିଶ୍ରାମର ପାନ୍ଥଶାଳା
ଦଧିଚିର ତ୍ୟାଗ ତୁମ ଅନୁରାଗ
ସାରାଦେହ ତୁମ ଜ୍ୱାଳା
ନରକରେ କରି ଲୀଳା
ଜଗତ ଉଦ୍ଧାରି ନିଜେ ଲୁକାୟିତ
ଧନ୍ୟ ତୁମର ଖେଳା ।

♥ ଶିକ୍ଷୟିତ୍ରୀ
ଜୟପୁର କୋରାପୁଟ
ମୋ-୮୨୪୯୪୫୦୦୫୦

## କବିତାର ଭାଷା ଜଣାଏ ବ୍ୟକ୍ତିତ୍ୱ
### ସୁନନ୍ଦା ମହାନ୍ତି



କବିତା ସତ୍ୟ ଧର୍ମ ନ୍ୟାୟ ପାଇଁ
ଆଣେ ପରିପକ୍ୱତ
କବିତାରେ ଥାଏ ମାନବିକ ତତ୍ତ୍ୱ
କବିତା ଭିତରେ ଶତଦଳ କମଳ ପୂଜିତ
କବିତା ଅଟେ ସ୍ୱୟଂ ଶାସିତ
କବିତା ଲେଖିବା କଳା ନିସୃତ ଓ ଶାଶ୍ୱତ
କବିତା ଭିତରେ ଜୀବନ ପ୍ଲାବିତ
କବିତା ଭିତରେ ଅମୃତ ସ୍ରୋତ
କବିତା କଳାରେ କବି ପ୍ରସ୍ଫୁଟିତ
କବିତା ଫୁଲ ଟେ ଜାଣେ ଜଗତ
କବିତା ଗୀତିର ସମାଦୃତ

କବିତା ବୋଲୁଛି ଜୀବନ ସଙ୍ଗୀତ
କବିତା ଭିତରେ ସ୍ୱୟଂ ଜଗତନାଥ
କବିତା ବନିତା ଲତା ତ୍ରି ସୂତ୍ର
ଅନ୍ୟକୁ ବାନ୍ଧି ମୈତ୍ରୀରେ ଉଡ଼ାଏ ନେତ

♥ ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫

## ଏଇ ଏପ୍ରିଲରେ...
### ଆଦ୍ୟାଶା ମହାପାତ୍ର



ଧରାରୁ ନିଖୋଜ ମଳୟ ମହ୍ଲାର
ଆସିଛି ଏବେ ନିଦାଘ
କୋଣେ ଅନୁକୋଣେ ଗୁଞ୍ଜରିତ ହୁଏ
ବେସୁରା ରୌଦ୍ର ରାଗ ।

ପତର ବିହୀନ ପାଦପ ଶାଖାରେ
ଝୁଲୁଛି ଚଇତି ଖରା
ଝଡର ଡେଣାରେ ପ୍ରଳୟ ଆସିଛି
ଭୟ ଗ୍ରାସେ ସସାଗରା ।

ନିଃଶ୍ୱାସରେ ଆସେ ବାରୁଦର ବାସ୍ନା
ଛାତିରେ କୋକୁଆ ଭୟ
ତାରାଫୁଲ ଆଉ ଫୁଟୁନି ଆକାଶେ
ମାଟି ପିଏ ଲହୁ ଲୁହ ।

ତ୍ରସ୍ତ ମଣିଷ ବିଳପି ଉଠଇ
ଖୋଜଇ ବିକଳେ ରାହା
ସେନେହ ପରଶ ନୀରବ ନିସ୍ପନ୍ଦ
ଅଦୃଶ୍ୟ ତା' ସ୍ନିଗଧ ଛୁଆଁ ।

ଜଳୁଛି ସହର ଗାଆଁ ଟୋଟାମାଳ
ଖଇ ଫୁଟା ଖରା ଖାଇ
ଖରା ହସେ ଦେଖ ବିକଟାଳ ହସ
ସତେ ଅବା ଆତତାୟୀ ।

ସମୟ ଖେଳୁଛି ଆଗ୍ନେୟ ପେଣ୍ଡୁରେ
ହେଉ ନହେଉ ସକାଳ
କିଏ ବା କହିବ ! ତାକୁ ସିନା ଖେଳ
ସୃଷ୍ଟି ପାଇଁ ମହାକାଳ ।

ଧୂମ ପଟଳର ଆସ୍ତରଣ ତଳେ
ଶୁଭଇ ରଣ ହୁଙ୍କାର
ଅହମିକା ଯଜ୍ଞେ ଜୀବନ ଖୋଜଇ
ଜୀବେ ଦୟା ଉପଚାର ।

♥ ନୂଆପଡା, କଟକ

# ରାଜ୍ୟର ୫ ଜିଲ୍ଲାରୁ ୧୨ କରୋନା ପଜିଟିଭ ଚିହ୍ନଟ: ୪ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୧୧/୦୪ (ନି.ପ୍ର): ଗତକାଲି ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୪ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ମାତ୍ର ୫ଟି ଜିଲ୍ଲାରୁ ୧୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୫ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ବଲାଙ୍ଗୀର ଜିଲ୍ଲାରୁ ସର୍ବାଧିକ ୫ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଭଦ୍ରକ ଜିଲ୍ଲାରୁ ୧ ଜଣ, ବଲାଙ୍ଗୀର ଜିଲ୍ଲାରୁ ୫ ଜଣ, କଟକ ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୧ ଜଣ ଓ ସମ୍ବଲପୁର ଜିଲ୍ଲାରୁ ୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୭, ୮୫୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୮, ୫୩୬ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୪୪ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ମନ୍ଦିର ଭଳି ମାନ୍ୟତା ପାଉଛି ବୁର୍ଲା ଡାକ୍ତରଙ୍କ ଟଙ୍କିକିଆ କ୍ଲିନିକ୍

ଭୁବନେଶ୍ୱର,୧୧/୦୪ (ନି.ପ୍ର): ସମ୍ବଲପୁର ଜିଲ୍ଲା ବୁର୍ଲାରେ ରହିଛି ଏକ ଟଙ୍କିକିଆ କ୍ଲିନିକ୍। ଏହି କ୍ଲିନିକ୍‌କୁ ନେଇ ସାରା ଦେଶରେ ଚର୍ଚ୍ଚା ହୋଇଛି। ବୁର୍ଲା ବଡ଼ମେଡିକାଲର ଡା. ଶଙ୍କର ରାମଚନ୍ଦାନୀଙ୍କ ଦ୍ୱାରା ପରିଚାଳିତ ଏହି କ୍ଲିନିକ୍‌କୁ ଦେଶ-ବିଦେଶରେ ପ୍ରଶଂସା କରାଯାଉଛି। ମାତ୍ର ୧ ଟଙ୍କାରେ ବହୁମୂଲ୍ୟ ମେଡିକାଲ ଚିକିତ୍ସା, ପରାମର୍ଶ ଓ ସେବା ମିଳିପାରୁଥିବାରୁ ଅନେକ ଲୋକ ଏହି ଟଙ୍କିକିଆ କ୍ଲିନିକ୍‌କୁ ମନ୍ଦିର ମନେ କରନ୍ତି। ମନ୍ଦିରରେ ଯେଭଳି ଭଗବାନଙ୍କୁ ଉପାସନା କରାଯାଇଥାଏ, ସେହିଭଳି ଏହି କ୍ଲିନିକ୍‌କୁ ମନ୍ଦିର ମନେ କରନ୍ତି ବୁର୍ଲାର ଅଟାଚକିପଡ଼ା ନିବାସୀ ମନୋଜ ମହାନନ୍ଦ। ୨୭ ବର୍ଷୀୟ ଯୁବକ ଶ୍ରୀ ମହାନନ୍ଦଙ୍କ ପାଇଁ କେବଳ ନୁହେଁ, ବରଂ ଅନ୍ୟମାନଙ୍କ ପାଇଁ ମଧ୍ୟ ଏହି ଟଙ୍କିକିଆ କ୍ଲିନିକ ମନ୍ଦିର ଭଳିଆ ମାନ୍ୟତା ପାଉଛି। ମନୋଜଙ୍କ କହିବା ଅନୁସାରେ ଗରିବ ଲୋକଙ୍କୁ ଡା ରାମଚନ୍ଦାନୀ ସେବା ଓ ସହଯୋଗ କରିଆସୁଛନ୍ତି। ଏଭଳି ଏକ ଜନକଲ୍ୟାଣକାରୀ କ୍ଲିନିକ ଲୋକଙ୍କ କାମରେ ଆସୁଛି। ପ୍ରାୟ ୮ ମାସ ହେବ ମୁଁ କ୍ଲିନିକକୁ ଯାଉଛି। କ୍ଲିନିକ୍ ଆଗରେ ମୁଣ୍ଡିଆ ମାରି ଆସୁଛି। ହାତରେ ସମୟ ଥିଲେ ସେଠାରେ କିଛି ସମୟ ଶାନ୍ତିରେ ବସୁଛି। ଗରିବ ଲୋକମାନେ ଟଙ୍କା ଖର୍ଚ୍ଚ କରି ଭଲ ଚକିତ୍ସା ପାଇପାରୁ ନାହାନ୍ତି। ତେଣୁ ଟଙ୍କିକିଆ କ୍ଲିନକ ବଳରେ ସେମାନେ ଅନେକ ରୋଗର ସାମ୍ନା କରୁଥିଲେ ବି ଡାକ୍ତର ରାମଚନ୍ଦାନୀଙ୍କ ପରାମର୍ଶ ବଳରେ ଭଲ ହୋଇପାରୁଛନ୍ତି। ଲୋକଙ୍କ ଠାରୁ ଶୁଣି ପ୍ରାୟ ୨ ବର୍ଷରୁ ଜଣେ ସଂପର୍କୀୟ ମାଉସୀଙ୍କୁ ନେଇ ବୁର୍ଲା ଡାକ୍ତରଖାନା ଯାଇଥିଲି। ସେଠାରେ ଡାକ୍ତର ରାମଚନ୍ଦାନୀଙ୍କ ସହିତ ଦେଖା ହୋଇଥିଲା। ମାଉସୀଙ୍କୁ ଭଲ ଚିକିତ୍ସା ମିଳିଥିଲା। ଏହାର ୧ ବର୍ଷ ପରେ ଏହି କ୍ଲିନିକ ଆରମ୍ଭ ହୋଇଥିଲା। ପୂର୍ବରୁ ଡାକ୍ତରଙ୍କ ସହିତ ପରିଚିତ ଥିବାରୁ ମୋ ମନକୁ ଏହି ଟଙ୍କିକିଆ କ୍ଲିନିକ୍ ବେଶ ପ୍ରଭାବିତ କରିଥିଲା। ରକ୍ତଚାପ, ମଧୁମେହ, ଥାଏରଏଡ୍, ବାତ, ଜ୍ୱର, କାଶ, ଥଣ୍ଡା ଆଦି ରୋଗର ଜରୁରୀ ଔଷଧ ସହ ଏହି ସେବା କେନ୍ଦ୍ରରେ ମିଳିପାରୁଛି। ନିଜର ଶକ୍ତି ସାମର୍ଥ୍ୟ ଅନୁଯାୟୀ ଆହୁରି ଅନ୍ୟାନ୍ୟ ଜରୁରୀ ଔଷଧ ଗୁଡ଼ିକ ରଖିବାକୁ ପ୍ରୟାସ କରିବେ ବୋଲି ଡା ରାମଚନ୍ଦାନୀ କୁହନ୍ତି। ଆଜିର ଦିନରେ ଏକ ଟଙ୍କାରେ କୌଣସି କାମ କରି ହେଉନାହିଁ। କିନ୍ତୁ ସେବା ମନୋଭାବ ନେଇ ଡାକ୍ତର ୧ ଟଙ୍କାରେ ରୋଗୀଙ୍କୁ ପରାମର୍ଶ, ସେବ ଓ ଔଷଧ ଦେଉଛନ୍ତି। ଡାକ୍ତରଙ୍କ ଏହି ସେବା ଯୋଗୁଁ ଗରିବ, ଅସହାୟଙ୍କ ସମେତ ହଜାର ହଜାର ଲୋକ ଉପକୃତ ହେଉଛନ୍ତି। ଆମେ ଯେତେବେଳେ ଅସୁବିଧାରେ ପଡୁ ଅଥବା ମାନସିକ ଶାନ୍ତି ପାଇଁ ମନ୍ଦିରକୁ ଯାଇଥାଉ। ସେହିପରି ଯେତେବେଳେ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥାଏ, ସେହି ସମୟରେ ଡାକ୍ତରଖାନାର ଆଶ୍ରୟ ନେଇଥାଉ ଏବଂ ଡାକ୍ତରଙ୍କ ଉପରେ ଭରସା ରଖିଥାଉ। ଡା. ରାମଚନ୍ଦାନୀଙ୍କ ପରାମର୍ଶ, ସେବା ଓ ରୋଗୀଙ୍କୁ ଭଲ ପାଇବା ଯୋଗୁଁ ତାଙ୍କର କ୍ଲିନିକ୍‌କୁ ମୋତେ ମନ୍ଦିର ଭଳି ଲାଗିଥାଏ। ତେଣୁ ପ୍ରତ୍ୟେକ ଦିନ ସମୟ ବାହାର କରି କ୍ଲିନିକ୍‌କୁ ଆସି ମୁଣ୍ଡିଆ ମାରିଥାଏ।

# 'ଆହେ ନୀଳଶଇଳ' ଉଦ୍‌ଯାପିତ: ଟିକେଟ୍ କିଣି ନାଟକ ଦେଖିବାର ପ୍ରବୃତ୍ତି ଜାଗ୍ରତ ହେଉ



ଭୁବନେଶ୍ୱର,୧୧/୦୪ (ନି.ପ୍ର): ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ୪ ଦିନ ଧରି ମଞ୍ଚସ୍ଥ ହୋଇଥିବା ନାଟକ 'ଆହେ ନୀଳଶଇଳ' ଆଜି ଉଦ୍‌ଯାପିତ ହୋଇଯାଇଛି। ଆଜି ସଂଧ୍ୟାରେ ସମ୍ବାଦ ସଂପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ଶିଳ୍ପପତି ମିତେଶ ଖିମ୍‌ଜୀ, 'ସମ୍ବାଦ' ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତନୟା ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ ଲାଲା ବୀରେନ୍ ରାୟ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଲେ, ଏହି ନାଟକ, ଦର୍ଶକଙ୍କୁ ଜଗନ୍ନାଥଙ୍କ ସହ ଯୋଡ଼ିଛି। ମହାପ୍ରଭୁଙ୍କ ସହ ଏମିତି ଯୋଡ଼ି ହୋଇ ଓଡ଼ିଆ ଜାତିକୁ ଆଗେଇ ନେବାକୁ ସେ ଉପସ୍ଥିତ ଦର୍ଶକଙ୍କୁ ଆହ୍ୱାନ ଦେଇଥିଲେ। ଶ୍ରୀ ଖିମ୍‌ଜୀ କହିଲେ, ଜଗନ୍ନାଥଙ୍କ କାମରେ ଯୋଡ଼ି ହେବା ମୋ ପାଇଁ ଅତ୍ୟନ୍ତ ସୌଭାଗ୍ୟର କଥା। ୪ ଦିନ ଯାକ ପୂର୍ଣ୍ଣ ପ୍ରେକ୍ଷାଳୟରେ ନାଟକ ମଞ୍ଚସ୍ଥ ହେବା ହିଁ ଦର୍ଶାଉଛି ଯେ ଏହା କେତେ ଉଚ୍ଚକୋଟୀର ନାଟକ। ଏହାର ପୂରା ଶ୍ରେୟ ସେ ସମ୍ବାଦ ସଂପାଦକ ଶ୍ରୀ ପଟ୍ଟନାୟକ ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶ୍ରୀମତୀ ପଟ୍ଟନାୟକଙ୍କୁ ଦେଇଥିଲେ। ଏଥିସହ ନାଟକର ଆଗାମୀ ସଂସ୍କରଣରେ ମଧ୍ୟ ସେ ସବୁପ୍ରକାର ସହାୟତା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଏହି ଅବସରରେ ନାଟକର ଲେଖକ ଶଙ୍କର ତ୍ରିପାଠୀ କହିଥିଲେ ଯେ ଓଡ଼ିଆ ନାଟ୍ୟ ଜଗତରେ 'ଆହେ ନୀଳଶଇଳ' ଏକ ନୂତନ ଆବିଷ୍କାର। ଏଇଠାରୁ ଓଡ଼ିଆ ନାଟକର ମୋଡ଼ ବଦଳିବ ବୋଲି ସେ ଆଶାବାଦୀ ରହିଥିବା କହିଥିଲେ। ଶ୍ରୀମତୀ ପଟ୍ଟନାୟକ କହିଥିଲେ ଯେ ଆମ ମଞ୍ଚ ନାଟକ ଅତ୍ୟନ୍ତ ଉଚ୍ଚକୋଟୀର। ଏହାକୁ ବଞ୍ଚାଇ ରଖିବାକୁ ହେଲେ ଓଡ଼ିଶାବାସୀଙ୍କ ସହଯୋଗ ଆବଶ୍ୟକ। ଅନ୍ୟ ରାଜ୍ୟ ଭଳି ଓଡ଼ିଶାବାସୀଙ୍କ ମଧ୍ୟରେ ବି ଟିକେଟ୍ କିଣି ନାଟକ ଦେଖିବାର ପ୍ରବୃତ୍ତି ଜାଗ୍ରତ ହେଉ। ଏପରି ହେଲେ ଓଡ଼ିଆ ମଞ୍ଚ ନାଟକ ଦୀର୍ଘାୟୁ ହେବ ବୋଲି ଶ୍ରୀମତୀ ପଟ୍ଟନାୟକ କହିଥିଲେ।

# ସଙ୍କଟ ଦେଇ ଗତି କରୁଛି ଦେଶ: ସ୍ୱାଧୀନତା ହରାଇଛି ଗଣମାଧ୍ୟମ

ଭୁବନେଶ୍ୱର,୧୧/୦୪ (ନି.ପ୍ର): ଗଣମାଧ୍ୟମ ସରକାରଙ୍କ ଆଖି ଓ କାନ। ଗଣମାଧ୍ୟମର କଣ୍ଠରୁଦ୍ଧ କରାଗଲେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ବିପଦରେ ପଡ଼ିଯିବ । କୋଭିଡ଼ ଆଳ ଦେଖାଇ ଆମ ରାଜ୍ୟରେ ଗଣମାଧ୍ୟମକୁ ଲୋକସେବା ଭବନକୁ ପ୍ରବେଶ ଅନୁମତି ବନ୍ଦ କରି ଦିଆଯାଇଛି। ଏପରି ସ୍ଥିତିରେ ସମଗ୍ର ଦେଶରେ ଗଣମାଧ୍ୟମର ସ୍ୱାଧୀନତା ବିଶ୍ୱର ୧୪୨ ନମ୍ବର ସ୍ଥାନରେ ପହଞ୍ଚିଛି। ଦେଶର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ନିଜର ସ୍ୱାଧିନତାକୁ ହରାଇଛି। ଗଣମାଧ୍ୟମର କଣ୍ଠରୁଦ୍ଧ ପାଇଁ ସୁଚିନ୍ତିତ ଯୋଜନା କରୁଛି ଶାସକ ଶ୍ରେଣୀ। ଭୁବନେଶ୍ୱର ଲୋହିଆ ଏକାଡ଼େମୀଠାରେ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍‌ର ଉଦ୍‌ଯାପନୀ ସମାରୋହରେ ଏପରି ସାଂଘାତିକ ତଥ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି ଏହାର ଜାତୀୟ ଉପସଭାପତି ପି.ଭି. କାଦିରମନ । ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ଗଠିତ ରାଜନୈତିକ ଦଳ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍‌ର ଜାତୀୟ ପରିଷଦ ବୈଠକ ଉଦ୍‌ଯାପିତ ହୋଇଯାଇଛି। ଫରୱାର୍ଡ଼ ବ୍ଲକ୍‌ର ଜାତୀୟ ଉପସଭାପତି ପି.ଭି. କାଦିରମନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଦୁଇଦିନିଆ ବୈଠକରେ ଦେଶବାସୀଙ୍କ ସମସ୍ୟା ସଂକ୍ରାନ୍ତରେ ବିସ୍ତାର ଭାବେ ଆଲୋଚନା କରାଯାଇଥିଲା। ନରେନ୍ଦ୍ର ମୋଦିଙ୍କ ଶାସନ କାଳରେ ସମଗ୍ର ଦେଶ ସଙ୍କଟମୟ ସମୟ ଦେଇ ଗତି କରୁଛି। ଦରଦାମ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ବେକାରୀ ସମସ୍ୟା ଉତ୍କଟତର ରୂପ ନେଲାଣି। ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧାର ଅଭାବ ସାରା ଦେଶରେ ପରିଲକ୍ଷିତ ହେଉଛି। କେନ୍ଦ୍ର ସରକାରଙ୍କ ଭୁଲ ନିଷ୍ପତ୍ତି ଫଳରେ କ୍ଷୁଦ୍ର ବ୍ୟବସାୟୀ ଓ ଆମିନିର୍ଭରଶୀଳ ଯୁବବର୍ଗ ସେମାନଙ୍କ ବ୍ୟବସାୟ ହରାଇବାରେ ଲାଗିଛନ୍ତି। କୃଷକ ଓ ଶ୍ରମିକ ଶ୍ରେଣୀଙ୍କୁ ଯୋଜନାବଦ୍ଧ ଭାବରେ କ୍ଷତି ପହଞ୍ଚାଇବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ଗ୍ରହଣ କରାଯାଉଛି। ପାର୍ଟି ସଙ୍ଗଠନକୁ ମଜବୁତ୍ ଓ ଲୋକାଭିମୁଖୀ କରିବା ପାଇଁ ସୁଭାଷବାଦୀ ବିଚାରଧାରା ଆଧାରରେ ପାର୍ଟିର ପତାକା ଓ ପାର୍ଟିର ସମ୍ବିଧାନରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଦୀର୍ଘ ୭୦ ବର୍ଷ ପରେ ପୁଣିଥରେ ନେତାଜୀଙ୍କ ଜନ୍ମମାଟିରେ ନେତାଜୀଙ୍କ ଦଳ ଫରୱାର୍ଡ଼ ବ୍ଲକ୍ ପତାକାରେ ପରିବର୍ତନ କରାଯାଇ ସେଥିରୁ ଦା' ହାତୁଡ଼ି ଚିହ୍ନକୁ ବାଦ ଦେଇ କେବଳ ନାଲି ପତକା ଉପରେ ଲମ୍ଫ ମାରୁଥିବା ବାଘ ଚିହ୍ନକୁ ପାର୍ଟିର ନୂତନ ପତକା ଭାବରେ ବ୍ୟବହାର କରାଯିବ । ଦଳର ଓଡ଼ିଶା ରାଜ୍ୟ ସାଧାରଣ ସଂପାଦକ ତଥା ଜାତୀୟ କମିଟିର ଅନ୍ୟତମ ସଂପାଦକ ଜ୍ୟୋତି ରଂଜନ ମହାପାତ୍ର ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପାର୍ଟି ସଂଗଠନରେ ଯୁବକମାନଙ୍କୁ ସାମିଲ କରି ଆଜାଦ୍ ହିନ୍ଦ୍ ବାହିନୀର କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବାକୁ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପାର୍ଟି ନେତୃତ୍ୱମାନଙ୍କ ସର୍ବାଧିକ ବୟସ ସୀମାକୁ ୭୫ ବର୍ଷ ରଖାଯାଇଥିବା ବେଳେ ପାର୍ଟିର ସମ୍ବିଧାନର ମୁଖବନ୍ଧରେ ପରିବର୍ତ୍ତନ କରାଯାଇ ସୁଭାଷବାଦୀ ଆଦର୍ଶକୁ ସ୍ଥାନିତ କରାଯାଇଛି। ଏପରି ସଂକଟମୟ ସ୍ଥିତିରେ କେବଳ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଦର୍ଶ ଏବଂ ବିଚାରଧାରା ଦେଶ ଓ ଦେଶବାସୀଙ୍କୁ ରକ୍ଷା କରିପାରିବ ବୋଲି ଗଣମାଧ୍ୟମକୁ ସୂଚନା ଦେବା ବେଳେ ଫରୱାର୍ଡ଼ ବ୍ଲକ୍‌ର ଜାତୀୟ ସାଧାରଣ ସଂପାଦକ ଦେବବ୍ରତ ବିଶ୍ୱାସ ପ୍ରକାଶ କରିଛନ୍ତି।

ଏହି ଦୁଇ ଦିନିଆ ଅଧିବେଶନର ଉଦ୍‌ଯାପନୀ ସମାରୋହରେ ଫରୱାର୍ଡ଼ ବ୍ଲକର ଜାତୀୟ ସଂପାଦକ ଜି. ଦେବରାଜନ୍, ଜି.ଆର. ଶିବଶଙ୍କର, ନରେନ୍ ଚାଟାର୍ଜୀ, ଗୋବିନ୍ଦ ରାୟ, ବଣ୍ଡା ସୁରେନ୍ଦ୍ର ରେଡ୍ଡୀ, ଜ୍ୟୋତି ରଂଜନ ମହାପାତ୍ର, ଓଡ଼ିଶା ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ଆନ୍ଧ୍ରପ୍ରଦେଶର ସାଧାରଣ ସଂପାଦକ ସୁନ୍ଦର ରାମା ରାଜୁ, କେରଳ ରାଜ୍ୟର ସାଧାରଣ ସଂପାଦକ ମନୋଜ କୁମାରଙ୍କ ସମେତ ଶତାଧିକ ଜାତୀୟ ପରିଷଦ ସଭ୍ୟ ଅଂଶଗ୍ରହଣ କରିଥିଲେ।

# ନିଖିଳ ଉତ୍କଳ କ୍ଷୁଦ୍ର ପ୍ରକାଶକ ସଂଘର ଅଭିଯୋଗ: ସରକାରଙ୍କ ବହି କ୍ରୟ ନୀତିକୁ ନେଇ ଅସନ୍ତୋଷ

ଭୁବନେଶ୍ୱର,୧୧/୦୪ (ନି.ପ୍ର): ରାଜ୍ୟ ସରକାରଙ୍କ ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି ବା ଓସେପା ପକ୍ଷରୁ ବହି କ୍ରୟ ନୀତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଓସେପା କ୍ଷୁଦ୍ର ପ୍ରକାଶକଙ୍କୁ ଗୁରୁତ୍ୱ ନଦେଇ 'ତେଲିଆ ମୁଣ୍ଡରେ ତେଲ' ଢାଳୁଥିବା ଅଭିଯୋଗ ଆଣିଛନ୍ତି ନିଖିଳ ଉତ୍କଳ କ୍ଷୁଦ୍ର ପ୍ରକାଶକ ସଂଘ। ନିକଟରେ ପ୍ରଥମ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ପାଠାଗାର ଉପଯୋଗୀ ପୁସ୍ତକ କ୍ରୟ କରିବାପାଇଁ ବିଜ୍ଞାପନ ପ୍ରକାଶ କରିଛନ୍ତି। ମାତ୍ର, ଏହି ବିଜ୍ଞାପନ ପଢ଼ିଲେ ମନେହୁଏ ଓଡ଼ିଶାର ୬୭ଟି ପୁସ୍ତକ ପ୍ରକାଶକଙ୍କ ସ୍ୱାର୍ଥ ପାଇଁ ଏହା ଉଦ୍ଦିଷ୍ଟ। କାରଣ ଓସେପା ଏହି ପୁସ୍ତକ କେବଳ ସେହି ପ୍ରକାଶକଙ୍କଠାରୁ କିଣିବ, ଯାହାଙ୍କର ଗତ ବାର୍ଷିକ ବ୍ୟବସାୟ ୨୦ ଲକ୍ଷ ଟଙ୍କା ହୋଇଥିବ ଏବଂ ସର୍ବନିମ୍ନ ୨୦ଖଣ୍ଡ ବହି ଦାଖଲ କରିପାରୁଥିବ। କରୋନା କାଳରେ ବହି ଛାପା ଓ ବିକ୍ରି ମାନ୍ଦା ଥିବାବେଳେ ଏତେ ବହି ବିକ୍ରି କରିବା କ୍ଷୁଦ୍ର ପୁସ୍ତକ ପ୍ରକାଶକମାନଙ୍କ ପକ୍ଷେ ସମ୍ଭବ ନୁହେଁ। ଏହାବ୍ୟତୀତ ଓସେପାର ଟେଣ୍ଡର ପ୍ରକ୍ରିୟା ୧୭ ପୃଷ୍ଠା ବିଶିଷ୍ଟ ଓ ଏତେ କ୍ଲିଷ୍ଟ ଯେ, ଏହାକୁ ଅନୁସରଣ କରି ପୁସ୍ତକ ଦାଖଲ କରିବା ସହଜ ନୁହେଁ। ଏଣୁ ସହଜ ପଦ୍ଧତି ଅବଲମ୍ବନ କରାଯାଇ ଏହି ପୁସ୍ତକ କିଣାଯାଉ ଯେପରିକି ଜଣେ କ୍ଷୁଦ୍ର ପୁସ୍ତକ ପ୍ରକାଶକ ଏହି ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବ। ବଡ଼ ବଡ଼ ପୁସ୍ତକ ପ୍ରକାଶକଙ୍କ ପାଖରେ ଭଲ ବହି ଅଛି ଏବଂ କ୍ଷୁଦ୍ର ପୁସ୍ତକ ପ୍ରକାଶକମାନଙ୍କ ପାଖରେ ଭଲ ବହିନାହିଁ ବୋଲି ଓସେପା ଭାବୁଛି। ଯାହାକୁ ଦୃଷ୍ଟିରେ ରଖି ଏହି କ୍ଲିଷ୍ଟ ଟେଣ୍ଡର ପ୍ରକାଶ କରିଥିବା ନଖିଳ ଉତ୍କଳ କ୍ଷୁଦ୍ର ପ୍ରକାଶକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଆହୁରି ମଧ୍ୟ ସଂଘ ଅଭିଯୋଗ କରିଛି ଯେ, ଏହା ରୀତିମତ ଏକ ଷଡ଼୍‌ଯନ୍ତ୍ର । ଏଥିରେ କିଏ କେତେ ପିସି ନେବେ ପୂର୍ବରୁ ଦିଆସରିଛି। ସରକାର ଏହିଭଳି କେତେକ ପ୍ରକାଶକମାନଙ୍କ କଥାରେ ଭଳି ପୁସ୍ତକମେଳା ବନ୍ଦକଲେ। ଅଂଶୁଘାତ ହେବ, ଝଡ଼ ତୋଫାନ ହେବ, ପ୍ରଚଣ୍ଡ ରୌଦ୍ରତାପରେ ପାଠକମାନେ ଘରୁ ବାହାରିବା ସମ୍ଭବ ହେବନାହିଁ, କାଳବୈଶାଖୀରେ ବହି ସବୁ ନଷ୍ଟ ହୋଇଯିବା ଇତ୍ୟାଦି କାରଣ ଦର୍ଶାଇଲେ। ଫଳରେ, ବହି ବ୍ୟବସାୟ ବନ୍ଦକରିବା ଓ ଆୟ କମାଇଦେବା ପାଇଁ ଏହା ଏକ ଚକ୍ରାନ୍ତ ଥିଲା। ଏଣୁ, ଓସେପା ତେଲିଆ ମୁଣ୍ଡରେ ତେଲ ଢାଳିବା ବନ୍ଦ କରି ନଖରା ମୁଣ୍ଡରେ ଥିବା ଗରିବ କ୍ଷୁଦ୍ର ପୁସ୍ତକ ପ୍ରକାଶକ ଓ ବିକ୍ରେତାମାନଙ୍କ କଥା ବୁଝନ୍ତୁ। ନଚେତ୍ ଆଗାମୀ ଦିନରେ ଏକ ବଡ଼ଧରଣର ଆନ୍ଦୋଳନ ହେବା ସୁନିଶ୍ଚିତ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ୨ ବର୍ଷ ହେଲା ଦିଆଯାଉନି 'ବ୍ୟାସକବି ଫକୀର ମୋହନ ଭାଷା ସମ୍ମାନ': ସମ୍ମାନ ପ୍ରଦାନରେ ବାରମ୍ବାର ବିଭ୍ରାଟ


ଭୁବନେଶ୍ୱର,୧୧/୦୪ (ନି.ପ୍ର): ବ୍ୟାସକବି ଫକୀର ମୋହନ ସେନାପତିଙ୍କ ନାମରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଦାନ କରାଯାଉଛି 'ବ୍ୟାସକବି ଫକୀର ମୋହନ ଭାଷା ସମ୍ମାନ'। ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ତଥା ବିକାଶ ପାଇଁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟରତ ବ୍ୟକ୍ତି ବା ଅନୁଷ୍ଠାନମାନଙ୍କୁ ପ୍ରୋତ୍ସାହିତ କରିବା ତଥା ସ୍ୱୀକୃତି ଜଣାଇବା ଉଦ୍ଦେଶ୍ୟରେ ୨୦୧୮ରେ ଆରମ୍ଭ ହେଲା ଏହି ଭାଷା ସମ୍ମାନ। ପ୍ରଥମ ଦୁଇ ବର୍ଷ ଯଥାରୀତି ପୁରସ୍କାର ପ୍ରଦାନ କରାଗଲା। ତାହା ପରେ ବାହାରିଲା ସଂସ୍କୃତି ବିଭାଗର ପୁରୁଣା ରୋଗ। ବିଭିନ୍ନ ଏକାଡେମିର ସମ୍ମାନ ପରି ଏହି ସମ୍ମାନ ପ୍ରଦାନ ବି ନିୟମିତ ଓ ଶୃଙ୍ଖଳିତ ହୋଇପାରିଲା ନାହିଁ। ଏ ଜାତିର ବରପୁତ୍ରଙ୍କ ନାମରେ ନାମିତ ଏକ ମର୍ଯ୍ୟାଦାଜନକ ସମ୍ମାନ ପ୍ରତି ବିଭାଗର ଏପରି ବେପରୱା ଆଭିମୁଖ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି।

ଓଡ଼ିଆ ଭାଷା, ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରୁଥିବା ବ୍ୟକ୍ତିବିଶେଷଙ୍କୁ 'ଓଡ଼ିଶା ସାହିତ୍ୟ ଏକାଡେମି' ପକ୍ଷରୁ ପ୍ରତିବର୍ଷ ପୁରସ୍କୃତ କରାଯାଉଛି। ବ୍ୟାସକବିଙ୍କୁ ସମ୍ମାନ ଜଣାଇ ତାଙ୍କ ନାମରେ ଏକ ସମ୍ମାନ ପ୍ରଦାନ କରିବାକୁ ରାଜ୍ୟ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁଯାୟୀ ୨୦୧୮ ମସିହାରୁ ବିଭାଗ ପକ୍ଷରୁ 'ବ୍ୟାସକବି ଫକୀର ମୋହନ ଭାଷା ସମ୍ମାନ' ଦିଆଯିବାର ନିଷ୍ପତ୍ତି ହେଲା। ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁରସ୍କାରର ଘୋଷଣା କଲେ। ଆଉ ଏହା ସଂସ୍କୃତି ବିଭାଗ ପକ୍ଷରୁ ସିଧାସଳଖ ଦିଆଯାଉଥିବା ଏକମାତ୍ର ପୁରସ୍କାର ଭାବେ ନିଜ ଅସ୍ତିତ୍ୱ ଜାହିର କଲା। ପୁରସ୍କାର ପାଇଁ ୧ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ମଧ୍ୟ ଘୋଷଣା ହେଲା। ୨୦୧୮ ମସିହା ପାଇଁ ପ୍ରଥମ ଅନୁଷ୍ଠାନ ଭାବେ ବାଲେଶ୍ୱରର 'ଫକୀର ମୋହନ ସାହିତ୍ୟ ପରିଷଦ' ଏହି ପୁରସ୍କାର ଗ୍ରହଣ କଲା। ଫକୀର ମୋହନଙ୍କ ଜୟନ୍ତୀ ଅବସରରେ ଜାନୁଆରି ୧୪ ତାରିଖ ୨୦୧୯ ମସିହାରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଆରମ୍ଭ ହେବା ସହ ଓଡ଼ିଆ ଜାତି ବ୍ୟାସକବିଙ୍କୁ ଏକ ନିଆରା ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲା। ଏହାର ଠିକ୍ ବର୍ଷେ ପରେ ବ୍ୟାସକବିଙ୍କ ଜୟନ୍ତୀ ଅବସରରେ କଟକର ସାରସ୍ୱତ ଅନୁଷ୍ଠାନ 'ସାରଳା ସାହିତ୍ୟ ସଂସଦ'କୁ ୨୦୧୯ ମସିହା ପାଇଁ ଏହି ସମ୍ମାନରେ ଭୂଷିତ କରାଗଲା।

ଏହା ପରେ ଅଟକିଗଲା ପୁରସ୍କାର ପ୍ରଦାନ। ୨୦୨୦ ଓ ୨୦୨୧ ପାଇଁ ଏହି ପୁରସ୍କାର ଦିଆଯାଇ ନାହିଁ। କେବେ କରୋନା ଆଳ ତ କେବେ ଚୟନ କମିଟି ?ରେ ମତପାର୍ଥକ୍ୟ ଆଳ। ପୁଣି କେବେ କମିଟିର ସୁପାରିସ୍‌କୁ ସରକାରଙ୍କ ଅଗ୍ରାହ୍ୟ। ଏମିତି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଅନ୍ୟ ପୁରସ୍କାର ପରି ବ୍ୟାସକବି ଫକୀର ମୋହନ ଭାଷା ସମ୍ମାନରେ ବି ବିଭ୍ରାଟ ଓ ଅବ୍ୟବସ୍ଥା ଆରମ୍ଭ ହୋଇଗଲା। ମିଳିଥିବା ସୂଚନା ଅନୁଯାୟୀ ୨୦୨୦ ବର୍ଷ ପୁରସ୍କାର ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ୨୦୨୦ ଡିସେମ୍ବର ମାସରେ ମନୋନୟନ ଆହ୍ୱାନ କରି ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ପାଖାପାଖି ଦେଢ଼ ବର୍ଷ ବିତିବାକୁ ବସିଥିବା ବେଳେ ଏଯାଏ ସମ୍ମାନ ପାଇଁ ନାମ ଘୋଷଣା ବି ହୋଇପାରିଲା ନାହିଁ। ୨୦୨୦ ପୁରସ୍କାର ପ୍ରଦାନ କରାଯାଇ ନ ଥିବାରୁ ୨୦୨୧ ପାଇଁ ଆଉ ବିଜ୍ଞପ୍ତି ଜାରି ହୋଇନାହିଁ। 'ବ୍ୟାସକବି ଫକୀର ମୋହନ ଭାଷା ସମ୍ମାନ-୨୦୨୦' ପାଇଁ ସଂସ୍କୃତି ନିର୍ଦ୍ଦେଶକଙ୍କ ଆବାହକତ୍ୱରେ ସାରସ୍ୱତ ଜଗତର ଚାରି ଜଣ ବ୍ୟକ୍ତିଙ୍କୁ ନେଇ ଏକ ଚୟନ କମିଟି ଗଠନ କରାଯାଇଥିଲା। ଏହି କମିଟି ପକ୍ଷରୁ ଉକ୍ତ ପୁରସ୍କାର ପାଇଁ ଦୁଇ ଜଣଙ୍କ ନାମ ଯୁଗ୍ମ ଭାବେ ସୁପାରିସ କରାଯାଇଥିଲା। କିନ୍ତୁ ସଂସ୍କୃତି ମନ୍ତ୍ରୀ ଏହାକୁ ଗ୍ରହଣ ନ କରି ଫାଇଲ୍ ଫେରାଇ ଦେଇଥିଲେ ଓ ଜଣଙ୍କ ନାମ ମନୋନୀତ କରିବାକୁ କମିଟିକୁ କହିଥିଲେ। ଏହାରି ଭିତରେ ଚୟନ କମିଟିର ଜଣେ ସଦସ୍ୟଙ୍କ ପରଲୋକ ଘଟିଲା। ଏହା ପରେ ପ୍ରକ୍ରିୟା ପୁଣି ଅଟକିଗଲା। ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ବିଭାଗ ସ୍ତରରେ ଆଗ୍ରହ ପ୍ରକାଶ ପାଇଲା ନାହିଁ କି ଫାଇଲ ଫେରାଇଲା ପରେ ମନ୍ତ୍ରୀ ଆଉ ତନାଘନା କଲେ ନାହିଁ। କିଛି ଦିନ ତଳେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଚୟନ କମିଟିର ବୈଠକ ପୁଣି ଥରେ ବସିଥିଲା। ପୂର୍ବରୁ ସୁପାରିସ ହୋଇଥିବା ଦୁଇ ଜଣଙ୍କ ନାମକୁ କମିଟି ଖାରଜ କରିଦେଲା। ଏଥିରେ କଟକର ଏକ ପୁରାତନ ସାରସ୍ୱତ ଅନୁଷ୍ଠାନକୁ 'ତୃତୀୟ ବ୍ୟାସକବି ଫକୀର ମୋହନ ଭାଷା ସମ୍ମାନ-୨୦୨୦' ପ୍ରଦାନ କରିବାକୁ ସୁପାରିସ୍ କରାଯାଇଛି। ଏହାକୁ ମଧ୍ୟ ସରକାର ଗ୍ରହଣ କରିନେଇଥିବା ସୂଚନା ମିଳିଛି। କିନ୍ତୁ ଏହି ନାମ କେବେ ଘୋଷଣା କରାଯିବ ଓ ସମ୍ମାନ କେବେ ପ୍ରଦାନ କରାଯିବ, ତାହା ଏ ଯାଏ ସ୍ଥିର କରାଯାଇ ନାହିଁ।

ସଂସ୍କୃତି ବିଭାଗ ପକ୍ଷରୁ ପୁରସ୍କାର ପ୍ରଦାନ କରିବାରେ କାହିଁକି ବାରମ୍ବାର ବିଭ୍ରାଟ ହେଉଛି, ତାହା ବୁଝାପଡୁନାହିଁ। ପ୍ରଶ୍ନ ଉଠୁଛି, ବ୍ୟାସକବି ଫକୀର ମୋହନ ଭାଷା ସମ୍ମାନ ପ୍ରଦାନ ପାଇଁ ଏକ କ୍ୟାଲେଣ୍ଡର ତାରିଖ ନିର୍ଦ୍ଧାରଣ ହୋଇଥିଲେ ସୁଦ୍ଧା କାହା ଭୁଲ୍ ପାଇଁ ଏଥିରେ ବ୍ୟତିକ୍ରମ ଘଟିଲା ? ବିଭାଗକୁ ପୁରସ୍କାର ପାଇଁ କୃତୀ ସନ୍ତାନ ଓ ଅନୁଷ୍ଠାନ ମିଳୁ ନାହାନ୍ତି ନା ଏହା ପଛରେ କିଛି ଷଡ଼ଯନ୍ତ୍ର ରହିଛି ? ପୁରସ୍କାର ପ୍ରଦାନରେ ବାରମ୍ବାର ବିଭ୍ରାଟ ହେଉଥିଲେ ବି ବିଭାଗ ତାହାକୁ ବ୍ୟବସ୍ଥିତ କରିବାକୁ ଆନ୍ତରିକତା ପ୍ରକାଶ ନ କରିବା ବୁଦ୍ଧିଜୀବୀ ତଥା ସାରସ୍ୱତ ବ୍ୟକ୍ତିମାନଙ୍କୁ ବ୍ୟଥିତ କରିଛି।

# ଏକାମ୍ର ସଂସ୍କୃତିକ ପ୍ରକାଶନୀ: ଲିଙ୍ଗରାଜ ମହୋତ୍ସବ ୨ୟ ଦିନ



ଭୁବନେଶ୍ୱର,୧୧/୦୪ (ନି.ପ୍ର): ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପବିତ୍ର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚାଲିଥିବା ଲିଙ୍ଗରାଜ ମହୋତ୍ସବ ଦ୍ୱିତୀୟ ଦିବସରେ କଳାକାରଙ୍କ ନୃତ୍ୟ ବିମୋହିତ କରିଥିଲା । ଏଥିରେ ପ୍ରଥମେ ତ୍ରୀଧାରା ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ । ପରେ କଟକ କଳାବିକାଶ କେନ୍ଦ୍ର ପକ୍ଷରୁ ନୃତ୍ୟ, ମୟୁରଭଞ୍ଜର ଛଉ ନୃତ୍ୟ, କଳାହାଣ୍ଡି କେସିଙ୍ଗାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଲୋକ ନୃତ୍ୟ ଓ କେନ୍ଦ୍ରୀୟ ପୂର୍ବାଂଚଳ ସାଂସ୍କୃତିକ ପରିଷଦ ପକ୍ଷରୁ କଥକ ନୃତ୍ୟ ପରିବେଷଣ ଚିତାକର୍ଷକ ହୋଇଥିଲା । ପ୍ରକାଶନୀର ସଭାପତି ତଥା ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଓ ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବରେ ଅତିଥି ଭାବେ ଭୁବନେଶ୍ୱର ଓକିଲ ସଂଘର ସଭାପତି ରବିନାରାୟଣ ସାମନ୍ତରାୟ, ସମ୍ପାଦକ ରାଜ୍ କିଶୋର ଦାସ, ଯୁଗ୍ମ ସମ୍ପାଦକ ଭାବେ ଅଶୋକ କୁମାର ବଡ଼ପଣ୍ଡା, କଂଗ୍ରେସ ନେତ୍ରୀ ରଶ୍ମୀ ମହାପାତ୍ର, ପୁଷ୍ପିତା ଦାସ ପ୍ରମଖ ଓଡ଼ିଶାର କଳା ସଂସ୍କୃତିକୁ ପ୍ରୋତ୍ସାହନ ଦେବା ସମ୍ପର୍କରେ ଭାଷଣ ଦେଇଥିଲେ ।

# ମାର୍ଚ୍ଚ ସୁଦ୍ଧା ୫୭.୨୨ ଲକ୍ଷ ମେଟ୍ରିକ୍ ଟନ୍ ଖରିଫ୍ ଧାନ ସଂଗ୍ରହ

ଭୁବନେଶ୍ୱର,୧୧/୦୪ (ନି.ପ୍ର): ରାଜ୍ୟରେ ୨୦୨୨ ମାର୍ଚ୍ଚ ୩୧ ତାରିଖରେ ଖରିଫ ଧାନସଂଗ୍ରହ କାର୍ଯ୍ୟ ଶେଷ ହୋଇଥିବାବେଳେ ମୋଟ ୫୭ ଲକ୍ଷ ୨୨ ହଜାର ୩୦୪ ମେଟ୍ରିକ୍ ଟନ ଧାନସଂଗ୍ରହ କରାଯାଇଛି । ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟର ପଂଜୀକୃତ ଓ ଯାଂଚ ହୋଇଥିବା ଚାଷୀଙ୍କ ନିକଟରୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରି ମୋଟ ୧୧ ହଜାର ୧୦୧ କୋଟି ୨୭ ଲକ୍ଷ ଟଙ୍କାର ଖରିଫ ଧାନସଂଗ୍ରହ କରାଯାଇଛି । ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରୁ ଧାନସଂଗ୍ରହ କରାଯାଇଥିବାବେଳେ ଯାଂଚ ହୋଇଥିବା ଚାଷୀଙ୍କ ମଧ୍ୟରୁ ମୋଟ ୧୨ ଲକ୍ଷ ୯୨ ହଜାର ୭୩୨ ଜଣ ସେମାନଙ୍କର ଖରିଫ୍ ଧାନ ବିକ୍ରୟ କରିଛନ୍ତି । ତନ୍ମଧ୍ୟରେ ୧୦ ଲକ୍ଷ ୯୨ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ରହିଛନ୍ତି । ଏମାନଙ୍କ ମଧ୍ୟରେ ୪ ଲକ୍ଷ ୭୦ ହଜାର କ୍ଷୁଦ୍ର ଏବଂ ୬ ଲକ୍ଷ ୨୨ ହଜାର ନାମମାତ୍ର ଚାଷୀ ଖରିଫ ଧାନ ବିକ୍ରି କରିଛନ୍ତି । ୨୦୨୦-୨୧ ଖରିଫ୍ ଧାନସଂଗ୍ରହ ପ୍ରକ୍ରିୟାରେ ମୋଟ ୧୧ ଲକ୍ଷ ୯୧ ହଜାର ଚାଷୀ ଧାନ ବିକ୍ରି କରିଥିବାବେଳେ ୨୦୨୧-୨୨ରେ ମୋଟ ୧୨ ଲକ୍ଷ ୯୨ ହଜାର ୭୩୨ ଜଣ ଚାଷୀ ଖରିଫ୍ ଧାନ ବିକ୍ରି କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ଅଧିକରୁ ଅଧିକ ଧାନସଂଗ୍ରହ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିବା ପରିପ୍ରେକ୍ଷୀରେ ବିଗତ ବର୍ଷଗୁଡ଼ିକରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଇଛି ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି । ୨୦୧୮-୧୯ ବର୍ଷ ଖରିଫ୍ ଧାନସଂଗ୍ରହ ପ୍ରକ୍ରିୟାରେ ମୋଟ ୫ ଲକ୍ଷ ୬୦ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଧାନ ବିକ୍ରି କରିଥିବାବେଳେ ୨୦୧୯-୨୦ ବର୍ଷର ଖରିଫ୍ ଧାନସଂଗ୍ରହରେ ୭ ଲକ୍ଷ ୨୨ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୨୦୨୦-୨୧ ବର୍ଷର ଖରିଫ ଧାନସଂଗ୍ରହରେ ୯ ଲକ୍ଷ ୭ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଧାନ ବିକ୍ରୟ କରିଥିବାବେଳେ ୨୦୨୧-୨୨ ବର୍ଷରେ ମୋଟ ୧୦ ଲକ୍ଷ ୯୨ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଧାନ ବିକ୍ରୟ କରିଛନ୍ତି ।

# ମୋ ସ୍କୁଲ ଅଭିଯାନର ରାଜ୍ୟ ଅଧ୍ୟକ୍ଷାଙ୍କ ସମୀକ୍ଷା ବୈଠକ ଓ ଆଲୁମିନି ବୈଠକ



ଭଦ୍ରକ, ୧୧/୦୪ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମୋ ସ୍କୁଲ ଅଭିଯାନ ପରିଚାଳନା ସଙ୍ଗଠନ ର ଅଧ୍ୟକ୍ଷା ଶ୍ରୀମତୀ ସସ୍ମିତା ବାଗ୍‌ଚି ଆଜି ଭଦ୍ରକ ଜିଲ୍ଲା ଗସ୍ତ କରି କେତୋଟି ସ୍କୁଲ ପରିଦର୍ଶନ କରିବା ସହ ଅପରାହ୍ଣରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଲଗାତର ଅନୁଷ୍ଠିତ ହୋଇଥିବା ଦୁଇଟି ବୈଠକରେ ଯୋଗ ଦେଇ ଭୁବନେଶ୍ୱର ଫେରି ଯାଇଛନ୍ତି । ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ପ୍ରଥମେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୋ ସ୍କୁଲ ଅଭିଯାନରେ ଭଦ୍ରକ ଜିଲ୍ଲାର ବ୍ଲକ ଅନୁଯାୟୀ ସ୍ଥିତି, ପ୍ରଗତି, ସମସ୍ୟା, ଧାର୍ଯ୍ୟ ଲକ୍ଷ୍ୟ ଆଦି ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା । ଶ୍ରୀମତୀ ବାଗ୍‌ଚିଙ୍କ ସହ ମୋ ସ୍କୁଲ ଅଭିଯାନର ମୁଖ୍ୟ ସହଯୋଗୀ ଅଧିକାରୀ ଅମର ଜିତ୍ ଜେନା ମଧ୍ୟ ଏହି ବୈଠକରେ ଯୋଗଦେଇ ପ୍ରତି ବ୍ଲକର କାର୍ଯ୍ୟଧାରା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ସହ ପରାମର୍ଶ ଦେଇଥିଲେ । ବୈଠକରେ ପ୍ରଦତ୍ତ ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲାରେ ସମୁଦାୟ ୧,୩୩୮ ଟି ପ୍ରାଥମିକ ଓ ୩୧୨ ଟି ହାଇସ୍କୁଲ ମଧ୍ୟରୁ ୧,୦୨୨ ଟି ପ୍ରାଥମିକ ଓ ୨୯୪ଟି ହାଇସ୍କୁଲ ଅର୍ଥାତ୍ ୭୬% ମୋ ସ୍କୁଲ ଅଭିଯାନରେ ଅନ୍ତର୍ଭୁକ୍ତ ହୋଇ ସାରିଛି । ୩୧୬ ଟି ପ୍ରାଥମିକ ଓ ୧୮ ଟି ହାଇସ୍କୁଲ ଅର୍ଥାତ୍ ୨୪ % ବାକିଅଛି । ଯାହାକୁ ଆଗାମୀ ମଇ ଶେଷ ସୁଦ୍ଧା ପରିସର ଭୁକ୍ତ କରାଯିବାକୁ ପଦକ୍ଷେପ ନେବା ପାଇଁ ଅଧ୍ୟକ୍ଷା ଶ୍ରୀମତୀ ବାଗ୍‌ଚି ସମୟ ଧାର୍ଯ୍ୟ କରିଥିଲେ । ଏଥିରେ ବାସୁଦେବପୁର ଓ ଭଣ୍ଡାରିପୋଖରୀ ବ୍ଲକ ୧୦୦% ହାସଲ କରିସାରିଥିଲାବେଳେ ତିହିଡ଼ି ସର୍ବନିମ୍ନ ୨୪% ମାତ୍ର ପୂରଣ କରିପାରିଛି । ମୋ ସ୍କୁଲ ଅଭିଯାନରେ ପ୍ରାଥମିକ ସ୍କୁଲ ବାସୁଦେବପୁରର ୨୩୪ ରୁ ୨୩୪ ଭଦ୍ରକରୁ ୨୩୧ ରୁ ୧୭୪, ଭଣ୍ଡାରିପୋଖରୀ ୧୧୮ ରୁ ୧୧୮, ବନ୍ତର ୧୪୭ ରୁ ୧୩୯, ଚାନ୍ଦବାଲି ୨୨୭ ରୁ ୧୨୯, ଧାମନଗର ୧୮୮ ରୁ ୧୮୧ ତିହିଡ଼ିର ୧୯୩ ରୁ ୪୭ଟି ଏବଂ ହାଇସ୍କୁଲ କ୍ଷେତ୍ରରେ ବାସୁଦେବପୁର ୫୧ ରୁ ୫୦, ଭଦ୍ରକର ୫୪ ରୁ ୫୨, ଭଣ୍ଡାରିପୋଖରୀର ୩୪ ରୁ ୩୪, ବ ନ୍ତର ୪୩ ରୁ ୪୨, ଚାନ୍ଦବାଲିର ୪୦ ରୁ ୩୭, ଧାମନଗର ୫୪ ରୁ ୫୨, ତିହିଡ଼ି ୩୬ ରୁ ୨୭ ଟି ଅନ୍ତର୍ଭୁକ୍ତ ହୋଇଛି । ସମସ୍ତ ବି.ଇ.ଓ., ମୋ ସ୍କୁଲ ଦଳର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଅନ୍ୟ ସଂପୃକ୍ତ କର୍ମଚାରୀ ଏହି ବୈଠକରେ ଉପସ୍ଥିତ ଥିଲେ । ଏ.ଡ଼ି.ଇ.ଓ. ଦୀପକ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ମୋ ସ୍କୁଲ ଅଭିଯାନରେ ସ୍କୁଲ ପାଇଁ ଅବଦାନ ରଖିଥିବା କେତେ ଜଣ ଆଲୁମିନି ମାନଙ୍କୁ ନେଇ ବୈଠକ ଆରମ୍ଭ କରାଯାଇଥିଲା । ଜିଲ୍ଲାପାଳ ତ୍ରିଲୋଚନ ମାଝୀ ମଧ୍ୟ ଏହି ବୈଠକରେ ଆସି ଯୋଗ ଦେଇଥିଲେ । ମୋ ସ୍କୁଲ ଅଭିଯାନରେ ବିଭିନ୍ନ ସ୍କୁଲପ୍ରତି ପୁରାତନ ବିଦ୍ୟାର୍ଥୀ ମାନଙ୍କର ଅବଦାନ, ନିର୍ମାଣ କାର୍ଯ୍ୟ, ଜାଗା ସମସ୍ୟା, ନୂଆ ପ୍ରକଳ୍ପ ଆଦି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା ।

## ଆର.କେ.ସି.ଏ.ଟି. ଏକ୍ସଟାସି ୨୦୨୨ର ଉଦ୍‌ଯାପନି ଦିବସ

ନୀଳଗିରି, ୧୧/୦୪ (ନି.ପ୍ର): ନୀଳଗିରି ସ୍ଥିତ ରାଜା କିଶୋର ଚନ୍ଦ୍ର ଏକାଡେମି ଅଫ ଟେକ୍ନୋଲୋଜି ପରିସରରେ ଏକ୍ସଟାସି ୨୦୨୨ ର ଉଦଯାପନି ଦିବସ ମହାସମାରୋହରେ ପାଳନ କରାଯାଇଛି । ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ଉତ୍ସବ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲୁକ୍କାୟିତ ଗୁଣକୁ ପରିପ୍ରକାଶ କରିବାର ଏକ ମାଧ୍ୟମ ବୋଲି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗ ଦେଇ କଲେଜର ଉତ୍ତୋରତର କାମନା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ନିଜବକ୍ତବ୍ୟରେ ଦିଗଦର୍ଶନ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ନୀଳଗିରି ଫାୟାର ଅଫିସର ବିଷ୍ଣୁଚରଣ ବେହେରା ମଂଚାସୀନ ରହି ନିଜର ବକ୍ତବ୍ୟ ରଖିଥିଲେ । ରାଜାକିଶେଶର ଚନ୍ଦ୍ର ଏକାଡେମି ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ମାନସ କୁମାର ବେହେରା ମଂଚାସୀନ ରହି ନିଜର ବକ୍ତବ୍ୟ ରଖିଥିଲେ । ଆରକେ.ସି.ଏ.ସି. ପଲିଟେକନିକର ଅଧ୍ୟକ୍ଷ ପ୍ରେମାନନ୍ଦ ପ୍ରଧାନ ସଭାପତିତ୍ୱ କରିଥିଲେ । କୃତିଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ....

ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ । ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ । ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର । ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ । ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ । ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି । ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି । ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି । ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ ।

## ଜୁନିୟର ଆଥଲେଟ୍‌ଙ୍କୁ ....

ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଷ୍ଟେଟ ଆଥଲେଟିକ୍ ମିଟ୍ ହୋଇଥିଲା । ୯ ତାରିଖରେ ଲଙ୍ଗ ଜମ୍ପ ପାଇଁ ଇଭେଂଟ ପରେ ଏହି ଘଟଣା ଘଟିଥିଲା । ପିଡୀତ ଛାତ୍ର ଜଣକ କହିଛନ୍ତି ଲଙ୍ଗ ଜମ୍ପ ଇଭେଂଟରେ ମୁଁ ଭଲ ପ୍ରଦର୍ଶନ କରି ପାରି ନ ଥିଲି। ସିନିୟରମାନେ ଡାକି ମୋତେ ଖରାପ ଭାଷାରେ ଗାଳି କରିଥିଲେ। ଗତକାଲି ସାଢେ ୮ଟାରୁ ସାଢେ ୯ଟା ମଧ୍ୟରେ ଭୁବନେଶ୍ୱରର ଏକ ଘରୋଇ କଲେଜର ହଷ୍ଟେଲ ରୁମ୍ କୁ ଡାକି ମୋତେ ଜୋରଜବରଦସ୍ତି ନିବସ୍ତ୍ର କରିଥିଲେ। ଏହାପରେ ତାଙ୍କ ୨ ସାଙ୍ଗଙ୍କୁ ଭିଡିଓ କଲ କରିଥିଲେ । ଏନେଇ ଅଭିଯୋଗ କରିବା ସତ୍ୱେ ଇନଫୋସିଟି ଥାନା ପୋଲିସ୍ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ କରିଥିଲେ ସମ୍ପୃକ୍ତ ନାବାଳକ ଖେଳାଳି ଓ ତାଙ୍କ ମା'। ଏପରିକି ୪ ଜଣଙ୍କୁ ଅଟକ ରଖି ପରବର୍ତୀ ସମୟରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା। ଥାନାରୁ ନ୍ୟାୟ ନ ପାଇ ସମ୍ପୃକ୍ତ ପୀଡ଼ିତ ଓ ତାଙ୍କ ପରିବାର ଲୋକ ଆଜି ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବିଗୁଡୁଚି ଶ୍ରୀଲଙ୍କାର ଆର୍ଥିକ....

ଅଭାବ ଯୋଗୁଁ ଖବର କାଗଜର ପେଜ ସଂଖ୍ୟା କମାଇଛନ୍ତି ବିଭିନ୍ନ ଖବରକାଗଜ ସଂସ୍ଥା । ଦେଶରେ ବିଗୁଡୁଥିବା ଅର୍ଥବ୍ୟବସ୍ଥାକୁ ଦେଖି ସେଂଟ୍ରାଲ ବ୍ୟାଙ୍କ ଗଭର୍ଣ୍ଣର ସରକାରଙ୍କୁ ବ୍ୟାଙ୍କ କାମରେ ହସ୍ତକ୍ଷେପ ନକରିବାକୁ କହିଛନ୍ତି । ଯଦି ସରକାର ବ୍ୟାଙ୍କ କାମରେ ହସ୍ତକ୍ଷେପ କରିବା ବନ୍ଦ କରେ ତେବେ ହୁଏତ ସମସ୍ୟାର ସମାଧାନ ହୋଇ ପାରିବ । ନହେଲେ ଦେଶରେ ଆହୁରି ଉତ୍କଟ ପରିସ୍ଥିତି ସୃଷ୍ଟି ହେବ ବୋଲି ଶ୍ରୀଲଙ୍କା ସେଂଟ୍ରାଲ ବ୍ୟାଙ୍କ ଗଭର୍ଣ୍ଣର କହିଛନ୍ତି । ଏହାରି ଭିତରେ ନୂଆ ପ୍ରଧାନମନ୍ତ୍ରୀର ଦାବି କରିଛନ୍ତି ଶ୍ରୀଲଙ୍କା ସାଂସଦ ।

## ୭ମ ବୈଶାଖୀ ମହୋତ୍ସବ ଉଦ୍‌ଘାଟିତ

ବାଲେଶ୍ୱର,୧୧/୦୪ (ନି.ପ୍ର): ସମଗ୍ର ବିଶ୍ୱ ଏକ ସଂକଟମୟ ଅବସ୍ଥାରେ ଗତିକରୁଛି । ଧନଧାନ୍ୟ ଆଧୁନିକତା ସମସ୍ତଙ୍କୁ ଉଗ୍ର ଅହଙ୍କାର ଆଡ଼କୁ ଘୋଷାରି ଚାଲିଛି । ପ୍ରତି ବ୍ୟକ୍ତି, ପ୍ରତି ଦେଶ, ପ୍ରତି ମହାଦେଶ ଉପଖଣ୍ଡ ନିଜନିଜର ପରାକ୍ରମ ଦେଖାଇ ଦୁର୍ଭାଗ୍ୟଜନକ ଭାବରେ ଧ୍ୱଂସାମୁଖୀ ହେବାରେ ଲାଗିଛି । ଆମେ ସମସ୍ତ ବିଶ୍ୱବାସୀ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଜୀବନ ଜିଉଛୁ । ଯୁଦ୍ଧର ପ୍ରତିଶବ୍ଦ ମୃତ୍ୟୁ ପାଲଟିଛି ବୋଲି ୭ମ ବୈଶାଖୀ ମହୋତ୍ସବ ଉଦ୍‌ଘାଟନ ବିଶିଷ୍ଟ କବି ତଥା ରାଜନେତା ଡ. ପ୍ରସନ୍ନ କୁମାର ପାଟଶାଣୀ ମତ ପ୍ରକାଶ କରିଛନ୍ତି । ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. କୁମରବର ଦାସ ଏଥିରେ ମୁଖ୍ୟବକ୍ତା ଭାବେ ନିଜ ବକ୍ତବ୍ୟରେ 'ଆମେ ଟେକ୍ନୋକୁଲି ତିଆରି କରିଚାଲିଛେ। କେଉଁ କର୍ପୋରେଟ କଂପାନୀର ସି.ଇ.ଓ. କିମ୍ବା ଭାଇସ୍ ପ୍ରେସିଡେଣ୍ଟ ହୋଇ କେତେ ଲକ୍ଷ, କେତେ କୋଟି ଟଙ୍କାର ପେକେଜ ଦରମାରେ ଚାକିରି କରିଛେ, ଆଖି ପିଛୁଳାକେ ଏଦେଶୁ ସେଦେଶ ହେଉଛେ' ତ ଏଣେ ବାପା ମା'ଙ୍କ ସେବା ଶୁଶ୍ରୂଷା ପାଇଁ କେହି ଜଣେ ହେଲେ ନାହାନ୍ତି ବୋଲି କ୍ଷୋଭ ସହ ପ୍ରକାଶ କରିଥିଲେ। 'ବଡ଼ଲୋକ ନୁହଁ ଭଲ ଲୋକ ତିଆରି କରୁ ଆମ ଦେଶ, ବୋଲି ଦୃଢ଼ ସ୍ୱରରେ ପ୍ରତି ମଣିଷକୁ ସେ ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ବୈଶାଖୀ ମହୋତ୍ସବର ସଭାପତି ଆଇନଜୀବୀ ଅଶୋକ କୁମାର ସେନାପତି ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବ ସଭାକାର୍ଯ୍ୟ ପରିଚାଳନା କରିଥଲେ। ସାଧାରଣ ସମ୍ପାଦକ ଭାଗବତ ସାହୁ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବୈଶାଖୀ ମହୋତ୍ସବର ୭ମ ସଂସ୍କରଣ ସ୍ମରଣିକା 'ବୈଶାଖୀ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ।

# ବାଲିଆପାଳରେ ବାସନ୍ତୀଙ୍କ ପୂଜା ଉଦ୍‌ଯାପିତ



ବାଲିଆପାଳ, ୧୧/୦୪ (ନି.ପ୍ର):ବାଲିଆପାଳ ଅଞ୍ଚଳର ବହୁ ପୁରାତନ ବାସନ୍ତୀ ପୂଜା ସୋମବାର ଉଦଯାପିତ ହୋଇଯାଇଛି । ବାଲିଆପାଳ ବସଷ୍ଟାଣ୍ଡ ଠାରେ ଗତ ୮ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ୪ ଦିନିଆ ପଞ୍ଚାୟତ ସ୍ତରୀୟ ବାସନ୍ତୀ ପୂଜାର ଆଜି ଦଶମୀରେ ଅପରାଜିତା ପରେ ଦେବୀଙ୍କୁ ବିସର୍ଜନ ଦିଆଯାଇଛି ।ଦୁଇ ବର୍ଷ କରୋନା ପାଇଁ ପୂଜା ବନ୍ଦ ପରେ ଚଳିତ ବର୍ଷ ପୂଜା ଅନୁଷ୍ଠିତ ହେଉ ଥିବାରୁ ପ୍ରତି ଦିନ ଭକ୍ତଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।ବହୁ ବର୍ଷ ତଳୁ ଏଠାରେ ବାଲିଆପାଳ ଥାନା ତରଫରୁ ହେଥିଲା ପୂଜା ହେଉ ଥିଲା ।ମାତ୍ର ଚଳିତ ବର୍ଷ ବାଲିଆପାଳ ପୁଲିସ ପୂଜା କରିବାକୁ ମନା କରିଦେବା ଫଳରେ ବାଲିଆପାଳ ଦୁର୍ଗା ପୂଜା ପରିଚାଳନା କମିଟି ପକ୍ଷରୁ ବାଲିଆପାଳ ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ପୂଜା କରାଯାଇଥିଲା ।ଚଳିତ ବର୍ଷ ବାସନ୍ତୀ ପୂଜାରେ ବାଲିଆପାଳ ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ,ନୂତନ ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ ଦାସ,ପୂଜାକମିଟିର ସମ୍ପାଦକ ଅଜୟ କୁମାର ସାହୁ,ଗିରିଶ ଚନ୍ଦ୍ର ପାତ୍ର,ଅଜିତ ପାତ୍ର,ପ୍ରିୟନାଥ ସେଠି,ଭାସ୍କର ଚନ୍ଦ୍ର ସାହୁ,ପଞ୍ଚାନନ ପଣ୍ଡା,ପ୍ରାଣକୃଷ୍ଣ ସାହୁ, କମଳାକାନ୍ତ ସାହୁ,ଜଗନ୍ନାଥ ସାହୁ, ବୁଧୀରାମ ବେହେରା,ସାଧୁ ଭୋଳ, ଗୋପାଳ ଜେନା,ପ୍ରତାପ ପାତ୍ର, ସେକ ମସିରୁଦ୍ଦିନ,ଗୋଲକ ବେହେରା,ମଧୁସୂଦନ ପ୍ରମାଣିତ ପ୍ରମୁଖ ପୂଜା ପରିଚାଳନା କରିଥିବା ବେଳେ ପୂଜକ ଭାବେ ପଣ୍ଡିତନାରାୟଣ ପଣ୍ଡା,ହିମାଂଶୁ ପଣ୍ଡା,କମଲୋଚନ ପଣ୍ଡା, ଜଙ୍ଘେଶ୍ୱର ପଣ୍ଡା,କଟିଛୁଆ ପଣ୍ଡା ପ୍ରମୁଖ ପୂଜା ପରିଚାଳନା କରିଥିଲେ ।

# ଏମକେସି ହାଇସ୍କୁଲ ଶକ୍ତି କ୍ଲବ ତରଫରୁ ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ




ବାରିପଦା, ୧୧/୦୪ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଶକ୍ତି କ୍ଲବ୍ ତରଫରୁ ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସରକାରୀ ପ୍ରାରମ୍ଭିକ ଶିକ୍ଷା ପ୍ରତିଷ୍ଠାନ, ବାରିପଦାର ଶିକ୍ଷକ ପ୍ରମିକ୍ଷକ ଡ. ପ୍ରିୟରଞ୍ଜନ ଦାଶ ମୁଖ୍ୟ ଆଲୋଚକଭାବେ ଯୋଗଦେଇ "ଆଜିର ସମୟରେ ଶକ୍ତି ସଂରକ୍ଷଣର ଆବଶ୍ୟକତା" ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଶିକ୍ଷକ ଅମୂଲ୍ୟ କୁମ୍ଭକାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ଅଲିଭା ପୋଥାଲ, ମନୋଜ କୁମାର ପରିଡା, ପ୍ରଦୀପ କୁମାର ଦଣ୍ଡପାଟ ଓ ଉପେନ୍ଦ୍ରନାଥ ବେହେରା କାର୍ଯ୍ୟକ୍ରମ ପରିଳନାରେ ସହଯୋଗ କରିଥିଲେ ।

# ବାଲିଆପାଳ ବ୍ଲକର କୃଷକସାଥୀ ସଂଘର ବୈଠକ

ବାଲିଆପାଳ, ୧୧/୦୪ (ନି.ପ୍ର): ବାଲିଆପାଳ ବ୍ଲକ ସିମୁଳିଆ ମଠ ପରିସରରେ ବାଲିଆପାଳ ବ୍ଲକ କୃଷକସାଥୀ ସଂଘ ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ପ୍ରମଥ କୁମାର ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂପାଦକ କଳ୍ପତରୁ ପାତ୍ର,କାର୍ଯ୍ୟକାରୀ ସଭାପତି ମୃତ୍ୟୁଞ୍ଜୟ ହାଜିରା ସମେତ ପ୍ରତି ଗ୍ରାମର ସମସ୍ତ କୃଷକସାଥୀ ଭାଇ ଭଉଣୀ ମାନେ ଯୋଗଦେଇ ଅଲୋଚନାରେ ଅଂଶଗ୍ରହଣ କରିଥିଲେ । ଦୀର୍ଘ ୧୬ବର୍ଷ ଧରି ପ୍ରତି ଗ୍ରାମପ ।ୟତରେ ଦୁଇଜଣ ଲେଖାଏଁ କୃଷକସାଥି ଭାବରେ ରହି ସରକାରଙ୍କ କୃଷି ବିଷୟରେ ଲୋକାଭିମୁଖୀ ଯୋଜନାକୁ ଚାଷିଙ୍କ ପାଖରେ ପହଂଚାଇବାରେ ସକ୍ରୀୟ ଭୂମିକା ନେଇଛନ୍ତି । ମାତ୍ର ସରକାର ଓଡିଶା କୃଷକ ସଂଘ ସଭାପତି ସଂପାଦକଙ୍କୁ ନେଇ କୃଷକ ସାଥୀ ମାନଙ୍କର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପ୍ରତିଶୃତି ଦେଇଥିଲେ ମଧ ଆଜିପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ ଆଗାମୀ ଦିନରେ ଦାବୀ ପୂରଣ ନହେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ନିର୍ଣ୍ଣ ହୋଇଥିଲା ।

## କୃଷକ ସାଥୀଙ୍କ ବ୍ଲକ ସ୍ତରୀୟ ବୈଠକ : ସରକାରୀକରଣ ଦାବି

ଜଳେଶ୍ୱର ୧୧/୪ (ନି.ପ୍ର): ଆଜି ପୂର୍ବାହ୍ନରେ ଜଳେଶ୍ୱର କୃଷି କାର୍ଯ୍ୟାଳୟରେ କୃଷକ ସାଥିର ସଭାପତି ଗୋକୁଳାନନ୍ଦ ପ୍ରଧାନ ପୌରହିତ୍ୱ କରିଥିଲେ । କୃଷକ ସାଥିମାନେ ଗ୍ରାମାଞ୍ଚଳରେ କୃଷକମାନଙ୍କ ସହିତ ରହି ସେମାନଙ୍କୁ ବୈଷୟିକ ପରାମର୍ଶ ଓ ସରକାରୀ ନିତୀନିୟମ ଓ ସହାୟତା ସଂପର୍କରେ ଜଣାଇ ଆସୁଥିଲେ ମଧ୍ୟ ସେମାନଙ୍କୁ ସରକାରୀକରଣ କରାଯାଉନଥିବାରୁ ବୈଠକରେ କ୍ଷୋଭପ୍ରକାଶ କରାଯାଇଛି । ଦୀର୍ଘ ୧୫ବର୍ଷ ଧରି ସରକାରଙ୍କ ଲୋକାଭିମୁଖୀ ଯୋଜନା ଚାଷୀଙ୍କ ଠାରେ ପହଞ୍ଚାଇ ଦେଉଥିଲେ ମଧ୍ୟ କୃଷକ ସାଥିଙ୍କୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ପରିସଂସ୍ଥାନ ବିଭାଗରେ ନିଯୁକ୍ତି ଦେବାକୁ ବୈଠକରେ ଆଲୋଚନା ହାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ପ୍ରଶାନ୍ତ ପାଳ, ଉପସଭାପତି ଦେବାଶିଷ ପାତ୍ର, ସଂପାଦକ ସୁଧିର ଓଝା, ପ୍ରଦୀପ ପ୍ରଧାନ, ରବିନ୍ଦ୍ରନାଥ ବାରିକ, ଅରବିନ୍ଦ ଗିରି, ରବିନ୍ଦ୍ର ଦାସ, ଗିରିବାଲା କର ପ୍ରମୁଖ ଏଥିରେ ବକ୍ତବ୍ୟ ରଖିଥିଲେ ।

## ଥାନା ହାଜତରେ ନାବାଳକ ମାନେ ତିନି ଦିନ ରହିବା ମାମଲାର ହେବ ଯାଂଚ

ଭୁବନେଶ୍ୱର, ୧୧/୦୪ (ନି.ପ୍ର): କଟକ ଏସସିବି ମେଡିକାଲ କଲେଜ ଓ ଡାକ୍ତରଖାନାରେ ଥିବା ଫାଣ୍ଡି ହାଜତରେ ଜଣେ ନାବାଳକଙ୍କୁ ପୁଲିସ ତିନିଦିନ ଅଟକ ରଖିବା ଘଟଣାର ଯାଂଚ କରା ଯିବ। କଟକ ଡିସିପି ପ୍ରତୀକ ସିଂହ ଏହି ସୂଚନା ଦେଇଛନ୍ତି। ଜଣେ ଅତିରିକ୍ତ ଏସ୍ ପି ପାହ୍ୟାର ଅଧିକାରୀ ତଦନ୍ତ କରିବେ ବୋଲି ସେ ସୂଚନା ଦେଇଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ବଡ ଡାକ୍ତରଖାନା ମେଡିକାଲ୍ ଫାଣ୍ଡି ହାଜତରେ ଜଣେ ନାବାଳକଙ୍କୁ ପୁଲିସ ତିନିଦିନ ଅଟକ ରଖିବା ଭଳି ଅଭିଯୋଗ ଆସିଥିଲା।

# ସମାଜସେବୀ ଅକ୍ଷୟ କୁମାର ମହାନ୍ତିଙ୍କ ପରଲୋକ



ଜଳେଶ୍ୱର, ୧୧/୪ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କାଶିମପୁର (ଅମାଇଚଣ୍ଡି) ଗାଁର ଅକ୍ଷୟ କୁମାର ମହାନ୍ତିଙ୍କ ୯୪ ବର୍ଷ ବୟସରେ ଗତ ରବିବାର ସଂଖ୍ୟା ୭.୩୦ମି. ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଅକ୍ଷୟ ତୃତୀୟାରେ ତାଙ୍କର ଜନ୍ମ ବୋଲି ନାମ ତାଙ୍କର ନାମକରଣ ହୋଇଥିଲା । ରାଉରକେଲ ଷ୍ଟିଲ କାରଖାନାରୁ ଚାକିରିରୁ ସ୍ୱଇଛାରେ ଅବସର ନେଇ ଜମାଲପୁର ଅଂଚଳରେ ଜଣେ ସମାଜସେବିଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ । ଜମାଲପୁର ପୂଜା ମଣ୍ଡପରେ ମା ବାସନ୍ତୀ ଦେବୀଙ୍କୁ ଦର୍ଶନ ଏବଂ ମହାରାମ ନବମୀରେ ତାଙ୍କର ମୃତ୍ୟୁ ବେଳେ ୪ ଝିଅ ସରୋଜା, ଚାରୁବାଳା, ମଂଜୁବାଳା ଓ ମନାଲିସା ଓ ୪ ଜ୍ୱାଇଁ ଜୟଗୋପାଳ ଜେନା, ଡ. ଲଳିତ ରଂଜନ ସେନାପତି, ଯୁବନେତା ବ୍ରଜମୋହନ ପ୍ରଧାନ, ସନ୍ତୋଷ ପ୍ରଧାନ, ପୁଅ ଅରୁଣ ଅଶୋକ, ଅଶ୍ୱିନୀ, ବୋହୂ ଅନୁରାଧା, ଶରିତା, ଅର୍ଚ୍ଚାନା ନାତି ନାତୁଣୀ ଉପସ୍ଥିତ ଥିଲେ । ସେ ତତ୍‌କାଳୀନ ନେତା ଗୌରଗୋପାଳ ଦାସ ଓ ବିଧାୟକ ଅଶ୍ୱିନୀ ପାତ୍ରଙ୍କ ଅନୁରୋକ୍ତ ଥିଲେ । ଶିକ୍ଷକ ନେତା ଶଶାଙ୍କ ମହାନ୍ତି, ବିଶ୍ୱନାଥ ଦାସମହାପାତ୍ର, ପ୍ରଭାସ ପରିଡା, ରମେଶ ପାତ୍ର, ହରିଶଚନ୍ଦ୍ର ମହାଳିକ, ଅଶ୍ୱିନୀ ଅଧିକାରୀ, ଭୂପତି ପରିଡା, ଖଗେନ୍ଦ୍ର ପରିଡା, ଗୋପାଳ ଚନ୍ଦ୍ର ବେହେରା, ବିଶ୍ୱମ୍ଭର ନାଥ, ତପନ ବେହେରା ପ୍ରମୁଖ ଶେଷ ଦର୍ଶନ କରିଥିବା ବେଳେ ସୁବର୍ଣ୍ଣରେଖା ନଦୀକୂଳରେ ତାଙ୍କର ଚିତାଗ୍ନି ଜଳିଥିଲା ।

# ସାମ୍ବାଦିକଙ୍କୁ ବେଡ଼ି ଲଗା ପ୍ରସଙ୍ଗ, ଆଇ.ଆଇ.ସି.ଙ୍କୁ ଗିରଫ କରା ନଗଲେ ୧୩ରେ ନୀଳଗିରି ବନ୍ଦ

ନୀଳଗିରି, ୧୧/୦୪ (ନି.ପ୍ର): ନୀଳଗିରି ଅଂଚଳର ସାମ୍ବାଦିକ ଲୋକନାଥ ଦଳେଇଙ୍କ ପ୍ରତି ପୋଲିସ କରିଥିବା ଜୁଲମ ଘଟଣା ସଂପ୍ରତି ଆନ୍ଦୋଳନାତ୍ମକ ପନ୍ଥା ଆଡ଼କୁ ଟାଣି ନେଇଛି । ରବିବାର ସ୍ଥାନୀୟ ପରିଷଦ କଲ୍ୟାଣ ମଣ୍ଡପରେ ଆୟୋଜିତ ବୈଠକରେ ସର୍ବଦଳୀୟ ନିଷ୍ପତି ଅନୁସାରେ ଆଜି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀଙ୍କୁ ଭେଟି ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ୫ଟି ସଚିବ, ଡିଜିପି ଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଛି । ପୀଡ଼ିତ ସମ୍ବାଦିକ ପରିବାରକୁ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ଅବିଳମ୍ବେ ପ୍ରଦାନ, ସାମ୍ବାଦିକ ଉପରେହୋଇଥିବା ମିଥ୍ୟା ମାମଲାର ପ୍ରତ୍ୟାହାର, ଅଭିଯୁକ୍ତ ଆଇ.ଆଇ.ସି. ଦ୍ରୌପଦୀ ଦାସ, ସବଇନିସପେକ୍ଟର ସୁବର୍ଣ୍ଣା ବେହେରାଙ୍କୁ ନିଲମ୍ବିତ କରାଯିବା, ସେମାନଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରୁଜୁ କରାଯାଇ ଗିରଫ କରାଯିବା ପ୍ରଭୃତି ଦାବୀ ରଖାଯାଇଛି । ଏହି ଦାବୀ ପତ୍ର ଦେବା ସମୟରେ ବରିଷ୍ଠ ସାମ୍ବାଦିକ ରବି ରାଉତ, ଅମରେନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ, ବିଜେଡି ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ଧୀରେନ୍ଦ୍ର ଲେଙ୍କା, ବରିଷ୍ଠ ବିଜେପି ନେତା ଗଙ୍ଗାଧର ମିଶ୍ରଙ୍କ ସମେତ ସମସ୍ତ ସାମ୍ବାଦିକ ଉପସ୍ଥିତ ଥିଲେ ।

# ପଥ ବିକ୍ରେତା ସଂଘ ପକ୍ଷରୁ ନିର୍ବାଚିତ ଲୋକପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା




ବାଲେଶ୍ୱର,୧୧/୦୪ (ନି.ପ୍ର): ଓଡ଼ିଶା ପଥ ବିକ୍ରେତା ସଂଘ ବାଲେଶ୍ୱର ସହର କମିଟି ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସ ଅଧ୍ୟକ୍ଷତା କରିବା ସହ ବାଲେଶ୍ୱର ସହରରେ ଉଠା ଦୋକାନୀମାନେ ସାମନା କରୁଥିବା ବିଭିନ୍ନ ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ସ୍ୱରୂପ କୁମାର ଦାସ, ନବ ନିର୍ବାଚିତ ପୌରାଧ୍ୟକ୍ଷା ସବିତା ସାହୁ, ଉପାଧ୍ୟକ୍ଷ କୈଳାସ ସେଠୀ, ୧୬ନଂ ୱାର୍ଡର କାଉନସିଲର ସବିତା ରାଣୀ ଦାସ ପ୍ରମୁଖ ଏଥିରେ ଯୋଗଦେଇ ଉଠା ଦୋକାନୀଙ୍କ ଅନ୍ତର୍ଭୁକ୍ତିକରଣ ଯୋଗୁଁ ସାମ୍ପ୍ରତିକ ସମାଜରେ ଜନସାଧାରଣଙ୍କ ଜୀବନଶୈଳୀ ସୁଚାରୁରୂପେ ଆଗକୁ ବଢ଼ି ପାରିଛି ବୋଲି କହିଥିଲେ। ତେବେ ଏହି ଉଠା ଦୋକାନୀମାନେ ସାମ୍ନା କରୁଥିବା ସମସ୍ୟାର ସାମାଧାନକୁ ଉଭୟ ପ୍ରଶାସନ ଓ ଲୋକପ୍ରତିନିଧିମାନେ ପ୍ରାଥମିକତା ଦେବା ଉଚିତ ବୋଲି ସେମାନେ ମତପ୍ରକାଶ କରିଥିଲେ । ବିଭିନ୍ନ ସ୍ଥାନରୁ ଉଠାଦୋକାନୀଙ୍କୁ ଉଚ୍ଛେଦ ନିଷତି ଲାଗୁ ପୂର୍ବରୁ ପ୍ରଥମେ ଥଇଥାନ ପାଇଁ ବ୍ୟବସ୍ଥା କରାଯିବା ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥିଲେ। ସମ୍ପ୍ରତି ବାଲେଶ୍ୱର ପୌର ପରିଷଦ ତା'ର କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଆଗାମୀ ଦିନରେ ଉଠାଦୋକାନୀଙ୍କ ସ୍ୱାର୍ଥରକ୍ଷା ଦିଗରେ ଉଚିତ ପଦକ୍ଷେପ ନିଆଯିବ ବୋଲି ଉପସ୍ଥିତ ନେତା ଓ ଲୋକ ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପଥ ବିକ୍ରେତା ସଂଘ ପକ୍ଷରୁ ପୌରାଧ୍ୟକ୍ଷା ଶ୍ରୀମତୀ ସାହୁ, ଉପାଧ୍ୟକ୍ଷ ଶ୍ରୀ ସେଠୀ ଓ କାଉନସିଲର ଶ୍ରୀମତୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


**GOVERNMENT OF ORISSA**
**DEPARTMENT OF WATER RESOURCES**
**Office of the Executive Engineer,**
**Minor Irrigation Division, Balasore**
**'e' Procurement Notice No.M.I-E-01/2022- 23 dated: 04.04.2022**
**www.mibalasore@yahoo.co.in . 06782-262 146**

| | |
|---|---|
| 1) Narne of the work | : Work under M.I.Division, Balasore in Balasore. |
| 2) Total No of Works | : 01 (One) No. |
| 3) Estimated Cost | : Rs.32.00 Lakhs (Approximate). |
| 4) Class of Contractor | : "C" & "B" |
| 5) Period of Completion | : 04(Four) Calendar months |
| 6) Date & Time of availability of tencler on-line for bidding and receipt of bid | : From 11.00 A.M. of 13.04.2022 to 1.00 P.M of 22.04.2022 |
| 7) Date & Time of opening of Technical Bid | : 25.04.2022 at 11.00 A.M. at office of the E.E, M.I.D, Balasore" |
| 8) Date & -time of transparent Loterry if necessary | : 28.04.2022 at 11.00 A.M. as mentioned in DTCN |
| 9) Name & Address of the Officer Inviting the Bid | : Executive Engineer, M.I.Division,Balasore. |

Further details can be seen frorn the Govt. website www.tendersodisha.gov.in

Note: Corrigendum / Addendum / Modifications if any can be seen through on-line only.

**Executive Engineer,**
**Minor Irrigation Division,**
**Balasore.**

**OIPR : 32014/11/0001/2223**

ବାଲେଶ୍ୱର, ମଙ୍ଗଳବାର, ୧୨ ଅପ୍ରେଲ, ୨୦୨୨

ଧ୍ୱନି ପ୍ରତିଧ୍ୱନି



## ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ଼ରେ ଲୋକେ ଶୋଷଣ ହେଉଛନ୍ତି: ସିପିଏମ

ବାଲେଶ୍ୱର,୧୧/୦୪ (ନି.ପ୍ର): ଲୋକଙ୍କୁ ସ୍ମାର୍ଟକାର୍ଡ଼ ବାଣ୍ଟି ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ନେଇ ରାଜ୍ୟସରକାର ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବରେ ଜନସାଧାରଣଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ଉଠାଇଛନ୍ତି ସିପିଏମ ନେତା। ବାଲେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିପିଏମ ଜିଲା ସସମ୍ପାଦକ ଶିଶିର କୁମାର ହୁଇ, ରାଜ୍ୟ ସମ୍ପାଦକ ମଣ୍ଡଳି ସଦସ୍ୟ ନିର୍ମଳ ନାୟକ, ରାଜ୍ୟ କମିଟି ସଦସ୍ୟ ଶିତାଂଶୁ ସେନାପତି, ସମ୍ପାଦକ ମଣ୍ଡଳି ସଦସ୍ୟ ପ୍ରେମରଞ୍ଜନ ପାତ୍ର, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ପାଇଁ ରାଜ୍ୟ ସରକାରଙ୍କ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ଼ ମୂଲ୍ୟହୀନ ବୋଲି ଆରୋପ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ଗତ ମାର୍ଚ୍ଚ ୨୮ ତାରିଖ ଏକ ରାସ୍ତା ଦୁର୍ଘଟଣାରେ ସି.ପି.ଆଇ.ଏମ୍ ପୂର୍ବତନ ଜିଲା କମିଟି ସଭ୍ୟ ଏବଂ ରାଇବଣିଆ ଅଞ୍ଚଳର ନେତା ଜୟନ୍ତ ଘୋଷଙ୍କ ବାମ ହାତ ପାପୁଲି ଏବଂ ଆଙ୍ଗୁଳି ଗୁଡ଼ିକ ଫାଟିଯାଇ ପ୍ରବଳ ରକ୍ତସ୍ରାବ ବହୁଥିବା ବେଳେ ପ୍ରଥମେ ଜଳେଶ୍ୱର ସିଏଚସି ଏବଂ ପରେ ବାଲେଶ୍ୱର ମେଡ଼ିକାଲ କଲେଜକୁ ନିଆଗଲା। ବାଲେଶ୍ୱର ମେଡ଼ିକାଲ କଲେଜ ଡାକ୍ତରଖାନାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଗଲା। କଟକରେ ପ୍ରାଥମିକ ଚିକିତ୍ସା ଓ ପରୀକ୍ଷାରୁ ତିନୋଟି ଆଙ୍ଗୁଳି ହାଡ଼ ଭାଙ୍ଗିଥିବା ବେଳେ ତୁରନ୍ତ ଅପରେସନର ଆବଶ୍ୟକ ବୋଲି ଜଣାପଡ଼ିଥିଲା। କଟକ ମେଡ଼ିକାଲର ଅସ୍ଥି-ଶୈଳ୍ୟ ବିଭାଗ ଅପରେସନ କରିବା ପରିବର୍ତ୍ତେ ବାରିପଦାରେ ହାତ ଆଙ୍ଗୁଳିର ଭଲ ଅସ୍ତ୍ରୋପଚାର ହୋଇପାରିବ କହି ରୋଗୀଙ୍କୁ ଏପ୍ରିଲ ୧ ତାରିଖ କଟକ ମେଡ଼ିକାଲରୁ ବହିଷ୍କାର କରାଗଲା। ବାରିପଦା ମେଡ଼ିକାଲରେ ୮ ତାରିଖ ସେ ଭର୍ତ୍ତି ହେଲେ। ଅସ୍ଥି ଶୈଳ୍ୟ ବିଭାଗର ପ୍ରଫେସର ଡାକ୍ତରଖାନାରେ ଅପରେସନ କରିବା ପରିବର୍ତ୍ତେ ତାଙ୍କ ନର୍ସିଂହୋମରେ ୬୦ ହଜାର ଟଙ୍କା ନଗଦ ରାଶି ନେଇ ଅପରେସନ କରିବେ ବୋଲି କହିବା ଘଟଣା ସମସ୍ତଙ୍କୁ ଆଚମ୍ବିତ କରିଥିଲା। ଟଙ୍କା ନ ପାଇବାରୁ ତାଙ୍କୁ ପୁଣି କଟକ ଏସ୍.ସି.ବି. କୁ ଗେଫାର କରିଦେଲେ।

## ଆଇଟିଆଇ ପାର୍ଶ୍ୱ ୩୦ ବସ୍ତି ପରିବାର ଉଚ୍ଛେଦ ହେଲେ



ବାଲେଶ୍ୱର,୧୧/୦୪ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲେଶ୍ୱର ଆଇଟିଆଇ ପଛପଟରେ ଥିବା ଅଙ୍ଗାରଗଡ଼ିଆ ପମ୍ପହାଉସ ପାଖ ବସ୍ତି ୩୦ପରିବାରକୁ ସୋମାବାର ଉଚ୍ଛେଦ କରାଯାଇଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସଦର ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରିବାରମାନଙ୍କୁ ଉଚ୍ଛେଦ କରାଯାଇଥିଲା। ଏହି ପରିବାର ବେଆଇନ ଭାବେ ଦୀର୍ଘବର୍ଷ ଧରି ରହିଆସିଥିବା ବେଳେ ସେମାନଙ୍କର ଅନ୍ୟ ସ୍ଥାନରେ ଜମି ମଧ୍ୟ ରହିଛି। ଉଚ୍ଚ ନ୍ୟାୟଳୟଙ୍କ ରାୟ ଓ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିନା ଥଇଥାନରେ ସେମାନଙ୍କୁ ଉଚ୍ଛେଦ କରାଯାଇଥିବା ଅତିରିକ୍ତ ତହସିଲଦାର ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ତେବେ ଏହି ଉଚ୍ଛେଦକୁ ୩୦ ପରିବାର ବିରୋଧ କରିଥିବା ବେଳେ ୩ ପ୍ଲାଟୁନ ଫୋର୍ସ ଓ ସହଦେବଖୁଣ୍ଟା ଥାନା ପୁଲିସର ଉପସ୍ଥିତିରେ ସମସ୍ତ କାର୍ଯ୍ୟ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହୋଇଥିଲା। ଅନ୍ୟପକ୍ଷରେ ମାତ୍ର ୨ ଦିନର ନୋଟିସ ପରେ ହଠାତ ପ୍ରଶାସନ ପକ୍ଷରୁ ଏଭଳି ଉଚ୍ଛେଦ ଦୁର୍ଭାଗ୍ୟଜନକ ବୋଲି କିଛି ଶ୍ରମିକନେତା ପ୍ରକାଶ କରିଥିଲେ। ଗତ ୨୦୨୧ ମାର୍ଚ୍ଚ ମାସରେ ଏହି ବସ୍ତିବାସିନ୍ଦାମାନେ ବାଲେଶ୍ୱର ଜିଲାପାଳଙ୍କ ଦପ୍ତର ସମ୍ମୁଖରେ ୩୨ଦିନ ଅହୋରାତ୍ର ଗଣଧାରଣା ଦେଇଥିଲେ। ଭୂମିହୀନମାନଙ୍କୁ ସରକାରୀ ଜାଗା ଯୋଗାଇଦେବା ପରେ ଉଚ୍ଛେଦ କରାଯିବ ବୋଲି ଧାରଣାକାରୀଙ୍କୁ ସେତେବେଳେ ଜିଲାପାଳ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବାଲେଶ୍ୱର ସାଂସଦ ଓ ବିଧାୟକ ମଧ୍ୟ ଅନୁରୂପ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସ୍ୱଳ୍ପ ସମୟ ମଧ୍ୟରେ ବିନା ଥଇଥାନରେ ଏହି ଉଚ୍ଛେଦ ଅସମ୍ବିଧାନିକ ବୋଲି ସେମାନେ ଆରୋପ କରିଥିଲେ। ଜିଲା ପ୍ରଶାସନର ଏହି ଅବିଚାର ତଥା ଅମାନବୀୟ କାର୍ଯ୍ୟକୁ ବସ୍ତିବାସିନ୍ଦା ସଂଘର ସଭାପତି ବେଣୁଧର ବାରିକ, ଉତ୍କଳ ମହିଳା ସମିତିର ସଭାନେତ୍ରୀ ବନ୍ଦନା ବିଶ୍ୱାସ ଓ ସାମାଜିକ କର୍ମୀ ତଥା ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ସିପିଆଇ ନେତା ଜୟନ୍ତ ଦାସ ଓ ଭିଟାମାଟି ସୁରକ୍ଷା ଆନ୍ଦୋଳନର ନେତା ଅରୁଣ ଜେନା ଦୃଢ଼ ନିନ୍ଦା କରିବା ସହ ଉଚ୍ଛେଦ ପରିବାରଙ୍କୁ ତୁରନ୍ତ ଥଇଥାନ ପାଇଁ ଦାବି କରିଛନ୍ତି।

## ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର




ଉଦଳା, ୧୧/୦୪ (ନି.ପ୍ର): ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଷ୍ଟେଟ ୟୁଥ ପଲିସି- ୨୦୧୩ ଅଧିନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ମାନଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମ ଶିବିର ଆଜି ଏପ୍ରିଲ ୧୧ ତାରିଖ ସୋମବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୌଧୁରୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିବା ସହିତ ଛାତ୍ରୀ ମାନଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମ ଆଜି କିପରି ଜରୁରୀ ହୋଇ ପଡ଼ିଛି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଶିବିରର ଯୋଜନା ଅଧିକାରୀ ଅଧ୍ୟାପିକା ଡ଼. ଆରତୀବାଳା ସାହୁ ଏବଂ ଅଧ୍ୟାପିକା ଗୁଞ୍ଜନା ଭୂୟାଁ ଆଜିଠାରୁ ନିୟମିତ ୮ ଦିନ ଧରି ଏହି ଶିବିର ଚାଲିବ ଓ ଏପ୍ରିଲ ୨୧ ତାରିଖ ଦିନ ଉଦ୍‌ଯାପିତ ହେବ ବୋଲି ସୂଚନା ପ୍ରଦାନ କରିବା ସହ ସମୁଦାୟ ଶିବିରର ରୂପରେଖ କିପରି ରହିବ ଅବଗତ କରାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ଥାନାର ଏସ୍.ଆଇ. ସରୋଜ କୁମାର ଜେନା, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ପ୍ରାଧାପକ ଶଶିଭୂଷଣ ପାଣିଗ୍ରାହୀ, ଅଧାପକ ରବି ନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇ ସୁସ୍ଥ ମନ ଓ ସୁସ୍ଥ ଶରୀର ପାଇଁ ଏହି ତାଲିମର ଆବଶ୍ୟକତା ବିଷୟରେ ଅବଗତ କରାଇଥିଲେ । ଅଧାପକ ବିବେକାନନ୍ଦ ଦାସବାବୁ, ଅଧାପିକା ଅମିତା ଦାସ, ମଞ୍ଜୁଳା କଳିଆ, ବିଶ୍ୱମ୍ଭର ଜେନା, ନିରୂପମା ହୋତା, କ୍ଷୀରୋଦ ମହାନ୍ତି ଓ ପ୍ରସନ୍ନ ଦାସ ପ୍ରମୁଖ ଯୋଗ ଦେଇ ନିର୍ଭିକତାର ସହ ଜୀବନ ବଞ୍ଚିବାର ଦମ୍ଭ ଏହି ତାଲିମ ମନରେ ଭରିଦେଇଥାଏ ବୋଲି ବ୍ୟକ୍ତ କରିଥିଲେ । ମୋଟ ୩୩୬ ଜଣ ଛାତ୍ରୀ ଶିବିରରେ ତାଲିମ ନେଉଥିବା ବେଳେ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ଚମ୍ପବତୀ, କିରଣବାଳା, ପଲ୍ଲବୀ, ନାନିକା, ଦୁଲାରୀ, ଜ୍ୟୋସ୍ନା , ସାହାଗୀ, ସାଲଗେ , ଜୟନ୍ତୀ ଓ ମମତା ପ୍ରଶିକ୍ଷକ ଭାବେ ତାଲିମ ପ୍ରଦାନ କରୁଛନ୍ତି ।

## ଉଦଳା ଏନ୍.ଏ.ସି. ବସ୍ତି ବାସିନ୍ଦାଙ୍କୁ କଲା ପଟ୍ଟାବଣ୍ଟନ



ଉଦଳା, ୧୧/୦୪ (ନି.ପ୍ର): ଉଦଳା ବିଜ୍ଞାପ୍ତଛ ଅଞ୍ଚଳ ପରିଷଦର ନବ ନିର୍ବାଚିତ କାଉନସିଲ ବଡ଼ିର ପ୍ରଥମ ବୈଠକ ଆଜି ଚୈତ୍ର ଶୁକ୍ଳ ଦଶମୀ ତିଥି ଇଂରାଜୀ ଏପ୍ରିଲ ୧୧ ତାରିଖ ସୋମବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ନଗରପାଳ ପ୍ରମିଳା ପଣ୍ଡା , ସହର ମଧ୍ୟରେ ବସବାସ କରୁଥିବା ନିରାଶ୍ରୟଙ୍କ ପାଇଁ ଆଶ୍ରୟସ୍ଥଳ, ବସ୍ତିବାସିନ୍ଦାଙ୍କୁ ପଟ୍ଟା ବଣ୍ଟନ ଓ ପ୍ରତି ୱାର୍ଡ଼ରେ ଜନଅଭିଯୋଗ ଶୁଣାଣୀ କାର୍ଯ୍ୟକୁ ପ୍ରାଧାନ୍ୟ ଦେଇଥିବାର ଜଣାଯାଇଛି । ତାହାଛଡ଼ା ସହରରେ ପିଇବା ପାଣି, ହଲ୍ଡିଂ ଟ୍ୟାଙ୍କ, ଭେଣ୍ଡିଂ ଜୋନ, ଡ୍ରେନେଜ ସିଷ୍ଟମର ମାଷ୍ଟର ପ୍ଲାନ, ପୋଖରୀ ଗୁଡ଼ିକର ଉନ୍ନତି କରଣ, ଶିଶୁ ଉଦ୍ୟାନ ଓ ଲାଇବ୍ରେରୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଉପନଗରପାଳଙ୍କ ସମେତ ନିର୍ବାହୀ ଅଧିକାରୀ ଓ ସମସ୍ତ ୱାର୍ଡ଼ର କାଉନସିଲର ବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବୈଠକର ଶେଷରେ ସମସ୍ତେ ଛିଡ଼ା ହୋଇ ଏକ ସ୍ୱରରେ ଜାତୀୟ ସଂଗୀତ ଗାନ କରିଥିଲେ । ମୋଟାମୋଟି ଭାବରେ ବେଶ ହସ ଖୁସୀ ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ଆଜିର ବୈଠକ ର ଯବନିକା ପଡ଼ିଥିଲା ।

## ଶ୍ରମିକ ନେତା ଯୋଗେନ ଦାସଙ୍କ ଶ୍ରାଦ୍ଧବାର୍ଷିକ ସ୍ମୃତିସଭା

ବାଲେଶ୍ୱର,୧୧/୦୪ (ନି.ପ୍ର): ବିଶିଷ୍ଟ ଶ୍ରମିକନେତା ସ୍ୱର୍ଗତ ଯୋଗେନ୍ଦ୍ର ପ୍ରସାଦ ଦାସଙ୍କ ୨ୟ ଶ୍ରାଦ୍ଧ ବାର୍ଷିକ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଷ୍ଟେସନ କ୍ଲବ ସଭାଗୃହରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। 'ଯୋଗେନ ଦାସ ସ୍ମୃତି କମିଟି'ର ଅଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ମୃତି ସ୍ମରଣିକା ଲୋକାର୍ପଣ କରାଯାଇଥିଲା। ସ୍ମରଣିକାର ସଂକଳକ ଡଃ. ଅଭୟ କୁମାର ଦାସ ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ଦାସଙ୍କ ବହୁବିଧ ପ୍ରତିଭା ଓ ସଂଗ୍ରାମୀ ଜୀବନ ଆଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସ୍ମୃତିକମିଟିର ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ ଓ ଆଇନଜୀବୀ ପଞ୍ଚାନନ ପରିଡ଼ା, ଶ୍ରମିକନେତା ଜୟନ୍ତ ଦାସ, ନାରୀନେତ୍ରୀ ଶ୍ରଦ୍ଧାଞ୍ଜଳି ରାୟ, କାହ୍ନୁଚରଣ ଦାସ, ଆଇନଜୀବୀ ବିଜୟ ପାଣିଗ୍ରାହୀ, ଏଆଇଟିୟୁସି ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା, କୃଷକ ନେତା ଅରୁଣ ଜେନା, ସଚିନ୍ଦ୍ର ଦାସ, ଡା. ଶାନ୍ତନୁ ଦାସ, ବନ୍ଦନା ପାତ୍ର, ଡା. ବିଭୂତି ଭୂଷଣ ମହାପାତ୍ର ଓ କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ପ୍ରତି ଶ୍ରଦ୍ଧା ନିବେଦନ ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସ୍ୱର୍ଗତ ଦାସଙ୍କ ପତ୍ନୀ ମିନତୀ ଦାସ ଏଥିରେ ମଞ୍ଚାସୀନ ଥିଲେ। ତାପସ ସାହୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସ୍ମୃତିକମିଟି ପକ୍ଷରୁ ଆଇନଜୀବୀ ନିରଞ୍ଜନ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସ୍ୱାମୀର ଉନ୍ମତକାଣ୍ଡ : ସ୍ତ୍ରୀକୁ ନିସ୍ତୁକ ମାଡ଼, ଥାନାରେ ମାମଲା

ନୀଳଗିରି, ୧୧/୦୪ (ନି.ପ୍ର): ଆଜିର ସମାଜରେ ଏବେବି ଯୌତୁକ ଲୋଭି ସ୍ୱାମୀମାନେ ରାକ୍ଷସ ସାଜିଛନ୍ତି । ଯୌତୁକ ପାଇଁ ପିଟି ପିଟି ଚେତାଶୂନ୍ୟ କରି ପକାଇଲା ସ୍ତ୍ରୀକୁ । ସ୍ୱାମୀ ବିଦ୍ୟୁତ୍ ବିଭାଗରେ ଚାକିରି କରିଛନ୍ତି । ବିବାହର ୧୫ବର୍ଷ ପରେ ବି ଯୌତୁକ ଲୋଭୀ ସ୍ୱାମୀ ୨ଲକ୍ଷ ଟଙ୍କା ଯୌତୁକ ଦାବୀ କରିଛି । ସୂଚନା ଅନୁସାରେ ନୀଳଗିରି ଥାନା ଅଧୀନସ୍ଥ ବାଉଁଶବଣିଆ ଗାଁର ସୁମତୀ ସ ଙ୍କୁ ଶିଙ୍କାଂଚଳ ଥାନା ଅଧିନସ୍ଥ ଶ୍ରୀକୃଷ୍ଣପୁର ଗାଁର ଗୁରା ବେହେରାଙ୍କୁ ବିବାହ କରିଥିଲେ । ବିବାହ ସମୟରେ ବାପଘର ସମସ୍ତ ଯାନି ଯୌତୁକ ଦେଇଥିଲେ । କିଛି ମାସ ପରେ ଶାଶୁଘର ଲୋକେ ସ୍ୱାମୀ ସମେତ ଅଧିକ ୨ଲକ୍ଷ ଟଙ୍କା ଯୌତୁକ ମାଗିଥିଲେ । ଯୌତୁକ କଥାକୁ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଶାଶୁ କମଳିନି, ଦିଅର ଆଶିଷ, ଯାହା ସୁଜାତା, ନଣନ୍ଦ ଖୁଲଣା ଦାସ, ନୟନା ବିଶୋଇ, ନଣଦେଇ ଉମାକାନ୍ତ ଦାସ ପ୍ରମୁଖ ଏକତ୍ରିତ ହୋଇ ସୁମତୀକୁ ନିସ୍ତୁକ ମାଡ଼ ମାରିଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଛି । ଏପରିକି ମାରିଦେବା ଉଦ୍ଦେଶ୍ୟରେ ଏକ ରୁଦ୍ଧ କୋଠରୀରେ ପୂରାଇ ମାଡ଼ ମାରିଥିବାର ଅଭିଯୋଗ ହୋଇଛି । ଖବର ପାଇ ସୁମତୀର ଭାଇ ଲୋକନାଥ ସ ଓ ସଂପର୍କୀୟମାନେ ପହଂଚି ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ନୀଳଗିରି ମେଡିକାଲରେ ଭର୍ତି କରିଛନ୍ତି । ନୀଳଗିରି ପୋଲିସ ଘଟଣାର ତଦନ୍ତ କରୁଛି ।

## କଥାକାର ସ୍ୱର୍ଗତଃ କୁମାର ଚକ୍ରବର୍ତ୍ତୀଙ୍କ "ଅପରାହ୍ନର ଛାୟାବୀଥି" ପୁସ୍ତକ ଲୋକାର୍ପିତ




ବାଲିଆପାଳ, ୧୧/୦୪ (ନି.ପ୍ର): ବାଲିଆପାଳର ବିଶିଷ୍ଟ କଥାକାର ସ୍ୱର୍ଗତଃ କୁମାର ଚକ୍ରବର୍ତ୍ତୀଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳିସଭା ଓ ପୁସ୍ତକ ଲୋକାର୍ପଣଉତ୍ସବ ଅନୁଷ୍ଠିତ ହୋଇଯାଇଛି । ହାସିମପୁରସ୍ଥିତ ବାସଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ରେବତୀ ପତ୍ରିକାର ସଂପାଦିକା ସମାଜସେବୀ ସୁବାସିନୀ ଜେନା, ମୁଖ୍ୟବକ୍ତା ଭାବେ ଦୀନକୃଷ୍ଣ ସାହିତ୍ୟ ପରିଷଦର ସଂପାଦକ ବିପିନ ବିହାରୀ ବିଶ୍ୱାଳ,ସମ୍ମାନୀତ ଅତିଥି ଭାବରେ ରାଜ୍ୟ ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡା, କବି ବ୍ରଜେନ୍ଦ୍ରନାଥ ଗିରି, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିଜୟ କୁମାର ଦେ, ଶିକ୍ଷାବିତ ଚିରଞ୍ଜନ ଦାସ, ସମାଜସେବୀ ବଳରାମ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଚକ୍ରବର୍ତ୍ତୀଙ୍କର ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ସ୍ୱର୍ଗତଃ ଚକ୍ରବର୍ତ୍ତୀଙ୍କ ଶେଷ ଲେଖା ଅପରାହ୍ନର ଛାୟାବିଥି ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ । କବି ସନ୍ୟାସୀ ବେହେରା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ବ୍ଲକ ବରିଷ୍ଠ ନାଗରିକ ପରିଷଦର କୁଞ୍ଜକାନ୍ତ କାନ୍ତ ପାତ୍ର, ବୀରମାଧବ ଦାସ, ପୂର୍ଣ୍ଣଚନ୍ଦ୍ର ରାଜ, ଜଗନ୍ନାଥ ମହାନ୍ତି, କମଳ ଲୋଚନ ପିଳା, ପୂର୍ବତନ ସରପ ମୁରଲୀ ମୋହନ ସାହୁ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଗ୍ରାମବାସୀ ଓ ଆତ୍ମୀୟସଜନ ମାନେ ଉପସ୍ଥିତ ଥିଲେ । କନିଷ୍ଠ ପୁତ୍ର ଆଶିଷ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାରିପଦା ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ




ବାରିପଦା, ୧୧/୦୪ (ନି.ପ୍ର): ବାରିପଦା ବ୍ଲକସ୍ତରୀୟ ବିଜ୍ଞାନମେଳା ମହାରାଣୀ ପ୍ରେମ କୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାରିପଦା ବ୍ଲକ ଓ ମ୍ୟୁନିସିପାଲିଟି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ସମୂହରେ ୮୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବର୍ଗିରିପୋଷି ବ୍ଲକ ଶିକ୍ଷା ଅଧିକାରୀ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌତମ କୁମାର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିଲେ । ବାରିପଦା ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତି ପଟ୍ଟନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସମାରୋହରେ ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରହରି ଦତ୍ତ, ଅତିରିକ୍ତ ବ୍ଲକଶିକ୍ଷା ଅଧିକାରୀ ବ୍ରଜମୋହନ ମୁର୍ମୁ ସମ୍ମାନନୀୟ ଅତିଥିଭାବେ ଯୋଗଦେଇଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟଲକ୍ଷ୍ମୀ ନାୟକ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସଂଜୟ କୁମାର କଳିଆ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୃତୀ ଶିକ୍ଷକ ଓ ଶମୀଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ ଓ ସଂଯୋଜନା କରିଥିଲେ । ଉଦ୍‌ଘାଟନୀ ସମାରୋହରେ ବାରିପଦା ପୌରପାଳିକା ର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିବା ସହ ଉତ୍ସାହିତ କରିଥିଲେ । ମୁଖ୍ୟ ବକ୍ତାଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତ ଓ ଦିପ୍ତୀମୟୀ ନାୟକ ଯୋଗଦେଇଥିଲେ । ଶ୍ରେଷ୍ଠ ବିବେଚିତ ୬ଟି ପ୍ରକଳ୍ପ ଜିଲ୍ଲାସ୍ତରୀୟ ବିଜ୍ଞାନମେଳାରେ ଭାଗନେବେ । ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀ ଭାବେ ଏମକେସି ହାଇସ୍କୁଲର ବର୍ଷା ପ୍ରିୟଦର୍ଶିନୀ,ଏମଟିକେ ୟୁପି ସ୍କୁଲର ବିଦୁସ୍ମିତା ପ୍ରଧାନ, ରାଧାରାଣୀ ଦୟାଭାଇ ୟୁପି ସ୍କୁଲର ସୁସ୍ମିତା ପ୍ରୟଦର୍ଶିନୀ ସିଂହ, ବଳାଙ୍ଗୀ ସରକାରୀ ବାଳିକା ବିଦ୍ୟାଳୟର ରଶ୍ମିତା ମାର୍ଣ୍ଡି, ବଡବ୍ରାହ୍ମଣମରା ହାଇସ୍କୁଲର ପଦ୍ମାବତୀ ସିଂ ଓ ଶ୍ରୀପଦଗଞ୍ଜ ସରକାରୀ ବିଦ୍ୟାଳୟର ଆଶିଷ କୁମାର ଦେ ପୁରସ୍କୃତ ହୋଇଥିଲେ । ବିଚାରକ ଭାବେ ପୂର୍ବତନ ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ ଓ ପ୍ରଧାନ ଶିକ୍ଷକ ଦିଲ୍ଲୀପ ମିଶ୍ର ଯୋଗଦେଇଥିଲେ । ଶିକ୍ଷକ ନାରାୟଣ କିଙ୍କର ଦତ୍ତ, ପ୍ରଦୀପ ନାଥ, ସିଦ୍ଧେଶ୍ୱର ମିଶ୍ର, ପ୍ରଦୀପ ଦେ, ବିଶ୍ୱମିତ୍ରା ଦାସ, ପ୍ରତିମାରାଣୀ ଦାଶ, ଦୀପକ କୁମାର ମହାନ୍ତ, କମଓାଂଶୁ ତ୍ରିପାଠୀ, ମାଧୁରୀ ଦ୍ୱିବେଦୀ, ଅମିତାଭ ମିଶ୍ର, ଗୀତିକା ବେହେରା, ରତ୍ନା ବାନାର୍ଜୀ ପ୍ରମୁଖ କାର୍ଯ୍ୟକ୍ରମ ପରିଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମ ପରିଳନାରେ ସହଯୋଗ କରିଥିଲେ ।

## ସାମ୍ବାଦିକଙ୍କୁ ପୁଲିସର ବେଡି ପ୍ରତିବାଦରେ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ସ୍ମାରକ ପତ୍ର

ଜଳେଶ୍ୱର, ୧୧/୪ (ନି.ପ୍ର): ସମଗ୍ର ରାଜ୍ୟରେ ସାମ୍ବାଦିକ ମାନଙ୍କ ପ୍ରତି ପ୍ରଶସନ ଓ ପୁଲିସ୍‌ର ଅହେତୁକ ଆକ୍ରୋଶ ମନଭାବ ଯୋଗୁଁ ବହୁ ସ୍ଥାନରେ ପ୍ରତିବାଦ ଆରମ୍ଭ ହୋଇଛି । ଜଳେଶ୍ୱର ପରେ ନିଳଗିରିରେ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ନିଳଗିରି ପୁଲିସର ଦବଙ୍ଗ ଗିରି ଯୋଗୁଁ ଜଳେଶ୍ୱର ସାମ୍ବାଦିକ ମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ସାମ୍ବାଦିକ ଲୋକନାଥ ଦଳାଇଙ୍କୁ ପୁଲିସ୍ ରାଗ ରଖି ମିଛ ମାମଲାରେ ଗିରଫ କରିବା, ନିର୍ଯ୍ୟାତନ ଦେବା ଯୋଗୁଁ ସେ ବାଲେଶ୍ୱର ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଚିକିତ୍ସା ବେଳେ ତାଙ୍କ ଗୋଡରେ ବେଡି ପକାଇବା ଅତ୍ୟନ୍ତ ଅମାନବୀୟ ଓ ରୁଗ୍ଣ ମାନସିକତାର ପରିଚୟ ଦେଇଛି । ଗଣତନ୍ତ୍ରର ୪ର୍ଥ ସ୍ତମ୍ଭଭାବେ ସାମ୍ବାଦିକଙ୍କୁ ପୁଲିସ୍‌ର ଏପରି ଆଚରଣ ଶୋଭନୀୟ ବୋଲି ଜଳେଶ୍ୱରର ସବୁ ସାମ୍ବାଦିକ, ବୁଦ୍ଧିଜିବୀ, ଶିକ୍ଷିତ, ବରିଷ୍ଠ ନାଗରିକ, କେତେକ ନେତୃସ୍ଥାନୀୟ ବ୍ୟକ୍ତି ସ୍ୱର ଉତ୍ତୋଳନ କରିଛନ୍ତି । ଆଜି ପୁଲିସ୍ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ସାମ୍ବାଦିକ ମାନେ ଆଇଆଇସି ରୋଜାଲିନ ବେହେରା ଓ ତହସିଲଦାର ସ୍ମୃତିରଂଜନ ମଲିକଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅବନୀ କୁମାର ଚାନ୍ଦ, ସତ୍ୟବ୍ରତ ପ୍ରଧାନ, ରବିନ୍ଦ୍ର ନାଥ ସେନାପତି, ସୁକୁମାର ରଣା, କବିତା ମାନ୍ଧାତା ପ୍ରମୁଖ ଯୋଗ ଦେଇଥିଲେ ।

## ପାହାଡ ପର୍ବତ ଘେରା କୋରାପୁଟର ନାରାୟଣାପାଟଣା ବ୍ଲକରେ ଜିଓର ୪ଜି ଡିଜିଟାଲ ସେବା ଆରମ୍ଭ

ଭୁବନେଶ୍ୱର, ୧୧/୦୪ (ନି.ପ୍ର): ନିକଟରେ ଜିଓ ତାହାର ସମ୍ପୂର୍ଣ୍ଣ ୪ଜି ନେଟୱର୍କ ସହିତ ପାହାଡ ପର୍ବତ ପରିବେଷ୍ଟିତ କୋରାପୁଟ ଜିଲ୍ଲାର ଦୁର୍ଗମ ନାରାୟଣପାଟଣା ବ୍ଲକ ସଦର ମହକୁମା ଓ ନିକଟବର୍ତ୍ତୀ ଗ୍ରାମଗୁଡିକୁ ସଂଯୁକ୍ତ କରିଛି । ଏହାଦ୍ୱାରା ହଜାର ହଜାର ଅଧିବାସୀଙ୍କ ପାଇଁ ଡିଜିଟାଲ ବିପ୍ଳବର ଶୁଭାରମ୍ଭ କରିଛି, ଯେଉଁମାନଙ୍କ ମଧ୍ୟରୁ ଅନେକ ପ୍ରଥମ ଥର ପାଇଁ ୪ଜି ଇଂଟରନେଟ୍ ସେବାର ଲାଭ ଅନୁଭବ କରିଛନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ, ଡାକ୍ତରଖାନା, ପ୍ରଶାସନିକ ସ୍ଥଳ, ଶିକ୍ଷାନୁଷ୍ଠାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ରହିଥିବା ନାରାୟଣପାଟଣା ସହର ସମେତ ଜିଓ ୪ଜି ନେଟୱର୍କ ନିକଟବର୍ତ୍ତୀ ଗ୍ରାମ ବିକ୍ରମପୁର, ମୁଣ୍ଡିଗୁରା, ବଚନାପୁଟ, ଅଂଚଳପୁର ଆଦିର ଅଧିବାସୀଙ୍କୁ ମଧ୍ୟ ଫାଇଦା ପହଞ୍ଚାଉଛି ଏବଂ ଉକ୍ତ ଦୁର୍ଗମ ଅଂଚଳରେ ଏହା ପ୍ରାୟ ୭୦୦୦ ଲୋକଙ୍କୁ ସେବା ଯୋଗାଇ ଦେଉଛି। ଜିଓ ଓଡ଼ିଶା ଟିମ୍ ର ଏହି ତ୍ୱରିତ ପ୍ରୟାସକୁ ସ୍ଥାନୀୟ ବାସିନ୍ଦା, ଛାତ୍ରଛାତ୍ରୀ, ବ୍ୟବସାୟୀ ଗୋଷ୍ଠୀ ଏବଂ ଜିଲ୍ଲା ପ୍ରଶାସନ ସମେତ ସବୁ ମହଲରୁ ପ୍ରଶଂସା ମିଳିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଡିଜିଟାଲ ସଂଯୋଗିକରଣ କ୍ଷେତ୍ରରେ ରହିଥିବା ତାରତମ୍ୟ ଦୂର କରିବାରେ ଜିଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଏହାର ୪ଜି ଡିଜିଟାଲ ଜୀବନରେଖାର ଉପସ୍ଥିତିକୁ ସମଗ୍ର ଦେଶର ଦୁର୍ଗମ ଏବଂ ଆଭ୍ୟନ୍ତରୀଣ ଅଂଚଳଗୁଡିକୁ ଦ୍ରୁତ ସମ୍ପ୍ରସାରିତ କରି ଏପର୍ଯ୍ୟନ୍ତ ଅସଂଯୁକ୍ତ ରହିଯାଇଥିବା ନିୟୁତାଧିକ ନାଗରିକଙ୍କୁ ସଶକ୍ତ କରୁଛି। ଏଥିସହିତ ଗୁଗଲ୍ ଏବଂ ଜିଓ ପକ୍ଷରୁ ମିଳିତ ଭାବରେ ବିକଶିତ ଅତ୍ୟନ୍ତ ସୁଲଭ ଏବଂ ବୈଶିଷ୍ଟ୍ୟରେ ସମୃଦ୍ଧ ସ୍ମାର୍ଟଫୋନ 'ଜିଓଫୋନ ନେକ୍ସଟ' ହଜାର ହଜାର ବ୍ୟବହାରକାରୀଙ୍କୁ ଆନନ୍ଦ ଆଣିଦେଇଛି। ବିଶେଷକରି ଓଡ଼ିଶାର ଆଭ୍ୟନ୍ତରୀଣ ଅଂଚଳରେ ବାସକରୁଥିବା ବୟସ ବର୍ଗ ନିର୍ବିଶେଷରେ ପ୍ରଥମ ଥର ସ୍ମାର୍ଟଫୋନ ବ୍ୟବହାରକାରୀଙ୍କୁ ସୁଲଭ ମୂଲ୍ୟରେ ହାଇ-ଏଣ୍ଡ ସ୍ମାର୍ଟଫୋନ ବ୍ୟବହାର କରିବା ସ୍ୱପ୍ନ ସାକାର କରିବା ଦିଗରେ ସହାୟତା କରୁଛି। ଏହି ପତଳା ସ୍ମାର୍ଟଫୋନ୍ ରେ ହାଇ-ଏଣ୍ଡ ସ୍ମାର୍ଟଫୋନ୍ ଗୁଡିକର ସର୍ବାଧୁନିକ ବୈଶିଷ୍ଟ୍ୟ ସନ୍ନିବେଶିତ ହୋଇଛି ଏବଂ ତାହା ସହିତ ଏହା ଗୁଗଲ୍ ର ସମସ୍ତ ଆପ୍ ଏବଂ ଜିଓର ପ୍ରିମିୟମ୍ ଆପ୍ଲିକେସନସମୂହର ସମ୍ମିଳିତ ଶକ୍ତି ସହିତ ଆସୁଛି ।

## ବାଣିଜ୍ୟ ବିଭାଗର କର୍ମକର୍ତ୍ତାଙ୍କ ସହ ହେଲାନାହିଁ ଆଲୋଚନା : ଆନ୍ଦୋଳନ ହେବ ଜୋରଦାର

ଜଳେଶ୍ୱର, ୧୧/୪ (ନି.ପ୍ର): ଦକ୍ଷିଣପୂର୍ବ ରେଳବାଇକର୍ତ୍ତୃପକ୍ଷଙ୍କ ଉଦାସିନତା, ହେୟଜ୍ଞାନ ଓ ରେଳଯାତ୍ରୀଙ୍କ ପ୍ରତି ବୈମାତୃକଭାବେ ଯୋଗୁଁ ସମଗ୍ର ଉତ୍ତର ବାଲେଶ୍ୱର ବିଭିନ୍ନ ଷ୍ଟେସନରେ ରେଳ ଆନ୍ଦୋଳନ ହେବ ବୋଲି ଜଣା ଯାଇଛି । ମଂଗଳବାର ଲକ୍ଷ୍ମଣନାଥରୁ ହଳଦୀପଦା ସମସ୍ତ ଷ୍ଟେସନରେ ରେଳ ଆନ୍ଦୋଳନ ହେବାକୁ ଥିବା ବେଳେ ଆଜି ରେଳ କର୍ତ୍ତୃପକ୍ଷ ଏଠାକୁ ଆସିଥିଲେ ମଧ୍ୟ ଆନ୍ଦୋଳନକାରୀ ସେମାନଙ୍କ ସହ କୌଣସି ଆଲୋଚନା କରିନଥିବା ଜଣାଯାଇଛି । କୋଭିଡ୍ କଟକଣା ହଟିଥିଲେ ମଧ୍ୟ ଅଦ୍ୟାବଧି ଖଡଗପୁର ଡିଭିଜନରେ ସମସ୍ତ ପାସେଞ୍ଜର ଟ୍ରେନ ଚଳାଚଳ କରୁନଥିବା, ଏକ୍ସପ୍ରେସ୍ ଟ୍ରେନ୍‌ରେ ସାଧାରଣ ଟିକଟ ନ ମିଳିବା, ପୂର୍ବରେଳଭଡା ଠାରୁ ୩୫ ପ୍ରତିଶତ ଅଧିକ ନେବା, ବରିଷ୍ଠ ନାଗରିକ, ମହିଳା, ଭିନ୍ନକ୍ଷମ ଓ ଛାତ୍ରଛାତ୍ରୀଙ୍କ ଲାଗି ଥିବା ସୁବିଧାସୁଯୋଗ ନ ମିଳିବା, ମାସିକିଆ ଓ ତ୍ରୟମାସିକ ଟିକଟ ନ ମିଳିବା, ସର୍ବୋପରି ସମସ୍ତ ଟ୍ରେନ୍ ଚଳାଚଳ କରୁନଥିବାରୁ ବିଭିନ୍ନ ପର୍ଯ୍ୟାୟରେ ଜଳେଶ୍ୱର, ରାଜଘାଟ, ଅମର୍ଦ୍ଦାରୋଡ, ବସ୍ତା, ରୂପସା, ହଳଦିପଦା ଓ ଲକ୍ଷ୍ମଣନାଥ ଷ୍ଟେସନରୁ ଆନ୍ଦୋଳନକାରୀମାନେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆସନ୍ତା ମଂଗଳବାର ଉପରୋକ୍ତ ଷ୍ଟେସନରେ ଆନ୍ଦୋଳନ ହେବା ସଂପର୍କରେ କର୍ତ୍ତୃବକ୍ଷଙ୍କୁ ଅବଗତ କରିଥିଲେ । ଆଜି ସେ ସମ୍ପର୍କରେ ସହକାରୀ ରେଳବାଇ ବାଣିଜ୍ୟିକ ପ୍ରବନ୍ଧକ ବବନ କୁମାର ଓ ବାଣିଜ୍ୟିକ ନିରିକ୍ଷିକ ଶୁଭମ୍ କୁମାର ରାଉଳ ପର୍ଯ୍ୟାୟକ୍ରମେ ବିଭିନ୍ନ ଷ୍ଟେସନରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବାକୁ ଚାହିଁଥିଲେ। କିନ୍ତୁ ଦୀର୍ଘଦିନ ଧରି ରେଳ କର୍ତ୍ତୃପକ୍ଷ ଉଦାସୀନ ଭାବେ ରହିଥିବାରୁ ଏବଂ ରାଜି ପାହିଲେ ସମୂହ ଆନ୍ଦୋଳନ ଡାକରା ଦିଆଯାଇଥିବାରୁ ଆଜି କୌଣସି ଆଲୋଚନା ହୋଇନଥିବା ଜଣାଯାଇଛି । ତେଣୁ ଆସନ୍ତା ମଂଗଳବାର ନିର୍ଦ୍ଦିଷ୍ଟ ସମୟରେ ଉପରୋକ୍ତ ଷ୍ଟେସନ ଗୁଡିକରେ ଆନ୍ଦୋଳନ ହେବା ନିଶ୍ଚିତ ହୋଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo